

ପଥଗାମୀ
ଶ୍ରୀ ଶୁକଦେବ ସାହୁ

ଶୁଭଦେବ * * *

# ପ ର ବା ସୀ

0/372
1.6.68

ପ୍ରକାଶ ବୁକ୍ ଷ୍ଟୋର * * *

କଟକ * *

ଦ୍ୱିତୀୟ ସଂସ୍କରଣ—୧୯୫୭

ପ୍ରକାଶକ

ପ୍ରକାଶ ବୁକ୍ ଷ୍ଟୋର

କଲେଜ ରୋଡ଼, କଟକ—୩

ପ୍ରଚ୍ଛଦପଟଃ ରୂପକାର :

ଶ୍ରୀ ଗୋପାଳ କାନୁନ୍‌ଗୋ

କଥାବସ୍ତୁ ମୁଦ୍ରଣ

ଚନ୍ଦ୍ର କିଶୋର ଦାସ

କୃଷକ ପ୍ରେସ

କଟକ—୧

ମୂଲ୍ୟ— ଦେଢ଼ ଟଙ୍କା

373
1. 6. 60.



ବିଶିଷ୍ଟ ଔପନ୍ୟାସିକ ଶ୍ରୀଯୁକ୍ତ କାଳନ୍ଦୀଚରଣ ପାଣିଗ୍ରାହୀ ଏହାର ସମାଲୋଚନାରେ କହିଛନ୍ତି—'ଲେଖକଙ୍କ କଲମରୁ ବିପୁଳ ଅଶ୍ରୁର ଉତ୍ସ ଝରି ପଡ଼ିଛି । ଓଡ଼ିଆ ପରବାସୀ ସବୁଠାରେ ହିଁ ଯେପରି ପରବାସୀ ରହି ଯାଉଛି । ଆପଣା ଘରେ ପୁଣି ସୁଦୂର ବିଦେଶରେ କାହିଁହେଲେ ଯାକୁ ମଣିଷ ପରି ମୁଣ୍ଡ ଗୁଞ୍ଜିବାକୁ ଟିକିଏ ଠାବ ମିଳୁନାହିଁ । ଓଡ଼ିଆ ଜୀବନର ଏଇ ଜମାଟ ବନ୍ଧା ଅଶ୍ରୁକୁ କିନ୍ତୁ ଲେଖକ ଠାବ କରି ପାରିଛନ୍ତି । ଏହା ତାଙ୍କ ଲେଖନୀ-କୃତିତ୍ୱର ବାସ୍ତବ ପରିଚୟ । ସରଳ ସୁନ୍ଦର ଭାଷା ଶିଙ୍ଗଶିଉଳୀ ଫୁଲ ପରି ନିଃଶବ୍ଦରେ ଝରି ପଡ଼ୁଛି । ତାଙ୍କର ଭାଷା, ବର୍ଣ୍ଣନା ବିଭୁଷା, ପ୍ରକୃତି ଚିତ୍ରଣ ଓ ଚରିତ୍ର ଗଠନ ଦିଗରେ ଯେଉଁ ଅନ୍ତର୍ଦୃଷ୍ଟିର ପରିଚୟ ମିଳେ, ତାହା ତାଙ୍କୁ ଔପନ୍ୟାସିକ ମହଲରେ ସୁପ୍ରତିଷ୍ଠିତ କରିଛି ।'

ନଂ........
ତା........

ମାନନୀୟ ମହେଶ୍ୱର ଭାଇ,

ତମେ ମୋତେ ଦିନେ ଆଲୋକ ଦେଖାଇ ଡାକି ନେଇଥିଲ । ଜୀବନର ଅମଡ଼ା ପଥରୁ ସବୁ ଦୁଃଖ କଷ୍ଟ ଭୁଲି ମୁଁ ଚାଲିଥିଲି ଦୁନିଆର ନୂଆ ପଥରେ—ତମରି ଆଲୋକ କଣାଟିକ ପାଥେୟ କରି । ତମରି ପ୍ରେରଣାରେ କେତେ ବାଟ ଆଗେଇ ଆସିଲି ଆଜି ଜାଣେ ନା—କିନ୍ତୁ ଏତିକି ଜାଣେ ତମରି ଆଦର୍ଶ, ସ୍ନେହ, କରୁଣା ମୋର ଜୀବନର ସବୁ ଅନୁଭୂତିର ପଛେ ପଛେ ଆଲୁଅ ପରି ଖେଳି ବୁଲୁଚି ।

ଦୁଃଖ କଷ୍ଟ ଝଡ଼ ବତାସ ଅଙ୍ଗେ ଲିଭେଇ ତମେ ହୋଇଚ ମଣିଷ—ପୁଣି ଏଇ ଅବାଞ୍ଛିତ ପରବାସୀ ଜୀବନ ବରି ନେଇଚ ହସି ହସି । ଏଣୁ ତମ ପାଖରେ ମୁଣ୍ଡ ମୋର ଯୁଏଁ ଯୁଏଁ ନଇଁ ପଡ଼ିଚି ଶ୍ରଦ୍ଧା ଓ ଭକ୍ତିରେ । ପରବାସୀ ଜୀବନର ଦୁଃଖ ଦରଦଭରା କରୁଣ ଅନୁଭୂତିକୁ ମୁଁ ସ୍ମୃତି ଉପରେ ପକାଇ ଲେଖିଲି ଏଇ କ୍ଷୁଦ୍ର ଉପନ୍ୟାସ 'ପରବାସୀ' । ତମରି ହାତରେ ଦେଲି । ତମେ ମୋ ଦେଶର ଶହ ଶହ ଓଡ଼ିଆ ଭାଇଙ୍କ ପରି ହୋଇଚ ପରବାସୀ, ତେଣୁ ତମେ ବୁଝିବ ପରବାସୀ ଜୀବନର ପରିଚଭରା ଲୁହ ନିଗିଡ଼ା କଥା ।

ସ୍ନେହର
**ଶୁକ**

"ମଳନା ଏ ମାଟି ତୋହରି ମା'ଟି ଜୀବନ ଧାତ୍ରୀ ତୋର
ଝଷ୍ଠନେ ପଡ଼ି ରହିଛୁ ଦିବସ ରଜନୀ ସଞ୍ଜ ଭୋର ।
ବିପୁଳ ଏହାରି ସ୍ତନ୍ୟ ଦାନେରେ ବିପୁଳ ଏହାରି ସ୍ନେହେ
ପୁଷ୍ଟ ହୋଇଛି ଅଙ୍ଗ ତୋହର ବର୍ଣ୍ଣ ଫୁଟିଛି ଦେହେ ।
ଏ ତୋହ ମାଆର ବକ୍ଷ ଉଜ୍ଜ୍ୱଳା ଗର୍ଭର ସେନେହ ଭୁଲି
କେଉଁପର ଆଜ ଭରସା କରିଚୁ ଯନ୍ତ୍ରଚାର ଚୂଲି ।
ଅନା ଅନା ଫେରିବାରେ
ଅନା ଅନା ତୋର ଦୃଷ୍ଟି ଫେରାଇ ମଳୀନ ଏ ମାଟି ପରେ ।'

ଶ୍ରୀ ରାଧାମୋହନ ଗଡ଼ନାୟକ



—୧—

ସ୍ୱପ୍ନପୁର । ଏ ପାଖରେ ବାରମୂଳ, ସେ ପାଖରେ ଶନ୍ତପୁର । ଠିକ ତା'ର ମଝିରେ ଛୋଟିଆ ଗାଁଟି ସ୍ୱପ୍ନପୁର । ପୂର୍ବରେ ବଗାନ ଆମ୍ବ ତୋଟା—ସୂର୍ଯ୍ୟ କିରଣ ପଡ଼େନା ସେଠି । ପଶ୍ଚିମରେ ମଶାଣି—ଖାଲି ହାଡ଼, ମୁଣ୍ଡ, ଅଙ୍ଗାର । ଦକ୍ଷିଣରେ ଗୋବରୀ ନଈ, ସରୁ ପାଣି ଧାର—ଶୀତଳ ମନୋହର । ଉତ୍ତରରେ କେନାଲବନ୍ଧ—ଚଳନ୍ତି ଛକ । ଗାଁର ଚାରି ପଟରେ ଛୋଟ ବଡ଼ କେତେ ଗାଁ । ମାଣପୁରା, ଛୋଟି, ମଙ୍ଗଳପୁର, ଠାକୁର ପାଟଣା, ନନ୍ଦସାଇ, ତୋଲ, ଯମରା···ଅସୁମାରି ଗାଁ—ମଣିଷ ।

ରାମପୁର ଗାଁଟି ଛୋଟିଆ । ତିରିଶି ଚାଳିଶିଟି ଘର । ଅଧିକାଂଶ ଚାଷୀ । ସାରା ବରଷ ବିଲରେ ଖଟନ୍ତି । ମାଟି ଉପରେ ଫସଲ ହସିଲେ ସେମାନେ ହସନ୍ତି—ଫସଲ ମଉଳିଲେ ସେମାନେ କାନ୍ଦନ୍ତି । ମାଟି ସହିତ ସେମାନଙ୍କର ଜୀବନ ତାଳ ଦେଇ ଚାଲିଛି ।

ଗାଁ ମୁଣ୍ଡ ସଜନା ଗଛମୂଳେ ନିଧି ପଧାନର ଘର । ନୂଆଣିଆ ଚାଳ ଘର ଖଣ୍ଡେ—ଦୁ'ଚାରି ବଖରା । ଘର ଆଗରେ କେଉଁ ପୁରୁଣା ଅମଳର କୂଅ—ବୟସ ତା'ର ପୂରି ଆସିଲାଣି । ଘରର ଉତ୍ତର ଆଡକୁ ଚଉରା । ଦକ୍ଷିଣକୁ ବାରି—କେରୁନିଆ ଶିଙ୍ଘୁବାଡ଼ ବୁଲୁଚି ଚାରି ପଟେ । ବାରିତଳକୁ ନିଧି ପଧାନର ଜମି ଦୁ'ମାଣ । ଗୋଟିଏ ଚକ—ସୁନାଥାଳ ଜମି । ନିଧି ପଧାନର କେତେ ପୁରୁଷର ଜମି ଇଏ କହି ହେବନି । କେବଳ ନିଧି ପଧାନ ଏତିକି ଜାଣେ ତା'ର ବାପ ଦାଦି ଅମଳର ଜମି ଇଏ । ଏହାରି ଯୋଗେ ତାଙ୍କରି ସୁଖର ସଂସାର ସବୁବେଳେ ସୁନା ପରି ହସୁଥାଏ ।

ନିଧି ପଧାନକୁ ବୟସ ଆସି ଦୁ'କୋଡ଼ି ପନ୍ଦର ଡେଇଁଲାଣି । ଜୀବନ ଉପରେ ତାର ଆଞ୍ଚ ଆସିଲେ ବି ଯଉବନ ତାର ମଉଳି ନାହିଁ । ଲୁହାପରି ମଣିଷଟାଏ—ଦିନରାତି ଖଟି ଯାଏ । ସେ ଜାଣେ ଜୀବନଟା ଖାଲି ଖଟିବା ପାଇଁ ଗଢ଼ା । ଲୁଗା ଖଣ୍ଡିକ ଆଣ୍ଠୁ ଲୁଚେନା । ବାର ଭଜା ତେର ତରକାରୀ ତା ଘରେ ହୁଏନା । ମୋଟା ଛୋଟା ଯା ଯେତେବେଳେ ମିଳିଲା । କେତେବେଳେ ପଖାଳକୁ ଶାଗ ଭଜା ଟିକେ ନଇଲେ ବା କଞ୍ଚା ଲଙ୍କା ଖଣ୍ଡେ । କେତେବେଳେ ଖାଲି ଭାତ—ବିରି ଡାଲି ଟିକେ । ଉମି ବୋଉବି ସେମିତି । ସ୍ୱାମୀର ମନ ଜାଣି ସେ ଘର ସଂସାରର ସବୁ ହାନିଲାଭ ଚଳାଇ ନିଏ ।

ସେଇ ଦ'ମାଣ ଜମି ଓ ବାଡ଼ିରୁ ଯା ଆମଦାନି ହୁଏ—ସେଇଥିରେ ନିଧି ପ୍ରଧାନର ସଂସାର ଚଳିଯାଏ । କା' ହାତକୁ ଅନାଇବା ଲୋକ ନିଧିଆ ନୁହେଁ । ସେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଖଟେ । କି ବରଷା କି ଶୀତ । ସବୁ ସେ ପଥର ପରି ଅଙ୍ଗେ ନିଭେଇ ଖାଲି ଖଟି ଯାଏ । ଗାଁର ଭଲ ମନ୍ଦ, ନ୍ୟାୟ, ନିଶାପରେବ ବେଳେବେଳେ ନିଧି ପ୍ରଧାନକୁ ଡକରା ହୁଏ ।

ନିଧି ପ୍ରଧାନ ତିନିପୁଅ, ଦି ଝିଅର ବାପ । କିନ୍ତୁ ଗୋଟି ଗୋଟି ହୋଇ ଦ' ପୁଅ ଗୋଟିଏ ଝିଅ ନିୟତି ଡାକରାରେ ସେ ପୁରକୁ ଚାଲି ଯାଇଛନ୍ତି । ଅଛନ୍ତି ଖାଲି ଗୋଟିଏ ପୁଅ ଓ ସବା ସାନ ଝିଅଟି । ପୁଅଟି ନାଁ ଚଇତା—ଝିଅଟି ନାଁ ପାର୍ବ । ପାର୍ବ ଦ' ବରଷ ହେଲା ବାହା ହୋଇ ସାରିଲାଣି । ଏ ଭିତରେ ଜନ୍ମମାଟି କେତେଥର ମାଡ଼ି ଶାଶୁଘରକୁ ବାହୁଡ଼ି ଗଲାଣି ।

ଚଇତା ଅଠର ବରଷର ଜୁଆନ ଭେଣ୍ଡା । ବାପପରି ଲମ୍ବା ବଳିଷ୍ଠ ଦେହହେଡ଼ା । ଦେହର ରଙ୍ଗ ତାର କଳା ହେଲେ କଣ ହେବ ଭଅଁର ପରି ଚକ୍‌କଣ ଚଢ଼ଣଟି ପୁରିଲା ପୁରିଲା ଦେହକୁ ବେଶ୍ ମାନେ ।

ପାର୍ବ ବାହାଘର ସରିଲା । ନିଧି ପ୍ରଧାନ ମୁଣ୍ଡରୁ ଗୋଟିଏ ବୋଝ ସିନା ଖସିଲା ହେଲା—ପୁଣି ଆଉ ଗୋଟିଏ ବୋଝ ମାଡ଼ି ଆସିଲା । ପୁଅ ବାହାଘର ପାଇଁ ନିଧି ପ୍ରଧାନ ମୁଣ୍ଡ ଘୁରେଇଲା । ବୁଲି ବୁଲି ଶେଷକୁ ପାଟପୁର ଗାଁର ବରଜୁ ରାଉତ ଘରେ ସମ୍ବନ୍ଧ ପଡ଼ିଲା । ବରଜୁ ରାଉତର ବଡ଼ ଝିଅ କନକ—ଦେଖିବାକୁ କି ସୁନ୍ଦର !

—ପରବାସୀ— —ତିନି—

ସୁନାପରି ଦେହ—ମୁହଁଟି ଗୋଲ ଠିକ୍ ପୁନେଇ ଚାନ୍ଦ ପରି । ଭସାଣିଆ ଆଖି ଗୋଟିଏ ଚାଉଳରେ ଗଢ଼ା । ଦେଖିଲେ ଘଡ଼ିଏ ମନ ପୂରେଇ ଚାହିଁବାକୁ ଇଚ୍ଛା ହୁଏ ।

ସେଇଆକୁ ନିଧି ପଧାନ ତା ଘରର କୁଳଲକ୍ଷ୍ମୀ କରି ଆଣିବାକୁ ସ୍ଥିର କଲା । କିନ୍ତୁ ଚଇତା ସେଠି ବାହା ହବାକୁ ମଙ୍ଗିଲା ନାହିଁ । କିଏ ତାକୁ କହିଲା ଦେଖିବାକୁ କାଳିଠାଏ । ଚଇତାର ଷୋଳପଣ ଇଚ୍ଛାଥିଲା ତାଙ୍କର ଗାଁରେ ମଦନ ଜେନା ଝିଅ ନୟୂମାକି ବାହା ହେବାକୁ ।

ନୟୂମା—ପଦ୍ମ ଫୁଲପରି ଢଳ ଢଳ ସୁନ୍ଦରୀ ନୟୂମା । ଚଇତା ତାକୁ ପିଲାବେଳୁ ଦେଖିଆସିଚି ଅତି ଆପଣାର ପରି । ମନେ ମନେ ଛପି ରହିଛି କେତେ ଆଶା—କେତେ ଅଜଣା ବାସନା । ନୟୂମାକି ଯେବେ ସେ ବାହା ହୁଅନ୍ତା ତେବେ ତାର ଏଇ ଫୁରିଲା ପୁରିଲା ଗୋରା ଢକ ଢକ ଗାଲରେ ବହେ ଚୁମ୍ବନ ଦେଇ ଉଡ଼ି ନିଅନ୍ତା କୋଳକୁ । ପରକ୍ଷଣରେ ମନର ବାସନା ହଜିଯାଏ କାହିଁ କେତେ ଦୂରରେ । ଅତୀତର ସୁଖ ମୁଖର ସ୍ମୃତି ଗୁଡ଼ା ଖାଲି ଉଙ୍କିମାରେ ମନରେ । ଚଇତାର ସାରା ଶରୀର ତୀବ୍ର ବେଦନାରେ ଭରି ଉଠେ ।

ଦିନକର କଥା ।

ସବୁଦିନ ପରି ସୁରୁଯ ଦେବତା ଲୁଚିଗଲେ ଦୂର ପାହାଡ଼ ସେ ପଟରେ । ଗାଁ ଗଣ୍ଡା, ବିଲ ବାଡ଼ି, ନଈନାଳ, ସବୁଆଡ଼େ ଛୁରିକ ପଡ଼ିଲା କେତେ ରଙ୍ଗ । ସେ ପାଖରେ ଧଳା ସୂର୍ଯ୍ୟ ବଦାମ୍ଭ

ନେଲେ । ଦିବସର କେତେ ଇତିହାସ, କେତେ ସକରୁଣ ଅଭିବ୍ୟକ୍ତି ଉଭିଗଲା ଦୂର ବନାନୀର ଅସ୍ତରାଗ ଭିତରେ—ଜୀବନର ସବୁକଥା ଯେପରି ମରି ମରି ଆସେ ମରଣର ସୀମାହୀନ ଅନ୍ଧକାର ତଳେ । ଜ୍ୟୋତ୍ସ୍ନାର କଅଁଳ ଆଲୁଅରେ ଘର ଦୁଆର ଚକ୍‌ଚକ୍ କରି ଶାନ୍ତି ପିନ୍ଧି ହସି ଉଠିଲା ।

ସଞ୍ଜପହର ଗଡ଼ି ଗଲାଣି ! ଚଇତା ମନଖୁସିରେ ଯାଇଁ ନଯୂମୀ କତିରେ ପହଞ୍ଚିଲା । ନଯୂମୀର ବୋଉ ଘରେ ନାହିଁ—ବାପା ଯାଇଚି ଗାଁ ଶାମ ସେଣ ଘରକୁ । ଚଇତାକୁ ଦେଖି ନଯୂମୀ କଥା କହିଲା ନାହିଁ । ଚଇତାର ଦୋଷ ହେଇଚି—ସେ ଗୃହଦାନ ହେଲା ନଯୂମୀ କତିକି ଆସି ନାହିଁ । ନଯୂମୀର ବାପ ମା ଚଇତାକୁ ଆପଣାର ପର ଦେଖନ୍ତି । କେବେ କେବେ କୁହନ୍ତି ନଯୂମୀ-ସାଙ୍ଗରେ ଯଦି ଚଇତାର ବାହାଘର ହୁଅନ୍ତା ତେବେ ବାରବାକୁ କେହି ନଥାନ୍ତା । ଚଇତା ନଇତି ଆସେ ନଯୂମୀ କତିକି । ନଯୂମୀର ବାପ, ମା ବାଧା ଦିଅନ୍ତି ନାହିଁ । ସେ ମନେ ମନେ ଠିକ୍ କରିଚନ୍ତି ନଯୂମୀକୁ ଦିନେ ଚଇତା ହାତରେ ସମର୍ପି ଦେବେ । ନଯୂମୀର ରୋଷ ଦେଖି ଚଇତା କହିଲା, ନଯୂମୀ କଥା କହିବୁ ନାହିଁ ? ତଥାପି ନଯୂମୀ ଅଟଳ । ଚଇତା ରାଗରେ ଫେରି ପଡ଼ି ଆସୁ ଆସୁ ଦୁଆର ବନ୍ଧଟା ତା ମୁଣ୍ଡରେ ପିଟି ହୋଇଗଲା । ମୁଣ୍ଡଟା ଫାଟି ଖାଲି ରକ୍ତ ବୋହିଲା । 'ଉହୁଁ' ବୋଲି କହି ଚଇତା ବସି ପଡ଼ିଲା । ନଯୂମୀ ଛୁଟି ଆସିଲା । କହିଲା, ଚଇତା ଭାଇ, କଣ ହେଲା ? ଚଇତା ନଯୂମୀକୁ ଦୂରକୁ ଠେଲି ଦେଇ କହିଲା, କାହିଁକି ତୁ ପରା କଥା କହୁ ନଥିଲୁ—ପୁଣି କାହିଁକି ମୋ କତିକି ଆସୁଚୁ । ନଯୂମୀ

ଦେଖିଲା ଚଇତା ଭାଇ ମୁଣ୍ଡରେ ରକ୍ତ । ଆଖି ତାର ଲୁହ ଛଳ ଛଳ ହୋଇ ଆସିଲା । ବାଧା ନ ମାନି ସେ ଚଇତା ଭାଇ ମୁଣ୍ଡରୁ ନିଜ ଲୁଗା କାନିରେ ରକ୍ତ ପୋଛିବାକୁ ଲାଗିଲା । ଚଇତା କହିଲା, ନୟୁମା ତୁ ମୋତେ ଗାଳି ଦେଲୁ କି ? ନୟୁମା ଆଖିରୁ ଝରି ପଡ଼ିଲା ଲୁହ ତମକୁ ତେବେ କେଉଁଦିନ ଗାଳି ଦେଇଚି ଚଇତାଭାଇ ? ଚଇତାର ମନ ନଇଁ ପଡ଼ିଲା ସ୍ନେହରେ । ସେ ନୟୁମା ଆଖିରୁ ଝରି ପଡ଼ୁଥିବା ଲୁହ ପୋଛି ଦେଇ କହିଲା, ନୟୁମା କାନ୍ଦୁଚୁ କାହିଁକି—ମୁଁ ହେମିନ୍ତି ତୋ ମନ ବାଡ଼ିବାକୁ କହୁଥିଲି ନା । ନୟୁମାକୁ କୋଳରେ ଚୁପି ଧରିଲା ଘଡ଼ିଏ କାଳ । ନୟୁମା ଲଟାଟିପରି ଚଇତା କୋଳରେ ଛନ୍ଦିହୋଇ ପଡ଼ିଲା ।

ଦିନ ଗଡ଼ିଯାଇଚି । କେତେ ଜହ୍ନରାତି ହଜି ଯାଇଚି ଚଇତା ନୟୁମାର ବୁକୁ ଉପରେ । ଚଇତାର କେତେ ଚାନ୍ଦିଲାପରଶ ନୟୁମାର ଗୁନ୍ଥି ଉପରେ ବାଜିଛି । ଦିନ ଦିନକର କଥା—କାହିଁ କେଉଁଠି ଦୂରରେ ହଜିଯାଏ, ଆଉ ପୁଣି ଥରେ ମିଳେନା । ତା'ର ସ୍ମୃତିର ଶେଷ ସୌରଭଟିକ ଖାଲି ଖାଇରହେ କାଳକାଳକୁ । ଚଇତା—ନୟୁମା । ଗୋଟିଏ ବୃନ୍ତରେ ଦୁଇଟି ଫୁଲପରି ହସି ଉଠିଥିଲେ । କିଏ ଜାଣେ—ଦୁରନ୍ତ କାଳ ଝାଟ ଦୁହିଁଙ୍କ ସୁନା ସପନକୁ ଚୂନା କରି ଭାଜି ଦେବ ବୋଲି !

ଦିନେ ନିଧି ପ୍ରଧାନ ବାରି ବଗିଚୁ ଧଡ଼ା ମେଲୁଥିଲା । ଯୋଗକୁ ମଦନ ଜେନାର ଓଳେଇ ଗାଈ ଦି'ଟା ଯାଇଁ ବଗିଚୁ ଭିତରେ ପଶି କେତେ ଫସଲ ସବୁ ନଷ୍ଟ କରିଦେଲା । ଆଷାଢ଼ ମାସ ।

— ଛଅ —

—ଘରବାସୀ—

ନିଧି ପଧାନ ଦୃଢ଼ ସିଦ୍ଧାନ୍ତ କରି ବଗିଚାରେ କଦଳୀ, ଭେଣ୍ଡି, କାକୁଡ଼ି, ଶାଗ ଇତ୍ୟାଦି ବାରରକମର ଫସଲ ଲଗାଇ ଥାଏ । ନିଧିପ ଧାନ ହାତ ବାଡ଼ି ବାରି ବଗିଚା ସବୁବେଳେ ହସୁଥାଏ । ନିଧିଆ ସେଇଆକୁ ଦେଖିଲେ ତା ପେଟ ପୂରି ଉଠେ । ଘରକୁ ଖାଇ ଯା ଉପୁରି ଆମଦାନି ହେବ ତାକୁ ଗାଁ ହାଟରେ ବିକି ଘର ଖରଚ ମେଣ୍ଟାଇବ । କିନ୍ତୁ ଦେଖିଲା ବେଳକୁ ସବୁ ଶେଷ । ମଦନ ଜେନାର ଓଲେଇ ଗାଈଟା ପଶି ସବୁ ଫସଲ ନଷ୍ଟ କରି ଦେଇଚି । ନିଧିଆର ମୁଣ୍ଡ ବିଗିଡ଼ି ଗଲା । ରାଗରେ ମଦନ ଜେନାର ସାତ ପୁରୁଷ ଉଦ୍ଧାର କଲା । ତଥାପି ତାର ରାଗ ଶାନ୍ତ ହେଲା ନାହିଁ । ମଦନ ଜେନା ନିଜ ଗାଁ ଲୋକ—ସନ୍ତୋଷୀ । ରାତି ପାହିଲେ ମୁହଁ ଚୁହାଁ ଚୁହିଁ । ସବୁ ସେ ଭୁଲିଗଲା । ଗାଈ ଦି'ଟାକୁ ନେଇ ପାଖ ଗାଁ କାଞ୍ଜି ହାଉସରେ ସାଙ୍ଗେ ସାଙ୍ଗେ ଗୁଡ଼ି ଦେଇ ଆସିଲା ।

ମଦନ ଜେନା ଶୁଣିଲା । କଣ କରିବ—ନିଜର ଭୁଲ । ଗାଈ ଦି'ଟାକୁ ଘରେ ବାନ୍ଧି ରଖିଥିଲେ ଆଜି ଏତେ କଥା ହୋଇ ନଥାନ୍ତା । ଗରିବ ବିଚରା—କେତେ କଷ୍ଟରେ ଠଙ୍କା ତିନଟା ଅକାରଣରେ ଗଣି ଗାଈ ଦି'ଟାକୁ ମୁକୁଳେଇ ଘରକୁ ଫେରିଲା । ମନେ ମନେ କଷ୍ଟ ହେଲା, ନିଧି ପଧାନକୁ ସେ ଭାଇପରି ଦେଖେ । ଭଲ ମନ୍ଦରେ ସବୁବେଳେ ତା'ର କଡ଼ିକି ଛୁଟିଯାଏ । ପୁଣି ତା'ର ଝିଅ ନୟୁନାକୁ ଚଇତା ହାତରେ ଦେବ ବୋଲି କେବେଠୁ ମନେ ମନେ ଠିକ କରି ସାରିଚି—ଏତକ ମୁହଁମୋଡ ଟିକେ ନିଧିଭାଇ ରଖିଲା ନାହିଁ ! ଆଜି ବନ୍ଧୁ ବାନ୍ଧିଲା ବେଳକୁ ଅଛି । ମଦନ ଜେନା ମୁଣ୍ଡଟା ବିଗିଡ଼ି ଗଲା । ସେଇ ଦିନଠୁ ଚଇତାକୁ ତା' ଘର ମାଡ଼ିବାକୁ ମନା କଲା ।

ଚଇତା ଯେତେ ବୁଝାଇଲା—ମଦନ ବୁଝିଲା ନାହିଁ । ଏକବାଗିଆ ଲୋକଟା—ଯା ବୁଝିଥିବ ସେଇଆ । ସାମାନ୍ୟ ଘଟଣାରୁ ନୟୂମା ଚଇତାର ସବୁ ସୁଖ ସପନ ପୋଡ଼ି ପାଉଁଶ ହୋଇଗଲା ।

ଚଇତା କିନ୍ତୁ ନୟୂମାକୁ ଭୁଲି ପାରିଲା ନାହିଁ । ସବୁବେଳେ ତାକୁ ଦେଖିବାକୁ ତାଙ୍କ ଘର ବାଟେ ବାଆଁରେଇ ଯିବା ଆସିବା କରେ । ବେଳେ ବେଳେ ସେ ନୟୂମାକୁ ଦେଖେ କବାଟ କଣରୁ—ବେଳେ ବେଳେ କୂଅ ମୂଳେ—ତଇଁସ ବଣରେ । ନୟୂମା ଚାହିଁ ରହେ ଚଇତାକୁ—ଆଖିରେ ତାର ଲୁହ ଭରି ଆସେ । ଚଇତାର ହୃଦୟରେ କିଏ ହାତୁଡ଼ି ଧରି ପିଟେ । ଇମିତି ସେ ନୟୂମାକୁ ଦୂରରୁ ଦେଖି ଫେରେ ।

ଚଇତା ଜିଦ୍ ଧରି ବସିଲା ସେ ସେଠି ବାହା ହେବନି, କିଏ ତାକୁ ମିଛରେ କହିଲା, ବରଜ୍ ଗଉଡ ଝିଅଟା ଜହ୍ନି ମଞ୍ଜି ପରି କାଳୀ—ଅସୁନ୍ଦରୀଟାଏ । ବାପା ତାର ଅନେକ ବୁଝାଇଲା—ସେ ବୁଝିଲା ନାହିଁ । ବିଧି ପ୍ରଧାନ ମନଟା ଦୁଃଖରେ କରତିହେଲା । ସେ ଖାଇଲା ପିଇଲା ନାହିଁ । ବୋଉ କହିଲା, ଚଇତା, ବାପ ସିଏ ତୋର, ସେ କଣ ତୋତେ ଭଲରେ ଘର କରିବାକୁ କି ସୁଖରେ ରହିବାକୁ ଚାହେଁନା । ଛିଃ ଧନଟା ପରା—ବାପ କଥାରେ ଅମତ ହୋନା । ତାଙ୍କ ମନ ଦି ଦିନ ହେଲା ଭଲ ନାହିଁ । ଯା ତାଙ୍କ ମନରେ ଟିକିଏ ଶାନ୍ତି ଦେ । ଆମର ଦିନକାଳ ତ ପୂରି ଆସିଲାଣି । ଆଉ କେଇଟା ଦିନ ତୋର ହସ ଖେଳର ସଂସାର ଦେଖି ଟିକିଏ ସୁଖରେ କଟୁ । ଚଇତାର ବିଗିଡ଼ା ମନଟା ବାଟକୁ ଫେରିଲା ।

—ଆ ୦—

—ପରବାସୀ—

ଗଲା ବରଷ ଫଗୁଣ ମାସରେ ଚଇତାର ବରକୁ ସାଉତ ଝିଅ କନକ ସାଥିରେ ବାହାଘର ହୋଇଗଲା । ବାହାଘର ସାତ ନିଧି ପଧାନ ଟିକିଏ ଶାନ୍ତିରେ ନିଶ୍ୱାସ ମାରିଲା । ଗାଁ ଗୋଟାକରେ ଚହଳ ପଡ଼ିଲା ନିଧି ପଧାନ ବୋହୂଟି ଲକ୍ଷ୍ମୀ ପରି । ଖୁଣିବାକୁ କେହି ନାହିଁ । ନିଧି ପଧାନ, ଜମି ବୋଉ ଗୁଡି ଗର୍ବରେ ଫୁଲି ଉଠିଲା । ଆଉ ଚଇତା—ତା'ର ଅବୁଝା ମନଟା ଘର ଧରିଲା । ଅଶାତର କ୍ଷଣିକ ଉତ୍ତେଜନାର ଭୁଲ ପାଇଁ ଅନୁତାପ କଲା ।

ମଧୁଶଯ୍ୟା ରାତି । ଗାଁ ଲେଖାରେ ଯିଏ ଭାଉଜ ହେବେ—ସେ ହସି ହସି ଆସି ଆଗେ ଚଇତାକୁ ଘରେ ଗୁଣ୍ଡିଦେଇ ଗଲେ । ଆଉ କହିଲେ, ଦେଖ କାଳୀ ବୋହୂ ବୋଲି ସିମିତି କରି ଛାଡ଼ା ନଦିଅ । ଚଇତା ମୁହଁରେ ଫୁଟି ଉଠିଲା—ପରିତୃପ୍ତିର ହସ । ଟିକିଏ ପରେ ଚଇତା କତିରେ କନକକୁ ଆଣି ଭାଉଜ ଗୁଣ୍ଡି ଦେଇ ଗଲେ । କନକ ଆସୁ ନଥିଲା—ଘଡ଼ିଏ ଜିଦ୍ କଲା । ଭାଉଜ ବୋଉ ଶେଷକୁ ଟାଣି ଟାଣି ଆଣି ଚଇତା ହାତମୁଠାରେ ତା ହାତ ଧରାଇ କହିଲା, ନିଅ ତମର କନକକୁ—ଏବାର ମୋର ଛୁଟି । ଭାଉଜ ହସି ହସି କବାଟ ଆଉଜାଇ ନେଲେ ।

ଶୁକ୍ଳ ପକ୍ଷ ! ଦଶମୀ ଜହ୍ନର ମେଘ ମଉଳା ଫିକା ଆଲୁଅ ବାତାୟନ ଦେଇ ଘରେ ପଡ଼ିଚି ଏଣେ ତେଣେ । ରୁଦ୍ଧ କକ୍ଷରେ ଦୀପଟି ଜଳୁଚି—କ୍ଷୀଣ ଅତି କ୍ଷୀଣ । ଚଇତାର ହାତ ମୁଠାଟି ଖୋଲିଗଲା । କନକ ହାତଟା କାଢ଼ି ଟିକିଏ ଦୂରକୁ ଘୁଞ୍ଚିଗଲା । ଘଡ଼ିଏ ନୀରବ—ପ୍ରଦୀପ ନିସ୍ତେଜ—ନିଷ୍ପ୍ରଭ । ଚଇତା ଗୁଡି

ଭିତରେ ଅଜଣା ସ୍ପନ୍ଦନ । ଧୈର୍ଯ୍ୟର ବାଲି ବନ୍ଧ ଭାଙ୍ଗିଗଲା । ପାଗଳ ପରି ଚଇତା ଟାଣି ଆଣିଲା କନକକୁ ନିଜ କୋଳକୁ । ଓଢ଼ଣା ମୁହଁରୁ ଟାଣି ଦେଲା । କନକ ଦେହରୁ ଲୁଗା ପାଲେ ଖସି ପଡ଼ିଲା । କନକର ସୁନ୍ଦର ରୂପଛବି ଦେଖି ଚଇତା ଭୁଲିଗଲା ନିଜକୁ । କନକ ଅଭିମାନିନୀ ପରି କହିଲା, କାହିଁକି—ମୁଁ ତ କାଳୀ—ଅସୁନ୍ଦରୀଟାଏ, ମୋ ସାଙ୍ଗରେ କାହିଁକି ଲାଗିଛ । କନକର ଅଭିମାନଭରା ପ୍ରଶ୍ନର ଉତ୍ତର ଦେବା ଅବସ୍ଥାରେ ଚଇତା ନଥିଲା । ଝରକା ଦେଇ ଝଲକାଏ ପବନ ବହି ଆସିଲା । ଦୀପଟା ଲିଭିଗଲା । ତା' ପରେ ସବୁ ଅନ୍ଧାର—ଅନ୍ଧାରରେ ଦୁଇଟି ଅତୃପ୍ତ ଆତ୍ମା ହଜିଗଲା କାହିଁ କେତେ ଦୂରରେ—କଳ୍ପନା ରାଇଜର ସରଗ ସେ ପଟରେ ।

କନକକୁ ପାଇ ଚଇତା ଭାରି ଖୁସି । ସବୁବେଳେ ମନଟା ତା'ର ପ୍ରାଣ ପୂରାଇ ଦେଖିବାକୁ ଛଟପଟ ହୁଏ । ବାରିତଳ ଜମିରେ ହଳ କରୁ କରୁ କେତେବେଳେ ଚଇତା ଛୁଟି ଆସେ ପାଣି ପିଇବା ବାହାନାରେ କନକକୁ ଦେଖିବାକୁ । କନକ ହସି ହସି ପାଣି ନେଇ ଛୁଟି ଆସେ । ବଟଣିଟା ଧରି ଘଡ଼ିଏ ବଞ୍ଚିଯାଏ । ଟିକିଏ ନିଶ୍ୱାସ ମାରି ବାହୁଡ଼ିଯାଏ ।

ପୁଣି ସେ କାମରେ ଲାଗେ—ଠିକ ଠିକ ମାତାଲ ପରି । ବେଳେ ବେଳେ ମନ ଖୁସିରେ ଗାଇଦିଏ ଉପେନ୍ଦ୍ର ଭଞ୍ଜଙ୍କ ଗ୍ରନ୍ଥରୁ ପଦେ—ବେଳେ ବେଳେ ଭୀମ ଭୋଇ ଭଜନରୁ ପଦେ । ମନଟା ଯେତେବେଳେ ପବନ ପରି ଚଞ୍ଚଳ ଫୂର୍ତ୍ତି ଥାଏ—ସେତେବେଳେ

କେତେ ଆଉ ଉଡ଼ ଉଡ଼ ଧାଏଁ କଳନା କରି ହୁଏନା । ଚଇତା କନକକୁ ପାଇ ସବୁ ଭୁଲିଯାଏ ।

ପୁଅ, ବୋହୂ, ଝିଅଜ୍ୱାଇଁକୁ ନେଇ ନିଧି ପଧାନ ଘରଜଣ । ଇମିତି ତା'ର ଗୋଟିଆ ସଂସାରଟି । ନାହିଁ ଦୁଃଖ, ନାହିଁ ବଡ଼ ଲୋକର ଭୋଗ ବିଳାସର ଚିହ୍ନ । ଉପରେ ନେଳିଆ ଆକାଶ, ଉଦାର ପ୍ରଶାନ୍ତ—ତଳେ ଶ୍ୟାମଳ ଧରଣୀର ମାଟି—ସବୁଜ, ସୁନ୍ଦର । ତା'ରି ଉପରେ କେତେ ମହାଦେଶ, ଦେଶ, ପ୍ରଦେଶ କେତେ ଗାଁ—ତା ଭିତରେ ପୁଣି ଗୋଟିଆ ଗାଁଟି ଘସୁପୁର । କୋଉ ଗାଁରେ ଲେଖା । ନହେଉ ପଛେ ବଡ଼—ହେଉ ପଛେ ଅଜଣା ଅଶୁଣା ତଥାପି ସେ ଗାଁଟି ତାର ଅତି ଆଦରର । ସେଇଠି ସେ ଜନ୍ମ ହୋଇଚି । ଜନ୍ମ ମାଟିର ମମତା ଯେନ ବଡ଼ ହୋଇଚି । ତାର ପୂର୍ବ ପୁରୁଷ କେତେ ସେଇ ଗାଁକୁ ଅଡ଼େଇ ଦିନ ପାଇଁ ଆସି ମରି ହଜି ଗଲେ । ସେ ବି ଦିନେ ଯିବ ।

ନିଧି ପଧାନ ଭାବେ, ଜୀବନଟା ଅଲୋଡ଼ା, ଅସାର । ବଞ୍ଚି ରହିବାରେ କାହିଁ ଆନନ୍ଦ—କାହିଁ ଜାଗରଣ ! ଖାଲି ସ୍ୱପ୍ନ—ଜୀବନଟା ଗୋଟାଏ ବିରାଟ ସ୍ୱପ୍ନ । ସ୍ୱପ୍ନ ତୁଟିଗଲେ ସବୁଶେଷ, ତା'ପରେ ଅସ୍ତିତ୍ୱ ହଜି ଯାଇଥିବ ଗୋଟାଏ ବିରାଟ ମରୀଚିକା ପରି ।

ତାର ବଡ଼ଝିଅ ଉମି—ଦି' ପୁଅ ରତନା, ସୁଦାମ । କାହାନ୍ତି ସେ ସବୁ ଆଜ ? ସବୁ ଆସିଚନ୍ତି ପୁଣି ଚାଲି ଯାଉଛନ୍ତି ଦୂର ଦିଗ୍‌ବଳୟ ସେପଟକୁ । ନିଧି ପଧାନ ସେଇ ଆଡ଼କୁ ଚାହିଁ ବସି ବସି ଭାବେ—ଯେଉଁଠି ସରଗ ଛୁଇଁଚି ମାଟି, ଆକାଶ ଅବନୀର କୋଳାକୋଳି । ତିନୋଟି ପିଲାଙ୍କର ହସ ହସ ମୁହଁ—ଦିଟୋଟି ବଚନ କାନରେ

ବାଜ ଉଠେ । ଚହଲ ଉଠେ ଭାବନା — ଆଖିରୁ ତାର ଝରିପଡ଼େ ଲୁହ ।

ପୁଣି ଭାବନା ବଦଳେ । ଆଖି ଆଗରେ ଭାସି ଉଠେ ତାର ସୁନାର କ୍ଷେତ — ଗୁଣ୍ଡିଆ ଫସଲ । ଚଇତା ପରି ତାର ପୁଅ ଅଛି — ପାଖ ଘର ଝିଅ — କନକ ପରି ବୋହୂ — ଆଜ ଭଙ୍ଗା ହାଡ଼, ଭଙ୍ଗା ଜୀବନର ସାଥି ଉମିବୋଉ । ରଙ୍ଗୀନ ଅତୀତ ନାଚି ଉଠେ । ମନ ଧାଏଁ । କାହିଁ ଅତୀତ — କାହିଁ ବର୍ତ୍ତମାନ । ଉମିବୋଉର ଯୌବନ-ବସନ୍ତ ବିଦାୟ ନେଇଛି — ଅଛି କେବଳ ଅଧମଉଳା ଜୀବନଟା । କେଜାଣି କେତେବେଳେ ଢଳ ପଡ଼ିବ — ଗୋଧୂଳିର ଅସ୍ତରାଗ ଭିତରେ ଜୀବନର ଶେଷ ଆଲୋକ କଣା ଟିକକ ହଜିଯିବ — ଗାଢ଼ଧୂସର ଅନ୍ଧକାର ଗହଣରେ । ତାପରେ ଜୀବନରେ କେବେ ସୂର୍ଯ୍ୟ ଉଠିବ — କିଏ ଜାଣେ ?

ଭାବନାର ସ୍ୱପ୍ନ ରାଇଜରୁ ଫେରିଆସେ ନିଧି ପଧାନର ମନ । ଆଖି ଆଗରେ ବିରାଟ ଦୁନିଆଁ — କେତେ ଘର, କେତେ ମଣିଷ । ସବୁଜ ଧାନକ୍ଷେତ ତାର ହସି ଉଠିଛି । ଭରା ଫସଲ, ଧାନ କ୍ଷେତର ବାସନାରେ ତାର୍ ଅନ୍ତର ଆଶା ଓ ଉଲ୍ଲାସରେ ମହକି ଉଠୁଛି । ସେ ଭାବେ ବଞ୍ଚିବାରେ ଆନନ୍ଦ ଅଛି — ସୁଖ ଅଛି । ଲାଳାୟିତ ସ୍ୱପ୍ନ ଯାଏ ଭାଜି — ସେ କାମରେ ଲାଗେ — ଦିନୁ ଦିନ ।

ଚକ ଘୂରିବୁଲେ । କେତେ ବରଷ, କେତେ ମାସ, କେତେ ଦିନ ଭିଆର ହୁଏ । ପୁଣି ହଜିଯାଏ ମଉଳା ଫୁଲର ଝରା ପାଖୁଡ଼ା ପରି ଅମଡ଼ା ଦୁନିଆର ଅସରନ୍ତି ପଥରେ । ସମୟର ବାଲିଉପରେ ଖାଲି ତାର ଚିହ୍ନ ରହିଯାଏ ।

—ବାର—

—ପରବାସୀ—

—୨—

ବୈଶାଖର ଝଇ ଫୁଟା ଖରା । ଶୁଖିଲା ପୃଥିବୀ—ଗୃହଆଡ଼େ ହତଶିରୀ ଖାଲି ଖାଁ ଖାଁ । ନଗ୍ନଟିଆ ଦି ପହରରେ ସାଇଁ ସାଇଁ ଝାଞ୍ଜି ପବନ ବହି ବାଟୋଇର ତଣ୍ଟି ଶୁଖାଇ ଦେଉଛି । ଚଇତ ଶେଷରୁ ଗାଡ଼ିଆ ଖୋଲରୁ ପାଣି ଶୁଖି ଯିବାକୁ ବସିଲାଣି । ଗଛ ଲତାର କଅଁଳ ଛନଛନ ଦେହ ଝାଉଁଳି ପଡ଼ିଲାଣି । ପକ୍ଷୀଗୁଡ଼ାକ ଆଁ କରି ପତର ଗହଳରେ ନିଜକୁ ଖରା ତାପରୁ ଲୁଚାଇ ବସିଛନ୍ତି ।

ମରୀଚିକା ଦୂରରେ ଝିଲିମିଲି ହୋଇ ନାଚୁଛି—କେଡ଼େ ସୁନ୍ଦର ଦିଶୁଛି ସତେ ! ପଥଚଲା କ୍ଳାନ୍ତ ପଥିକ ଚାଲିଛି କିନ୍ତୁ ଆଶା ତା'ର ମରି ଯାଉଛି । ଦେହରୁ ଝାଳ ପୋଛୁ ଭାବୁଛି ପଥ ମୋର କେବେ ସରିବ । ଖଣ୍ଡିଆ ଭୁତ ବିଲର ଶୁଖିଲା ନଡ଼ା ସମ୍ଭାର ଧୂଳୀ ଓ ଶୁଖିଲା ପାଚିଲା ପତର ଗୋଟାଇ ଗୋଟାଏ ଖମ୍ବ ତୋଳୁଛି.

— ପରବାସୀ —

—ତେର—

ଆକାଶକୁ । ଅକ୍ଷିତୃତୀୟା ଗଲାଣି ଦି ଦିନ ହେବ — ତଥାପି ଆକାଶରେ ଖଣ୍ଡେ ବଉଦର ଦେଖା ନାହିଁ । କୃଷୀ କୂଳ ଆଁ କରି ଅନାଇଛନ୍ତି, ଜମି ଆଉ କେବେ ହଳ ହେବ । କୃଷିଆଡ଼େ ହାହା-କାର — ବୁକୁଫଟା ଛାଡ଼ିଲା ନିଶ୍ୱାସ ।

ନିଧି ପଧାନ ଦେଖୁଛି ଏ ବରଷ ଆଉ ଭଲ ଫସଲ ହେବାର ଆଶା ନାହିଁ । ମୁଣ୍ଡଟା ତାର ଘୂରିଲା ଦେଉଛି । ଗଲା ସନ ଚଇତାକୁ ଚାହା କରିଛି — ଦି ଶହ ଟଙ୍କା କରଜ । ଭାବିଥିଲା ଏ ବରଷ ଘର ଖର୍ଚ୍ଚ ମେଣ୍ଟାଇ ଯା ଉପୁରି ଆମଦାନୀ ହେବ ସେଇଆକୁ ବିକି ସେ ଦେଣା ସୁଝି ଦେବ । କିନ୍ତୁ କାହିଁ ତାର ଆଶାର ଫଳ ।

ଆଶା — ମଣିଷର ଆଶା ଏଇ ଆକାଶ ପରି ବିରାଟ, ମହାନ । କେଇଟା ଦିନକୁ କେତେ କଥା — କେତେ ଭାବନା । ଭବିଷ୍ୟତ ନାଚି ଉଠେ — ଆଶାର ମାୟା ମୃଗ ଦଉଡ଼େ ତାରି ପଛେ ପଛେ । କେତେବେଳେ କେଉଁ ଅଜଣା ଆଲୋକର ପଥରେ ଜୀବନଟା ଯାଇଁ ପଡ଼େ — କେତେବେଳେ ନିରାଟ ମରୁଭୂମିରେ ନିରାଶାର ଝଡ଼ ଉଠେ । ବ୍ୟର୍ଥ ଜୀବନ ଝରିଁପଡ଼େ ହତାଶର ଦୂର ଦିଗ୍‌ବଳୟ ସେ ପଟେଭି । ଜ୍ୟେଷ୍ଠ ଅଧାଅଧି ବେଳକୁ ଆକାଶରେ ଖଣ୍ଡେ ବଉଦ ଦେଖା ଦେଲା । ଅସରାଏ, ଅସରାଏ ବର୍ଷା ହେଲା — ଜୀବନ ପଶିଲା ପୃଥିବୀ ଦେହରେ । ନିଧିପଧାନର ଭଙ୍ଗା ହୃଦୟରେ ଶୀତଳ, ସ୍ନିଗ୍ଧ ପରଶ କିଏ ବୁଲାଇ ଦେଲା । ତଥାପି ତା ମନରେ ଅଶାନ୍ତି । ଯୋଉ ବର୍ଷା ଅସରାଏ ହେଲା କୁଆଡ଼କୁ କାମରେ ଆସିଲା ନାହିଁ — ଭୂଇଁ ଟାଇଁଟାଇଁଆ ଖରା ।



— ପରବାସୀ —

ଦିନେ ସଞ୍ଜବେଳେ । ଦିଗ ହଜା ନିବୁଜ ଅନ୍ଧାର ତଳେ ନିଧି ପଧାନର ଘର ଦୁଆର ହଜି ଯାଇଛି । ଦାଣ୍ଡ ପିଣ୍ଡାରେ ଦିକ ଦିକ ଜଳୁଚି ଲଣ୍ଠନଟା — ପୁରୁଣା ଯାତଟର ମସିଣା ଉପରେ ବସି ବସି ନିଧି ପଧାନ ଭାବୁଚି ଜୀବନର ଅନାଗତ ଦିନର କଥା । ଏତିକି ବେଳେ ଗାଁର ଝୋଲା ସାମୁଲ ଆସି ପହଞ୍ଚିଲା ।

ନିଧିଆ ପଚାରିଲା, କି ସାମୁଲ ପୁଅ, କୁଆଡେ଼ କି ? ସାମୁଲ ହସି ହସି କହିଲେ, କାଲି ଯାଉଚି କଲିକତା — ଯାଉଥିଲି ଏଣୁ ବାଟେ — ଭାବିଲି ପଧାନ ପୁଅକୁ ଟିକେ ଦେଖା କରି ଯାଏ । ପୁଣି କେବେ ଭାଗ୍ୟରେ ଥିଲେ ବରଷେ ଛ ମାସରେ ଗାଁକୁ ଲେଉଟିବା କଥା — ନଇଲେ ନାହିଁ । ପଧାନେ କଅଁଳେଇ ପଚାରିଲେ, ଅଚ୍ଛା ସାମୁଲେ, କଲିକତା ଚାକିରିରୁ ଆମଦାନୀ କିମିତି ହେଉଚି — ବେଶ୍ ଭଲିତ ? ସାମୁଲ କହିଲେ, ହଁ ପଧାନେ ବେଶ୍ ଦି ପଇସା ହୁଏ । ଯୋଉ ହାଡ଼ ଭଙ୍ଗା ଖଟଣି । ବେଳେବେଳେ ଦିକ୍‌ଦାର ଲାଗେ । ପଧାନେ କହିଲେ, ପରିଶ୍ରମ ନକଲେ ଲକ୍ଷ୍ମୀ ଆସେନା ସାମୁଲେ । ସାମୁଲେ କହିଲେ, ତା ସତ ପଧାନେ, ହେଲେ ବିଦେଶୀ ଜୀବନଟା ବଡ଼ ଅଭିଶପ୍ତ ଜୀବନ । ତା ନ ହେଲେ ଅତି ଆପଣାର ଏଇ ଘର ଦୁଆର, ସ୍ତ୍ରୀ ପୁଅ, କୁଟୁମ୍ବକୁ ଛାଡ଼ି ସାତ ସାଇର ତେର ନଦୀ ପାରି ହୋଇ କିଏ ବିଦେଶରେ ମୁହଁମାଡ଼ି ପଡ଼ିରହନ୍ତା । ପଧାନେ ହସିଲେ । କହିଲେ, ଏ ଜୀବନରେ ଆଜି ମୋର ବିଦେଶ ଯିବା ଘଟିଲା ନାହିଁ । ଏଇ ପିତୃ ପୁରୁଷ ଜମିରେ ଖଟି ଖଟି, କେବେ ଦିନେ ତାରି କୋଳରେ ଢଳି ପଡ଼ିବ, କିଏ ଜାଣେ । ଦିନ କାଳର ଆସୁନାହିଁ-

ଯାଉଛି । ଚଇତା ମୋତେ ମୁଠାଏ ମାଟି ଦେଲେ ସେଇ ମୋର ସାରା ଜୀବନର ଶାନ୍ତି ।

ତା'ପରେ ସୁଖ ଦୁଃଖ କେତେ କଥା ପଡ଼ିଲା । ପଧାନ କହିଲେ, ଏ ବରଷ ଆଉ ଫସଲ ହେବାର ଆଶା ନାହିଁ । ଜ୍ୟେଷ୍ଠ ଆସି ସରିବା ଉପରେ । ଭଲକରି ଦି'ଅସରା ବର୍ଷାତ ହେଲା ନାହିଁ । ଜମି ହଳ ହେବ କେବେ । ଚାଷୀ କୂଳରେ ଭାଳେଣି ପଡ଼ିଗଲାଣି ସାମୁଲେ — କେମିତି ସେମାନଙ୍କର ଘରସଂସାର ଚଳେଇବେ । ସାମୁଲେ କହିଲେ, ଯା କହିଲ ସତ ପଧାନେ — ଗସ୍ତବଙ୍କର ଖେଳା ବୁଝିଲା । ସାମୁଲେ ଉଠିଲେ — କହିଲେ, ଯାଉଚ ପଧାନେ ଦଣ୍ଡବତ । ପଧାନେ ହସି ହସି କହିଲେ, ସାମୁଲପୁଅ, ଚିଠିଦେବ ଭଲ ମନ୍ଦ ଖବର ଲେଖି । ସାମୁଲେ ହଁ ଭରିଲେ । ତା' ପରେ ସେଇ ଅନ୍ଧାରରେ ଘରମୁହାଁ ଧରିଲେ ।

ସାମୁଲେ ଚାଲି ଯିବାରୁ ନିଧି ପଧାନ ମନରେ ଚେଇଁ ଉଠିଲା କେତେ କଥା । ଏଇ ଖେଳି ସାମୁଲ, ବାପ ମଲାବେଳେ ଘର ଡିହ ଛଡ଼ା ଜମି ବୋଲି କଣଟେ ନ ଥିଲା । ପୁରୁଣା ବାଉଁଶ ଘର ସାଥିଁ ତ ବାପ ଅମଳର । ବାପ ମଲା ପରେ ସାମୁଲ ମୂଲ ଲାଗି ଯା ଦି'ପଇସା ଆଣେ — ପେଟକୁ ନଅଣ୍ଟ । ମା ଝିଅ ଯା ନେଇ ତିନି ପରାଣୀ — କଷ୍ଟେ ମଷ୍ଟେ ଦିନେ ଖାଇଲେ ଦି ଦିନ ଉପାସ । କେତେ ଥର ତାରି କତିକି ବଉଡ଼ି ଆସେ । ପଧାନେ ଦି' ସେର ଚାଉଳ ଧାର ଦିଅ । କାଲିଠୁଁ ଉପାସ । ଘରେ ଖୁଦ ମକୁଣ୍ଡ ବି ଯା ଥିଲା — ସବୁ ଝାଡ଼ି ଝୁଡ଼ି । ଆଖି ତାର ଲୁହ ଛଳ ଛଳ । ନିଧି ପଧାନର

ପାଷାଣ ହୃଦୟ ବି ତରଳି ଯାଏ । କେତେ ବାଉ ଭଳି ବୋଉକୁ ଲୁଚେଇ ଲୁଚେଇ ଭୋଳା ସାମୁଲକୁ ଗୁଡ଼ଲ, ଲୁଣ ଦିଟା, ପନି ପରିବା ଯା ଯେତେବେଳେ ମିଳେ ଦିଏ । ସାମୁଲ କୁହେ, ତୁମ ଋଣ ମୁଁ ସୁଝି ପାରିବି ନାହିଁ । ଆଖିରେ ତାର ଲୁହ ଜକ ଜକ କରେ । ପଧାନେ କହନ୍ତି, ସାମୁଲେ ଦୁଃଖ କରନା । ଭଗବାନ ବଡ଼ଲୋକ । ସେ ଚାହିଁଲେ ଦିନେ ନା ଦିନେ ତୋର ଭାଗ୍ୟ ଫେରିବରେ ।

ସତକୁ ସତ ସାମୁଲର ଭାଗ୍ୟ ଆଜି ଫେରିଚି । କଲିକତା ଚାକିରିରୁ ବେଶ୍ ଦି ପଇସା ଆମଦାନି କରୁଚି । ତାର ସେଇ ପୁରୁଣା କୋଣ କାଳର ଭଙ୍ଗା ବାଉଁଶ ଘର ଆଜି ନାହିଁ । ତା' ଜାଗାରେ ସୁନ୍ଦର କାଠଘର ହସି ଉଠିଚି । ଝିଅଟା ଦେହକୁ ସୁନାହାର—ନାକକୁ ଫୁଲଗୁଣା । ସଞ୍ଚି ସଞ୍ଚି କଲିକତା ପଇସାରେ ସୁନା ଫଳ ଜମି ଦି'ମାଣ କିଣିଚି । ଜମିରୁ ଯା ଆମଦାନି ହୁଏ—ସାମୁଲର ବରଷକ ଖୋରାକ ଯୋଗାଏ । ଅଭାବ ଅସୁବିଧାର ଧକ୍କା ଆଜି ଆଉ ତାକୁ ବିଚଳିତ କରି ପାରେନା । ସେ ଆଜି ସୁଖୀ—ଆନନ୍ଦରେ ଭରପୂର ।

ଭୋଳା ସାମୁଲ ଅତୀତକୁ ଭୁଲିଯାଇ ବେଳେ ବେଳେ ଗାଁରେ ନିଜର ବଡ଼େଇ ଦେଖାଏ । କେତେ ବାହାପିଆ ଗପ କରେ । ଲୋକେ ଥଟ୍ଟା କରି କହନ୍ତି, ଏଇ ସେଇ ଭୋଳା ନାଁ—ଯାର ଦିନେ ଖାଇଲେ ତିନଦିନ ଉପାସରେ କଟୁଥିଲା । କିଏ କିଏ କହନ୍ତି ଆରେ ଏଇ କଲିକତା ପଇସା ଅଢ଼େଇ ଦିନରେ—ଏତେ ବଡେଇ କରନାଁ ; ନିଧିପଧାନର କାନକୁ ଏ କଥା ବେଳେ ବେଳେ

ଆସେ । ତାର ମନଟା ଭୋଳ ସାମୁଲ ଉପରେ ଚଢ଼ିଉଠେ । ସେ ଭାବେ କେଇଟା ଦିନ ପାଇଁ ଏଇ ମଣିଷ ଜନମ—ଅଜଣା ଅଶୁଣାରେ କେତେବେଳେ ନିୟୁନ୍ତର ଅଦେଖା ହାତ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଦେବ, କିଏ ଜାଣେ । ତାପରେ ସବୁ ଅନ୍ଧାର—ମରଣ ସାଥିରେ ଜୀବନ ଖେଳିବ ଲୁଚକାଳି । ଏଇଥି ପାଇଁ ପୁଣି ମଣିଷର ଏତେ ବଡ଼ିମା—ଏତେ ଗର୍ବ ।

କିନ୍ତୁ ଭୋଳ ସାମୁଲ ଦିନେ ହେଲେ ପଧାନ ଆଗରେ ନିଜର ବଡ଼େଇ ଦେଖେଇ ନାହିଁ । ପଧାନକୁ ଦଶହାତ ଦୂରରୁ ଦେଖିଲେ ଜୁହାର ହୋଇ କୁକୁର ପରି କୋଡ଼ିଏ ହାତ ଗୋଡ଼ାଇ ଯଏ । ନିଧି ପଧାନ ପୁଣି ଭାବେ, ଭୋଳ ସାମୁଲଟି ଭାରି ଭଲ ମଣିଷ—ଗାଁର ଲୋକ ଗୁଡ଼ା ଖରାପ । ତା ଶିରି ଦେଖି ନ ପାରି ବାର କଥା ମିଛରେ କହନ୍ତି ଖାଲି ।

ବାପା ଖାଇବେ ଆସନ୍ତୁ । ଭାବନା ରାଇଜର ଦିଗନ୍ତ ସେ ପାଖରୁ ଫେରି ଆସିଲା ନିଧି ପଧାନର ମନ । ଦେଖିଲା, ଆଗରେ ତାର ବୋହୂ—କନକ । ନିଧି ପଧାନ ଘଡ଼ିଏ କାଳ ଅନାଇ ରହିଲା । ଭାବିଲା, କେଡ଼େ ସୁନ୍ଦର—ଲକ୍ଷ୍ମୀଟି ପରି ତାର ବୋହୂ । ଗାଁ ଖଣ୍ଡକରେ ନାହିଁ । ଜମି ବୋଉ ପରି ସେ ଆସିଲା ଦିନଠାରୁ ସବୁ ଖବର ବୁଝୁଛି । ପିଲାଟା, ଏତେ ବୁଦ୍ଧି କୋଉଠୁ ଶିଖିଲା । ନିଧି ପଧାନର ମନ କ୍ଷଣିକ ପାଇଁ ଅଜଣା ଆନନ୍ଦରେ ଭରି ଗଲା । କନକ ପୁଣି କହିଲା, ବାପା ଆସନ୍ତୁ, ଭାତ ଦି'ଟା ଶୁଖି ଝୁଣା ହେଇ ଯିବଣି ସାଙ୍ଗେ । ଚାଲ ମା—ଏତିକି କହି ନିଧି ପଧାନ ଉଠିଲା ।

—ଅଠର—                                        —ପରବାସୀ—

ଦି' ଦିନ ପରେ ।

ଦି'ପହରର ଝାଇଁ ଝାଇଁଆ ଖରାଟା ନରମ ପଡ଼ି ନାହିଁ । ପବନଟା ଜୋରରେ ପିଟୁଥାଏ । ବେଳେ ବେଳେ ଘର ଚାଳରୁ ନଡ଼ା ଉଡ଼ାଇ ବାଡ଼ିପଟ ଗଛ ଗହଳରେ ଖେଳୁଥାଏ ଲୁଚକାଳି । ନଡ଼ିଆ ଗଛ ଉପରୁ କାଉଟା ଉଡ଼ି ଆସି ଦୁଆରେ ବସି କା କା ହେଲା । କନକ ଭାବିଲା, କଏ ଆସୁଚନ୍ତି କି ଆଜ—କାଉଟା କାହିଁକି ଘଡ଼ିଏ ହେଲା କା' କା' ରଡ଼ି ଛାଡ଼ୁଚି । ମାସେ ହେଲା ତ ବାପା ଭାଇଙ୍କର ଦେଖା ନାହିଁ—କେଉଁ କାଳେ ଆସୁଛନ୍ତି କି ? ଏଇଆ ଭାବି କନକ ମୃଦୁ ଗଳାରେ କାଉକୁ କହିଲା ଯା ଉଡ଼ିଯା···ଉଡ଼ିଯା । କାଉଟା ଫର୍ କରି ଉଡ଼ିଗଲା ।

କନକ ମନଟା ଗୁରେଇ ତୁରେଇ ହେଲା । ବାପ ଘରର ଛପିଲା ସ୍ମୃତି ମନେ ପଡ଼ିଲା । ଅତୀତ ଫେରି ଆସିଲା ବର୍ତ୍ତମାନକୁ । କାହିଁ ଅଛି ଆପଣାର ସେଇ ସୁଖ ସୁଆଦଭରା ଦିନଗୁଡ଼ିକ । ଜୀବନର ଶେଷ ଭରା ବାପ, ମା, ଭାଇ, ସାଙ୍ଗ, ସାଥୀ କାହାକୁ ସେ ସବୁ ଆଜି । ସେ ଆଜି ପର ଘରେ—ନିଜ ଘର ଠାରୁ ବହୁ ଦୂରରେ ······ଅନେଇଲେ ଆଖି ପାଉ ନାହିଁ । କନକର ଆଖି ପତା ନଇଁ ପଡ଼ିଲା ଲୁହ ଭାରରେ ।

ସଞ୍ଜ ଖରା ଧରଣୀକୁ ଶେଷ ଆଲିଙ୍ଗନ କରି ବିଦାୟ ନେଉଚି । ଏତିକିବେଳେ ଘରକୁ ଜାମାଜୋଡ଼ହୋଇ ପଶି ଆସିଲା କିଏ ଗୋଟିଏ । କନକ ଘର ଭିତରେ ଥାଇ ଚିହ୍ନି ପାରିଲା ନାହିଁ । ପଦାକୁ ଆସି ଦେଖେ ତ ତା'ରି ଅଛି ଆପଣାର ସାନଭାଇ ଶାମ ।

ହସି ହସି ତାକୁ କୋଳକୁ ନେଇ କହିଲା, ଏତେ ଦିନେ ଅପା କଥା ମନେ ପଡ଼ିଲା । ମାସେ ହେଲା ଅନେଇଁ ଅନେଇଁ ଆଖିରୁ ପାଣି ମଲାଣି—ଏତିକ ଦାରୁଣ ତମେ ସବୁ । ଶାମ ହସି ହସି କହିଲା, ନାଁ ଲୋ ଅପା, ବାପାଙ୍କ ଦେହ ପରା ଭଲ ନ ଥିଲା । କନକ ଚମକି ଉଠି ପଚାରିଲା, କଣ ହୋଇ ଥିଲାରେ ଶାମ ?

କଣ ହେବ ଏଇ ଜର । ପନ୍ଦର ଦିନ ପରେ ସେ ଆଜି ଠିକେ ଭଲ ହୋଇ ଉଠିଲେ । ଆସିଥାନ୍ତେ—ବଳ ପାଇଲା ନାହିଁ । ମୋତେ ପଠାଇଲେ । ଆଉ କହିଚନ୍ତି, ତୋତେ ନେବାକୁ ଦିନ ଠିକ୍ କରି ଯିବ ।

କନକ ମନଟା ଗୋଟେଇ ପାଣି ହେଲା । ହୃଦପୂଟା ତାର କହିଲା, ଏଇଲାଗେ ଦଉଡ଼ ଯାନ୍ତା ବାପା କତିକି । ଆଖିରେ ତାର ଲୁହ ଜକେଇ ଆସିଲା । ପରକ୍ଷଣରେ ନିଜର ଦୁର୍ବଳତା ପୋଛି ଶାମକୁ ଖାଇବାକୁ ଦେବାକୁ ବୋଉକୁ ଡାକିଲା । ଆଉ ଭାବିଲା, ନ ଜାଣି କାଉଁଠା ବୋବାଉ ଥିଲା ।

ସ୍ୱତରେ ଚଇତାର ଗୋଡ଼ ମୋଡ଼ି ଦେଉ ଦେଉ କନକ କହିଲା, ଶୁଣିଲଣି ବାପାଙ୍କ ଦେହ ଭଲ ନାହିଁ । ଶାମ ଆସିଚି ମୋତେ ନବାକୁ । ତମର ଇଚ୍ଛା କଅଣ—କେବେ ପଠାଇବ । ଚଇତା କିଛି କହିଲା ନାହିଁ । କନକର କଥା ଶୁଣି ତା ଛାତିଟା କରତି ହେଲା । କନକ—ଯାକୁ ଦଣ୍ଡେ ନ ଦେଖିଲେ ସେ ପାଗଳ ପରି ହୋଇ ଉଠ୍ଚି—ତାକୁ ଆଜି ସେ କଠୋର ବଳେ ଦୂରକୁ ପଠାଇ ଦେବ କପରି ?

—ପରବାସୀ— —କୋଡ଼ିଏ—

ଚଇତାକୁ ମାଉନଦେଖି କନକ କହିଲା, କୁହମ କେବେ ପଠାଇବ ? ବାପାଙ୍କୁ ଦେଖିବାକୁ ମୋର ଭାରି ଇଚ୍ଛା ହେଉଚି । ତମ ଅନୁମତି ପାଇଲେ ତେଣିକି ଘରେ ଆଉ କେହି ଅମତ ହେବେ ନାହିଁ । ଚଇତା ଅଭିମାନ ଭରା ଗଳାରେ କହିଲା, ତମର ଇଚ୍ଛା ଅଛି ତ ଯିବ—ମୋତେ କାହିଁକି ପଚାରୁଚ ?

ଆଉ ଆଉ କଥା ଶୁଣି କନକ ଚଇତାର କୋଳରେ ଢଳି ପଡ଼ି କହିଲା, ତମେ ନ କହିଲେ ମୁଁ ଯିବ ନାହିଁ । ଚଇତା କହିଲା, ତୋତେ ଛାଡ଼ିଲେ ମୁଁ ମରିଯିବି କନକ । କନକ କହିଲା, ସିମିତିକା ଅମଙ୍ଗଳ କଥା କହିବତ ମୁଣ୍ଡ ପିଟିଦେଇ ମରିବି । ନ ପଠେଇବତ ନାହିଁ । କନକକୁ ଆହୁରି କୋଳ ଭିତରକୁ ଟାଣି ନେଇ ଚଇତା କହିଲା, ତୁ ଚାଲିଗଲେ ମୋତେ ଏ ଘର ଦୁଆର ସବୁ ବିଷ ପରି ଲାଗିବ । ମୋତେ ଛାଡ଼ି ଯିବାକୁ ତୋର ସତ ବଳୁଚି କନକ ! ଚଇତାର ଆଖିରେ ଲୁହ ଜକ ଜକ କଲା । କନକ ତା ଲୁଗା କାନିରେ ଲୁହ ପୋଛି ଦେଇ କହିଲା, ଛିଃ କାନ୍ଦୁଚ କାହିଁକି ? ତମର ଯେତେବେଳେ ଇଚ୍ଛା ନାହିଁ—ମୁଁ କଣ ଆଉ ଯିବି ? ଚଇତା ଲୁହ ଭୋଳା ମୁହଁରେ ହସ ଫୁଟି ଉଠିଲା । ତାର ବଳିଲା ବଳିଲା ବାହୁ ଭିତରେ କନକକୁ ଚାପି ଧରି ଚୁମ୍ବନ କରିବାକୁ ଲାଗିଲା । କନକ ଭୁଲିଗଲା, ତାର ବାପ, ମା, ଘରଦୁଆର ଆଉ ଅତୀତର ସେଇ ଦରଳିଭା ସ୍ମୃତିଗୁଡ଼ାକ ।

ଦି'ଦିନ ପରେ ଶାମ ବାହୁଡ଼ି ଗଲା । ଶାମ ଗଲା ପରେ କେଜାଣି କାହିଁକି କନକର ଆଖି ଦିଇଟା ଲୁହରେ ଭରି ଉଠିଲା । ବାପଘର ସ୍ମୃତିକୁ ସେ ଆଉ ଦୂରକୁ ଏଡ଼ି ଦେଇ ପାରିଲା ନାହିଁ । ଖାଲି

ଆଖି ଆଗରେ ନାଚି ଉଠିଲା, ତାର ଘରଦୁଆର, ବାପା ବୋଉ ଆଉ ଅତି ଆପଣାର ସାଙ୍ଗ ରୁକା, ରେଣୁ, ସଖି; ଫୁଲ, କମଳା କଥା ।

ସତେ ଯେପରି ତାର ଘର ଦୁଆର ତାକୁ କହୁଚି, କନକ, ତୁ ଗଲୁ ଦିନରୁ ଆମେ ହତଶ୍ରୀ ହୋଇ ଗଲୁଣି । କେବେ ତୋର ହାତର କଅଁଳ ଛୁଞ୍ଜକନା ବୁଲାଇ ଆମ ଦେହରେ କେତେ ଜାଣିକା ଚିତା ଲେଖି ନୂଆ ଜୀବନ ଆଣିଦେବୁ । ବାପା ବୋଉ ଲୁହ ଭରା ଆଖିରେ ଡାକୁଚନ୍ତି, ଆ କନ—ଆମ କୋଳକୁ । ତୋତେ ନ ଦେଖି ଆମେ ଅନ୍ଧ ହୋଇ ଗଲୁଣି । ତୋର ସେଇ କଅଁଳ କଥା ଦି'ପଦ ଶୁଣିବୁ ବୋଲି ଅନାଇ ବସିଚୁ । ତୋର ଅତି ଆଦରର ସେଇ ଶାରୀଟି ତୋତେ ଝୁରି ଝୁରି କଙ୍କାଳ ହୋଇ ଗଲାଣି । ପକ୍ଷୀ ହେଲେ କଣ ହେଲା—ତାରତ ପୁଣି ସ୍ନେହ, ମମତା ଅଛି । ଆଉ ରୁକା, ରେଣୁ ହେଜରିକା କହୁଚନ୍ତି, କନ ତୁ ଗଲାଦିନୁ ଆମର ଖେଳ ସରି ଯାଇଚି ଲୋ—ଭଲ ଭଲ ଦିନ ସରୁନି । ଜହ୍ନ ରାଇଜର ରାଣୀ ଏଇ ଜହ୍ନିଫୁଲ ମେଳରେ ଗଲା ସନର କଥା ମନେ ପଡ଼ୁଚି । କୁଆଁର ପୁନେଇ ଜହ୍ନ କୁଆଡ଼େ ହଜି ଯାଇଚି । ଦୁଆରେ ହର-ଗଉରୀ ଫୁଲର ନାଲି ଓଠରେ ଯେଉଁ ହସ ଟିକକ ଲାଗି ରହିଥିଲା —ସେ ବି ମଉଳି ଯାଇଚି । ତୋର କଣ ଏ ସବୁ କଥା ମନେ ପଡ଼ୁନି । ପତି ପ୍ରେମରେ ମଜ୍ଜି ତୁ ସିନା ସବୁ ଭୁଲିଗଲୁ—ଆମେ କିନ୍ତୁ ତୋତେ ଭୁଲିପାରୁନୁ ।

କନକର ଆଖିରୁ ଲୁହ ଝରି ପଡ଼ିଲା । ନିଜର ଦୁର୍ବଳତାକୁ ଲୁଚାଇବାକୁ ଯାଇ ଲୁଗା କାନିରେ ଲୁହ ପୋଛିଲା – କିନ୍ତୁ ପାରିଲା ନାହିଁ ।

—ବାଇଶ—

—ପରବାସୀ—

# —୩—

ସକାଳର ଲାଲ ସୂର୍ଯ୍ୟ ଝଲସି ଉଠିଛି । ଘର ଦୁଆର, ଗଛ, ଲତା, ନଈ, ନାଳ ସବୁଆଡ଼େ କିଏ ନାଲି ଅବିର ବୁଣି ଦେଲାଣି ସେତେବେଳକୁ । ଦୂର ତାଳବଣ ଶିଖ ସରଗ ମଥାନରେ କେତେ ଜାତିକା ପକ୍ଷୀ ଉଡ଼ି ବୁଲୁଛନ୍ତି । ବେଳେ ବେଳେ ଗାଉଛନ୍ତି ସକାଳ ସୂର୍ଯ୍ୟକୁ ଚୁମ୍ବି ନୂଆ ଦିନର ମନ ଫୁଲାଣିଆ ଗୀତ । ସେ ଗୀତର ଭାଷା ବୁଝି ନ ହେଲେ ବି ସୁନ୍ଦର ଲାଗେ—ଠିକ୍ ସୁଲୁ ସୁଲୁଆ ବାଆ ପରି ।

ଚଇତା ଉଠି ଦେଖିଲା କି ସୁନ୍ଦର ସକାଳ । କଣ ମନକୁ ମନ ଭାବିଲା । ତା ପରେ ଚଞ୍ଚଳ ଚଞ୍ଚଳ ଦାନ୍ତରେ ଦ’ଡ଼ିଅ ମାରି ଦେଇ ବୋଉକୁ ଡାକିଲା ଖାଇବାକୁ ଦେବାକୁ । ପାଖଘରୁ ଉତ୍ତର ଆସିଲା, ଚଇତା ସେ ଘରକୁ ଯା—ବୋଧେ ପରା ଭାତ ବାଢ଼ିଲାଣି ।

ଚଇତା ସେ ଘରେ ପଶିଲା ବେଳକୁ କନକ ହସି ହସି ପଖାଳ ଭାତରୁ କଂସାଏ ଆଣି ଥୋଇଲା । ଚଇତା ବଡ଼ ଚୁପ୍, ଖଣ୍ଟା ଟିକେ ଲଗେଇ ପଖାଳ ଭାତ କଂସାଏ ଘଡ଼ିକରେ ଠୁକ୍କି ଦେଲା । ହାତ ଧୋଇ କନକକୁ କହିଲା, କନ, ଆଜି ଏତେ ବେଳଯାଏ ଶୋଇ ପଡ଼ିଲି ଟିକେ ଡାକ ଦେଲୁ ନାହିଁ ? କନକ ହସି ହସି ପଚାରିଲା, କୁଆଡ଼େ ଯିବକି, ଆଜି ଏତେ ତରବର । ଚଇତା କହିଲା, ଆଜି ପରା ବାରମାଣିଆ ଭାଗ ଜମିକି ହଳ ନେଇ ଯିବ । କେତେ ଦୂରରେ ସେ ଜମିଟା ! ଫେରୁ ଫେରୁ ଆଜି କେତେ ବେଳ ହେଉଚି କେଜାଣି । କନକ ହସି ହସି କହିଲା, ଏତେ ଡେରିଯାଏ ଶୋଉଚ କାହିଁକି ? ଚଇତା କହିଲା, ତୁଇତ ବାଇଆଣ୍ଡୁ ବାରଗପ କରିବୁ—ଶୋଇ ଦେବୁନି । କନକ ମୁହଁରେ ଫୁଟି ଉଠିଲା ହସ । କହିଲା, ତମେ ତ ଭାରି ଭଲ ଲୋକ । କନକର ହସର ଧାର ଚଇତାର ବୁକୁରେ ବାଜିଲା । ହୃଦୟରେ ବିଜୁଳି ଖେଳିଗଲା । ସେ ଉଠି-ଯାଇ କନକକୁ ପାଖକୁ ଆଉଜାଇ ତା ଗାଲରେ ଚୁମ୍ବନଟାଏ ଆଙ୍କି ଦେଲା । କନକ ଲାଜରେ ଦୂରକୁ ଘୁଞ୍ଚି ଗଲା । କହିଲା, ଚଞ୍ଚଳ ଯା ଏ ଘରୁ—ବୋଉ ଆସିବ ଏଇଲାଗେ । ଚଇତା ହସି ହସି ଘରୁ ବାହାରି ଆସି ବଳଦ ଫିଟାଇ ହଳ ଯୋଚିଲା । ତା ପରେ ବଳଦ ଅଡ଼େଇ ଅଡ଼େଇ ବାହାରି ପଡ଼ିଲା । ଘର ଡେଇଁ ଦଣ୍ଡକୁ ଗୁହିଁଲା କନକ ତାରି ଆଡ଼କୁ ଅନାଇ ରହିଚି । ଗଲା ଆଇଲାବେଳେ କନକର ଆଖି ଦିଇଟା ଚଇତାକୁ ଚାହିଁ ରହିଥାଏ । ଚଇତା ଭାବେ, କନକ ତାକୁ କେତେ ଭଲ ପାଏ ।

ଗାଁର ସେଇ ବଙ୍କା ବଙ୍କା ରାସ୍ତା ଡେଇଁ ଚଇତା ବନ୍ଧକୁ ଉଠିଲା । ବନ୍ଧରୁ ଗଡ଼ ବଳଦ ଦିଟାକୁ ନାଳରେ ପହଁରାଇ ଚଇତା ପୋଲ

ପାର ହୋଇ ଏ ପାଖକୁ ଆସିଲା । ବଳଦ ଦୁ'ଟା ଓଦା ଜଡ଼ବଡ଼ ଛୁଟି ଆସିଲେ । ପୁଣି ଚଇତା ତାଙ୍କୁ ଅଡ଼େଇ ଅଡ଼େଇ କଆ ବୁଢ଼ା ଗହ୍ୱର ପାର ହୋଇ ବିଲକୁ ଗଡ଼ିଲା । ଆଗରେ ଧାଡ଼ି ହୋଇ ଦଶ ବାରଟା ତାଳଗଛ ବିଲ ମଝିରେ ଛିଡ଼ା ହୋଇଛି—ମାଟି ଓ ମଣିଷର ନିତିଦିନିଆ ଜୀବନ ସଂଗ୍ରାମର ମୂକ ସାକ୍ଷୀ ହୋଇ । ଚଇତା କେତେ ବିଲ ପଠାଳି, କେତେ ହିଡ଼, ଉଇ ହୁଙ୍କାର ପାହାଡ଼, ଅରମା ବୁଦୁବୁଦୁକିଆ ଅନାବନା ଗଛର ଜଙ୍ଗଲ ପାର ହୋଇ ବାଉମାଣ୍ଡିଆ ଜମିରେ ଆସି ପହଞ୍ଚିଲା ।

ଆଗରୁ ଯୋଗୀ ପରିଡ଼ା ପୁଅ ନନ୍ଦିଆ ଆସି ତା ଜମିରୁ ଖଣ୍ଡେ ହଳ ବୁଲାଇ ସାରିଲାଣି । ଚଇତାକୁ ଦେଖି ନନ୍ଦିଆ କହିଲା, କରେ ଚଇତା ଭାଇ, ଆଜି କ'ଣ ଏତେ ଡେରି, ନୂଆବୋଉ କଣ ଗୁଣ୍ଡୁ ନ ଥିଲେ ନାଁ କଣରେ ! ନନ୍ଦିଆ ଚଇତାର ସାଙ୍ଗ ପିଲାବେଳରୁ । ନନ୍ଦିଆଠୁଁ ଚଇତା ମୋଟେ ଛ ମାସ ବଡ଼ । ସେହି ହିସାବରେ ଚଇତାକୁ ଭାଇ ବୋଲି ଡାକେ । ଖାଲି ନାଁକୁ ଡାକେ, କିନ୍ତୁ ଭାଇ ବୋଲି ଖାତିରି କରେନା—ବନ୍ଧୁ ପରି ପିଲାଟି ଦିନରୁ ଦେଖେ । ପିଲା ଦିନର କଥା । ନନ୍ଦିଆର ଚଇତା ଭାଇ ସାଙ୍ଗରେ ସେଇ ଆମ୍ବ ତୋଟା ଗହଳରେ କେତେ ଡାଳି ମାଙ୍କୁଡ଼ି ଖେଳ, କେତେ ବାଗୁଡ଼ି ଖେଳ, କେତେ ବୋହୂଚୋରି ଖେଳ ବିତି ଯାଇଛି ଭାବିଲେ କାଲିପରି ଲାଗେ । କିନ୍ତୁ ଖୋଜି ବସିଲେ ପୁଣି ଆଉ ଥରେ ମିଳେନା ।

ନନ୍ଦିଆର ପ୍ରଶ୍ନରେ ଚଇତା ହସିଲା । କହିଲା, ନାଁରେ ଜାଣି ଜାଣି ଆଜି ମୁଁ ଟିକେ ଡେରି କରିଦେଲି । ଘର ଆଡ଼େ କାମ ଥିଲା ।

ନତିଆ କହିଲା, କେଜାଣି ଚଇତା ଭାଇ ମୋର କନ୍ତୁ ମନେ ହେଉଚି କାଲି ରାତିରେ ଟିକେ ଡେରିରେ ନାଦ ହେଇଚି । ନତିଆର ଅନୁମାନଟା ସତ ହେବାରୁ ଚଇତା ମୁହଁରେ ହସ ଫୁଟି ଉଠିଲା । କହିଲା, ନତିଆ ତୋର ଖାଲି ସବୁବେଳେ ସେଇ କଥା ।

ଏତିକି କହି ଚଇତା ଜମିରେ ହଳ ବୁଲାଇଲା । ଉପରେ ସୂର୍ଯ୍ୟ ଦେବତା ହସୁଛନ୍ତି । କଅଁଳ ଆଲୁଅ ଆସ୍ତେ ଆସ୍ତେ ଟାଣ ହେଇ ଆସୁଚି । ଦୂରରେ ଅରଖ ଗଛର ଫୁଲ ଗୁଡ଼ା ଫୁଟି ଉଠିଛି ଅସୁମାରି । ଟିକଏ ଗୁଣ୍ଡି ପାଖରେ ମସ୍ତ ହୁଙ୍କାଟାଏ । ହୁଙ୍କା ଉପରେ ଦି’ଟା ଚଢ଼େଇ ମନ ଖୁସିରେ କଣ ଦୁଃଖ ସୁଖ ହେଉଛନ୍ତି ।

ହଳ କରୁ କରୁ ନତିଆ କହିଲା, ଚଇତା ଭାଇ ଏ ବରଷର ବରଷାର ଏପାଏ ଦେଖା ନାହିଁ । ଫସଲ ହେବା ସେମିତି ସେମିତିକା । ମୁଁ ଭାବୁଚି କଲିକତା ଯିବାପାଇଁ—କାଲି ସାମ୍ନାଲ ଯିବ, ଦି’ଚାରିଦିନ ପରେ । ବାପା କହୁଛନ୍ତି ତାରି ସାଥିରେ କଲିକତା ଯିବାକୁ । ଆମ ଗାଁର କେତେ ଲୋକ ଅଛନ୍ତି କଲିକତାରେ । ସମସ୍ତେ ବେଶ୍ ଦି’ପଇସା ରୋଜଗାର କରି ଆରାମରେ ଅଛନ୍ତି । ଆମେ ଏଠି ଏତେ ଖଟି ଦେହ ରକତ ପାଣି କରି ତଥାପି ପେଟକୁ ବି ଦାନା ଅଣ୍ଟୁନାହିଁ । ଚଇତା କହିଲା, ହଁରେ ନତିଆ, ବାର ମାସ କ ଖରା, ବରଷା, ଶୀତରେ ଏଇ ମାଟି ସଙ୍ଗେ ଆମେ ନିତିଦିନ ଲଢୁ । କନ୍ତୁ କାହିଁ ପେଟକୁ ମୁଠାଏ ବି ଯୁଟୁନାହିଁ । ଦୁଃଖକଷ୍ଟେ କୌଣସିମତେ, ଦିନ ଯିବ ଯିନା—ସୁଖ ବୋଲି କହି ହେବନି । ବୁଝିଲୁ ନତିଆ ଏଇ ମାଟି ଆଜି ପଥର ହୋଇଗଲାଣି । ଦିନଥିଲା, ଏଇମାଟିରେ ସୁନା

ଫଳୁଥିଲା । ଆମର ପୂର୍ବ ପୁରୁଷମାନଙ୍କର ଏଇ ମାଟି ପ୍ରସାଦରୁ ସବୁବେଳେ ଲକ୍ଷ୍ମୀ ଭଣ୍ଡାର ଭରପୁର ଥିଲା । ଅଭାବ ଅସୁବିଧା, ଦୁଃଖ ଶୋକ କିଛି ନଥିଲା — ଥିଲା ଖାଲି ସୁଖ, ଶାନ୍ତି, ଆନନ୍ଦ ଓ ଆଲୋକ । କାହିଁ ସେଦିନ — ଆଜି ଏ ଦିନ । ସେ ଦିନର ପଇସାଗୁଡ଼ା ଏବର ଗୋଡ଼ମାଟି । ଦିନକୁ ଦିନ ଦୁର୍ଦ୍ଦିନ ଗଡ଼ୁଚି; ଜିନିଷ ଭାଜ ନଈ ବଢ଼ି ପରି ଆକାଶକୁ ଉଠୁଚି । ଯେତେ ରୋଜଗାର କଲେ ବି କୁଆଡ଼କୁ ଅଣ୍ଟୁ ନାହିଁ ।

ନନ୍ଦିଆ କହିଲା, ଚଇତାଭାଇ ଯା କହିଲୁ, ନିରାଟ ସତ କଥା । ମୁଁ ତ ସେଇଥିପାଇଁ କଲିକତା ଯିବାକୁ ବାହାରିଚି । ଜମିବାଡ଼ି ଯା ଅଛି ସବୁ ବାପା ଦେଖାଶୁଣା କରିବେ । ମୁଁ ବିଦେଶରେ ଯଦି ଦି'ପଇସା ରୋଜଗାର କରି ପାରିଲି, ତେବେ ସେଇ ଯଥେଷ୍ଟ । ମିଛରେ ଏଠି ପଡ଼ି ରହି କିଛି ଲାଭ ନାହିଁ — ବେକାର ଖଟଣି ! ଚଇତା କହିଲା, ହଁରେ ନନ୍ଦିଆ, ଏ ମାଟି କାଦୁଅରେ ପଡ଼ି ରହିଲେ କିଛି ହେବ ନାହିଁ — ବିଦେଶକୁ ଯା ଆଖି ଖୋଲିଯିବ — ଦି ପଇସା ଆମଦାନି ହେବ । ଦେଖୁନୁ ଆମ ଗାଁର ବଳି ମଲିକଙ୍କ । କଣ୍ଡିରା ଟୋକାଟା — ସେ ଦୁଣି ଘର ଦ୍ୱାର କରି ସାଇକଲ ଚଢ଼ି ବୁଲୁଛି, ଜୋତା ମଡ଼େଇ ମଚ ମଚ କରି ବୁଲୁଚି । ତୁ କଣ ତାଠୁଁ ଏତେ ହୀନ । ନନ୍ଦିଆ କହିଲା, ଚଇତା ଭାଇ ସବୁ ଭାଗ୍ୟ କଥା । ଭାଗ୍ୟରେ ଥିଲେ ଏଇ ଲୋକ ଘୋଡ଼ା ଚଢ଼େ । ଭାଗ୍ୟରେ ଥିଲେ ଏଇ ଲୋକ ଦାର ଦୁଆର ଭିକ ମାଗି ବୁଲେ । ଶ୍ରେଷ୍ଠ ଜାତି ହେଲେ କଣ ହେଲା ସେତ ପୁଣି ମଣିଷ । ତାର କଣ ବଞ୍ଚିବାର, ସୁଖ କରିବାର ଅଧିକାର ନାହିଁ । ଚଇତା କହିଲା, ତା କଣ ମୁଁ ମନା କରୁଚି

ନଣ୍ଡିଆ—ତେବେ ପଇସା ହେଲେ ଏଇ ଲୋକଙ୍କର ବଡ଼େଇ ମୋ ଆଖିକି ଯାଏନାଁ । କରେ ଯେତିକିର ମଣିଷ ସେତିକିରେ ଭଦ୍ର । ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଉଛ କାହିଁକି? ଚଇତା ଭାଇର କଥା ଶୁଣି ନଣ୍ଡିଆକୁ ହସ ମାଡ଼ିଲା ।

ସେତେବେଳକୁ ତାତିଲା ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠିଲାଣି । ବିଲ ମଝିରେ ନିଆଁ ବୃଷ୍ଟି ହେଉଛି । କାହିଁ କେତେ ଦୂରରେ ଝିଲ ମିଲ୍ ହୋଇ ମରୀଚିକା ନାଚୁଛି ।

ନଣ୍ଡିଆ କହିଲା, ଚଇତା ଭାଇ, ଚାଲ ସାଥୀ ହୋଇ କଲିକତା ଯିବା । ତୋ ବାପାର ଜମି ବାଡ଼ି ଦେଖିବାକୁ ଅଛି । ଏ ବରଷର ସେମିତି ଫସଲ ହେବାର ଆଶା ନାହିଁ । କେଇ ଥାଉଁ ସାବଧାନ ହେଲେ ଆଜି ସଂସାର ଚଳାଇବାରେ ଅସୁବିଧା ହେବନି । ଚଇତା ନଣ୍ଡିଆର କଥା ଶୁଣି ଟିକିଏ କଣ ଭାବି କହିଲା, ଗଲେ ହୁଅନ୍ତା, ଯିବି ଯିବି ବୋଲି ମୁଁ କେବେଠୁଁ ଭାବୁଛି । ତେବେ ଆଜି କଣ ? ନଣ୍ଡିଆ ପଚାରିଲା ।

ଚଇତା ଘଡ଼ିଏ କଣ ଭାବିଲା । ନଣ୍ଡିଆ କହିଲା, କା କଥା ଭାବୁଛୁ ଚଇତା ଭାଇ—ନୂଆବୋଉ କଥା ନା କଣ? ଚଇତାର ଝାଳ ସର ସର କ୍ଲାନ୍ତ ଭରା ମୁହଁରେ ହସ ଫୁଟି ଉଠିଲା । କହିଲା, ହଁରେ ନଣ୍ଡିଆ, ତାରି କଥା ଭାବୁଛି । ତାକୁ ଛାଡ଼ି ମୁଁ ବିଦେଶରେ ଏତେ ଦିନ ରହିବି କିପରି ? ନଣ୍ଡିଆ କହିଲା, ଚଇତା ଭାଇ ଏଇକ୍ଷଣି ଯିବା ଇମିତି ଲାଗୁଛି—କିନ୍ତୁ ସେଠିକି ଗଲାଠୁ ସବୁ ଠିକ ହୋଇଯିବ । ପଇସା ମୁହଁ ଦେଖିଲେ ଏଇ ଘର ଦୁଆର ପିଲା ମାଇପ ସବୁ

ହୋଇଯିବ ପରରେ, ଖାଲି ପଇସା ହେବ ସାର । ଚଇତା କହିଲା, ଆଚ୍ଛା ମୁଁ ଘରେ ପତ୍ରରେ—ଯାହା ହେବ ଦିହେଁ ସାଙ୍ଗ ହୋଇଯିବା । ନତଆ କହିଲା, ଦେଖ ଡେରି କରିବୁନି—ଯେତେ ଶୀଘ୍ର ପାରୁ ବାହାରି ପଡ଼ିଲେ ଭଲ ।

ଜମି ହଳ ସରିଲାବେଳକୁ ଝାଣ ଗାଧୁଆ ବେଳ ଗଡ଼ିବା ଉପରେ । ଦିହେଁ ବଳଦ ଅଡ଼େଇ ଘର ମୁହାଁ ଧରିଲେ । ବାଟରେ ଆସୁ ଆସୁ ମଝିରେ କେତେ ଆଡ଼ର କଥା ପଡ଼ୁଥାଏ ।

ଚଇତା ଘରକୁ ଫେରିଲାବେଳକୁ କନକ ନଖାଇ ନପିଇ ତାରି ପଥକୁ ଚାହିଁ ବସିଛି । କନକକୁ ଦେଖି ଚଇତା ମୁହଁରେ ହସ ଫୁଟି ଉଠିଲା । କିନ୍ତୁ କନକ ହସିଲା ନାହିଁ । ଅଭିମାନରେ ମୁହଁ ଭାରି କରି ରହିଲା । ଚଇତା ଭାବିଲା ଘରେ ଥାଇ ଟିକିଏ ଡେରି ହୋଇ ଯାଉଛି ବୋଲି ତ କନକର ଏତେ ଅଭିମାନ । ପୁଣି ସୁଦୂର ବିଦେଶ ଗଲେ କନକ ତାକୁ ଭୁଲି ରହିବ କିପରି ? ବିଲରୁ ଫେରିଲା ବେଳେ ଚଇତା ନାଳରେ ଗାଧୋଇ ଆସିଥିଲା । ଓଦାଲୁଗା ପାଲଟି ଖାଇବାକୁ ଗଲା । କନକ ପଖାଳ ବାଢ଼ି ଆଣି ଥୋଇଲା--ମୁହଁରେ କଥା ନାହିଁ । ଚଇତା ହସି ହସି କହିଲା, କଥା ନ କହିଲେ ମୁଁ ଖାଇବି ନାହିଁ କନ । ଏତେ ଅଭିମାନରେ ବି କନକ ମୁହଁରେ ହସ ଫୁଟି ଉଠିଲା ।

ଦ୍ୱି ପହରରେ । ଝଗ୍ରଟେଙ୍ଗ ମଉଳ ବି ମଉଳ ନାହିଁ । ନଧି ପଧାନ ଦାଣ୍ଡ ପିଣ୍ଡାରେ ବସି ହେଁସ ବୁଣୁଚି । ଚଇତା ଭାବିଲା, ଏତିକି ବେଳେ ବାପାଙ୍କ ଆଗରେ କଲିକତା ଯିବା କଥା କହିବ । କେତେ କଷ୍ଟରେ ବାପାଙ୍କ ଆଗରେ ଚଇତା ଆସି ଛିଡ଼ାହେଲା । ଭରସି କରି କହିଲା, ବାପା ଏ ବରଷର ମେଘର ଯେମିତିକା ଗତି ଭଲ ଫସଲ ହେବାର ଆଶା ନାହିଁ । ନତିଆ କଲିକତା ଯାଉଚି ଯେ—ମୋତେ ପଚ୍ଛରୁ ଥିଲା ଯିବାକୁ । ମୋର ଇଚ୍ଛା ଅଛି । ତମେ ଯଦି ଘରଦୁଆର, ଜମିବାଡ଼ି ସବୁ ସମ୍ଭାଳି ପାରିବ—ତେବେ କହିଲେ ମୁଁ ଯାଆନ୍ତି । ନଧି ପଧାନ ହସିଲା । କହିଲା, ଚଇତା ମୋତେ ବୁଢ଼ା ବୋଲି ଭାବୁଚୁ ନାଁ କଣ । ବୟସ ସିନା ବୁଢ଼ା କରି ଦେଉଚି, କିନ୍ତୁ ଦେହମନ ମୋର ବୁଢ଼ା ହେଇନିରେ । ମାଟି ସାଙ୍ଗରେ ମାଟି ହେଇ ଖଟିଖଟି

ଏଇ ଘର ଦୁଆର ବିଲ ବାଡ଼ି ସବୁ ମୁଁ ଚଳାଇ ଆସିଚି । ଆଜି ପାରିବି ନାହିଁ ? ଯିବୁ ଯଦି ଯା । ତୋ ବାହାଘରକୁ ଯା ଦେଣା ହେଇଚି—ଏ ବରଷ ଆଉ ଫସଲରୁ ଶୁଝିବାର ଆଶା ନାହିଁ । ଯଦି ଦି ପଇସା ରୋଜଗାର କରୁ—ତେବେ ଭଗବାନଙ୍କ କୃପାରୁ ଏ ମହାଜନ ଦେଣାରୁ ଖଲାସ ହେବା—ନଇଲେ ନାହିଁ, ଦିନକୁ ଦିନ ଋଣ ଭାରରେ ନଇଁ ପଡ଼ିବା ।

ଚଇତାର ମନକୁ କଥାଟା ପାଇଲା । ସତରେ ତା ବାହାଘର ବେଳକୁ ମହାଜନର ଦେଣା ହେଇଚି । କଲିକତା ନଗଲେ ସେ ଶୁଝିବ କପରି । ଖାଁ ଖାଁ ବରଷାତ ଏ ଯାଏ ନାହିଁ-ଫସଲ ଉପରେ ଆଶା ରଖିଲେ କଣ ହେବ, ଭରସା କରି ହେବ ନାହିଁ । ବାପାରବୟସ ହେଲଣି ସେ ଆଉ କେତେ ଦିନ! ଘରର ସବୁ ଭାର ନିଜ ଉପରେ । ନାଁ ସେ କଲିକତା ଯିବ, ଦି ପଇସା କମେଇବ । ମହାଜନ ଦେଣାରୁ ମୁକ୍ତ ହେବ । ଏ ବାଉଁଶ ଘର ଭାଙ୍ଗି କାଠ ଘର କରିବ । ଆଉ କନକ ବେକକୁ ସୁନ୍ଦର ସୁନାହାରଟିଏ ଆଣି ଦେବ । ରୁପାହାର ଗୁଡ଼ା ତା ଦେହକୁ ମାନୁ ନାହିଁ । ତା ଗୋରା ଦେହକୁ ସୁନାହାର କି ସୁନ୍ଦର ଦେଖାଯିବ । ଚଇତା ମନ କଳ୍ପନା ରାଇଜରୁ ଫେରି ଆସିଲା ବାସ୍ତବକୁ । ବାପା ରାଜି ହେଲେ ଯିବା—କିନ୍ତୁ କନକ । ଚଇତା ଭାବିଲା, ରାତିରେ କନକକୁ ବୁଝାଇ ସୁଝାଇ କହିବ ।

ସୁନ୍ଦର ମାଧବୀ ରାତି, ଘର ସେପଟ ବାଉଁଶ ବୁଦା ବାଧା ନ ମାନି ଝରକା ଫାଙ୍କରେ ଜୋଛନା ଆଲୁଅ ଝରି ପଡ଼ୁଚି । ସବୁଦିନ ପରି ଚଇତା ଆଗ ଆସି ବିଛଣାରେ ଶୋଇ ପଡ଼ିଲା । ବିଛଣା ଉପରେ

ଆଲୁଅ ଛାଇର ଛିଟାପଡ଼ିଛି । ଚଇତା ଶୋଇ ଶୋଇ ଭାବିଲା ଜୀବନର ଅନାଗତ ଦିନର କଥା । ଭାବୁ ଭାବୁ ଭାବନାର ଦିଗନ୍ତ ସେପାରିକି ଚାଲିଗଲା ଚଇତାର ମନ । କଣ ସେ ଭାବୁଛି, ଅର୍ଥହୀନ ଭାବନା ଏ—ଅଳୀକ, ଅସାର । ଚଇତା ମନ ପୁଣି ଫେରି ଆସିଲା ଜୀବ ଜଗତକୁ । ଦେଖିଲା, ସୁନ୍ଦର ପୃଥିବୀ—ଚାରିଆଡ଼େ ଖାଲି ଆନନ୍ଦ—ବଞ୍ଚି ରହିବାର ବିରାଟ ଆନନ୍ଦ ।

ପୁଣି କାହିଁକି ଏଇ ବଞ୍ଚିଲା ମଣିଷ ଭାବେ, ସେ ଯେପରି ଜିଇଁ ଥାଉ ଥାଉ ମରି ଯାଇଛି ଏ ବିରାଟ ଦୁନିଆରେ । ଅଭାବ, ଉତ୍ପୀଡ଼ନ, ଘାତ ପ୍ରତିଘାତରେ ଜୀବନ ନଉକା ଦୋହଲି ଉଠେ । ବେଳେ ବେଳେ ଡୁବି ଯାଏ ଝଡ଼ ଘୂର୍ଣ୍ଣିବାୟୁରେ ହା'ହୁତାଶର ଗହୀର ଦରିଆରେ । ଭାବୁ ଭାବୁ ଆଖିପତା ନଇଁ ପଡ଼ିଲା ନିଦରେ ।

କନକର କଅଁଳ ହାତର ଶୀତଳ ପରଶରେ ଚଇତାର ଛାଇନିଦଟା ଛଟ୍ କରି ଭାଙ୍ଗିଗଲା । ଅନାଇଲା କନକ ବସି ଗୋଡ଼ ମୋଡ଼ି ଦେଉଛି । ଝରକା ଦେଇ କଷିକାଏ ଜହ୍ନ ଆଲୁଅ ତା ମୁହଁରେ ପଡ଼ିଛି । କନକକୁ ଦେଖି ଚଇତା କହିଲା, ଶୁଣିଲଣି କନି, ମୁଁ କଲିକତା ଯାଉଛି ଦି'ଦିନପରେ । ଅଭିମାନରେ କନକ କହିଲା, ଯାଉଁନ—ମୋତେ କାହିଁକି କହୁଛ । କନକର ଅଭିମାନ ଭରା କଥା ଶୁଣି ଚଇତା କହିଲା, ସତରେ କଣ ତୋତେ ଛାଡ଼ି ଦିବାକୁ ମୋର ମନ ହେଉଛି । କିନ୍ତୁ କଣ କରିବ । ମହାଜନର ଦେଣା ବଢ଼ୁଛି । ବାପାଙ୍କର ଦିନ କାଳ ପୂରି ଆସୁଛି । ଶେଷ ଆଡ଼କୁ ସେ ତ ଟିକେ ଶାନ୍ତିରେ ନିଶ୍ୱାସ ମାରିବା ଦରକାର । କନକ ଅଭିମାନ ଦରଦ ମିଶା

ଗଲାରେ କହିଲା, ତମର ଯଦି ବିଦେଶ ଯିବାକୁ ମନଥିଲା, ମୋତେ କାହିଁକି ଆମ ଘରକୁ ଗୁଡ଼ୁ ନଥିଲ । ମୁଁ କାହା ପାଇଁ ଏଠି ପଡ଼ି ରହିଲି । କନକ ଆଖିରୁ ଲୁହ ଦି'ଟୋପା ଚଇତା ଗୋଡ଼ ଉପରେ ଝରି ପଡ଼ିଲା । ଚଇତା କନକକୁ କୋଳକୁ ଟାଣି ଆଣିଲା । କହିଲା, ଛିଃ କନ ତୁ କାନ୍ଦୁଚୁ, ମୁଁ କଣ ପୁଣି ଲେଉଟି ଆସିବ ନାହିଁ । ତଥାପି କନକ ଆଖିରୁ ଲୁହ ବନ୍ଦ ହେଲା ନାହିଁ । ସେ ପିଲାଙ୍କ ପରି ଚଇତା କୋଳରେ କଇଁ କଇଁ ହୋଇ କାନ୍ଦି ଉଠିଲା । ଚଇତା ତା ଆଖିରୁ ଲୁହ ପୋଛି କେତେ ବୁଝାଇଲା, କନ ମୁଁ କଲିକତା ଯାଉଚି କାହାପାଇଁ । ତୋର ଦେହରେ ଏ ରୁପା କଣ୍ଠିଗୁଡ଼ା କି ଅସୁନ୍ଦର ଦେଖା ଯାଉଚି—କାନଠା ଖାଲି, ଦି'ପଇସା ରୋଜଗାର କଲେ ଆଗେ ତୋର ପାଇଁ ଗୋଟାଏ ସୁନାହାର ଆଉ କାନକୁ ଦୁଲ୍ କରିବ । ସତେ କନ ତୋର ଏଇ ଗୋରା ତକ ତକ ଚମ୍ପାଫୁଲ ପରି ଦେହରେ ସୁନାହାର ଆଉ କାନରେ ଦୁଲ୍ କେଡ଼େ ସୁନ୍ଦର ନ ମାନବ । ସେତିକ ବେଳେ ତୋର ନାଲି ଓଠରେ ସରୁ ହସ ଦେଖିଲେ ମୋର ସବୁ ବିଦେଶ ଦୁଃଖ ଆପେ ଆପେ ପାଶୋରି ଯିବ । କନକ ଚଇତାର ମନଭୁଲା କଥାରେ କେତେ ଘଡ଼ି ପରେ ପ୍ରବୋଧ ହେଲା । ତା'ପରେ କେତେ ସୁଖ ଦୁଃଖ ପରେ କନକ ଶୋଇ ପଡ଼ିଲା ଚଇତା କୋଳରେ ।

ସେତେବେଳକୁ ରାତି ଅଧ—ବଣା ଗର୍ଜୁଚି । ପକ୍ଷୀ ଓ ପକ୍ଷିଣୀ ଗଛ ଡାଳରେ ଆବେଗରେ ନିଦ୍ରା ଯାଇଛନ୍ତି । ଚଇତା ଆଖିରେ ନିଦ ନାହିଁ । ସେ କଲିକତା ଯିବ ବୋଲି ଖାଲି ସ୍ୱପ୍ନ ଦେଖୁଚି ।

କେତେ ଗାଁ, କେତେ ନଈ ପାରି ହୋଇ ସେଇ ଯେଉଁ ସହର— ସେଇ କଲିକତା । ବଡ଼ ସହର । କେତେ ମଣିଷ, ଘୋଡ଼ାଗାଡ଼ି


ରିକ୍ସା, ମଟର, ଟ୍ରାମ, ବସ—କେତେ କାରଖାନା ଯୁଆଡ଼େ ଚାହଁ ଖାଲି କଳ, କାରଖାନା, ମଣିଷ, କୋଠାବାଡ଼ି । ସେଠିକା କୋଠାଗୁଡ଼ା କୁଆଡ଼େ ଆକାଶକୁ ଲାଗିଛି ! ସେଠିକା ମଣିଷ ମଜଲ ମଜଲିସରେ ଦିନ କାଟନ୍ତି—ଭଲ ପିନ୍ଧନ୍ତି—ଭଲ ଖାଆନ୍ତି । ଆମ ଏଠିକା ମଣିଷ ଗୁଡ଼ା ସେଠିକା ମଣିଷ ଆଗରେ କୁଆଡ଼େ ପୋକପରି ଦିଶନ୍ତି, ଚଇତା ଖାଲି ଯା ଶୁଣିଛି—ସେଇଆ ଭାବି ଭାବି ଜୀବନର ବେଳା ଭୂମିରେ ସ୍ୱପ୍ନ ଦେଖୁଛି ।

ସେଇଠି—ସେ ପୁଣି ତାର ଜୀବନ କାଟିବ । ସେଠି ଏ ଘର ଦୁଆର ବାପ, ମା ନଥିବ, ଆଉ ଅନ୍ଧାର ଆଲୁଅପରି ଜୀବନ ପଛେ ପଛେ ଅତି ଆପଣାର ଭାଇଯା ଏଇ କନକ ବି ନଥିବ । କିପରି ଏଇ ଅସରନ୍ତି ଦିନଗୁଡ଼ା କଟିବ । ଚଇତା ଭାବିଲା କେତେ କେଜାଣି । ସାରା ଶରୀରରେ ତାର ଉତ୍ତେଜନାର ତଡ଼ିତ ପ୍ରବାହ ଖେଳିଗଲା । କନକକୁ ଆହୁରି ଜୋରରେ କୋଳରେ ଜାକିଧରି ତାର ଘୁମନ୍ତ ଗଣ୍ଡ ଦେଶରେ ଚୁମ୍ବନଟାଏ ଆଙ୍କି ଦେଲା । ତାପରେ ସପନ ଦୋଳିରେ ଦୋଳି ଖେଳିଲା ଚଇତାର ଦେହ ଓ ମନ । ଗୁହିର ନୀରବତାର ବୁକୁ ଚିରି ସେତେବେଳକୁ ସାଇଁ ସାଇଁ ପବନ ବହୁଥିଲା ।

ସେଦିନ ମଙ୍ଗଳବାର । ଦିନସାରା କନକର ମନଟା ଭଲ ନାହିଁ । ବେଳେବେଳେ ଆଖିରେ ଲୁହ ଜକେଇ ଆସୁଛି । ରାତି ପାହିଲେ ତାର ଅତି ଆପଣାର ସ୍ୱାମୀ ତାକୁ ଛାଡ଼ି ଚାଲିଯିବ ସୁଦୂର ବିଦେଶକୁ । ସାତ ସମୁଦ୍ର ତେର ନଈ ସେପାରିରେ ସେ ଯେଉଁ ବିଦେଶ, ହେଠ କିଏ ଥିବ । ତା ସ୍ୱାମୀର ଭଲ ମନ୍ଦ ଖାଇବା ପିଇବା ସବୁ ଖବର

ଫୁଟିବ । କନକ ଖାଲି ଭାବୁଚି—ଧନସାଗର କୋଉ କାମରେ ମନ ନାହିଁ ।

ସଞ୍ଜ ହେଲା । ସରଗ ମଥାନରେ ଜହ୍ନମାମୁଁର ଗୋରା ହସଟିକ କେତେ ସୁନ୍ଦର ଦିଶିଲା । କନକ ଚଇତାକୁ ଚକୁଳି ପିଠାକରି ଖାଇବାକୁ ଦେଲା । ତାକୁ କିଏ କହିଥିଲା ଚକୁଳି ପିଠା ଖାଇ ବିଦେଶ ଗଲେ ଚଞ୍ଚଳ ଘରକୁ ଫେରି ଆସନ୍ତି ବୋଲି ।



ଚଇତା ତାର ସାଙ୍ଗସାଥୀମାନଙ୍କୁ ଶେଷ ଦେଖା କରି ରାତି ଦି' ଘଡ଼ି ବେଳକୁ ଘରକୁ ଫେରି ଆସିଲା, ଘର ଭଲ ମନ୍ଦ ବିଷୟରେ କେତେ କଥା ବାପାଙ୍କ ସହିତ ପଡ଼ିଲା । ତା ପରେ ଖାଇ

ଶୋଇବାକୁ ଗଲା । ରାତିରେ କନକକୁ କେତେ ବୁଝାଇଲା । କନକ କହିଲା, ବିଦେଶ ଯାଉଚ—ମୋତେ ଭୁଲିଯିବ ନାହିଁତ ? ଚଇତା କହିଲା, କନ ଭୁଲିକି ଜାଏ ପାରେ ।

ପାହାନ୍ତିଆ ତରା ଉଇଁଲାବେଳକୁ ଚଇତା ନିଦରୁ ଉଠିଲା । ପାହାନ୍ତା ପହରୁ ବିଦେଶ ଯିବା ଶୁଭ । କନକ ଉଠି ଦୁଆରେ ପୂର୍ଣ୍ଣ କଳସ ବସାଇଲା । ଭୋରୁ ଭୋରୁ ଚଇତା ଗାଧୋଇ ଖାଇ ବାପା ବୋଉଙ୍କ ଠାରୁ ବିଦାୟ ନେଇ କଳସ ଓ ଠାକୁର ମୂଳେ ଦଣ୍ଡବତ ହୋଇ ବାହାରି ପଡ଼ିଲା । କନକ ଖାଲି କାନ୍ଦୁଥାଏ । ଶାଶୁ ଆସି ତାର କେତେ ବୁଝେଇଲା । ଛି ବୋହୂ, ବିଦେଶ ଗଲାବେଳେ କାନ୍ଦନ୍ତି ନାହିଁ—ସ୍ୱାମୀର ଅମଙ୍ଗଳ ହେବ । କନକ ଆଖିରୁ ଲୁହ ପୋଛିଲା । ଆଗରୁ ନଟିଆ ଓ କାଳି ସାମୁଲ ଯାଇ ଗାଁ ମୁଣ୍ଡ ଠାକୁରାଣୀ ବରଗଛ ନିକଟରେ ଚଇତା ଅପେକ୍ଷାରେ ଥିଲେ, ସେଇ ଯାଗାଟା ଗାଁର କଳିକତିଆଙ୍କର ପାହାନ୍ତସ ପଡ଼ିଆ, ସେଇଠି କଳିକତିଆ ସବୁ ସାଙ୍ଗ ହୁଅନ୍ତି । ଠାକୁରାଣୀଙ୍କ ନିକଟରେ ନିଜର ମଙ୍ଗଳ କାମନା କରି ତା ପରେ ବାହାରି ପଡ଼ନ୍ତି—ସୁଦୂର ବିଦେଶ ପଥରେ । ଚଇତା ଚହଁଅଳରୁ ସମସ୍ତେ ଉଠିଲେ । ଠାକୁରାଣୀଙ୍କୁ ମୁଣ୍ଡିଆମାରି ବାହାରି ପଡ଼ିଲେ । ଘର-ବାଡ଼ି, ଗାଁ-ଭୂଇଁ ବାପ ମା, ସ୍ତ୍ରୀ ମାୟାମମତା ସବୁ ପଡ଼ି ରହିଲା ପଛରେ । ସେମାନେ ଆଗେଇ ଚାଲିଲେ କେତେ ଗାଁ ଅତିକ୍ରମ କରି ।

ରେଲଗାଡ଼ି ଦଉଡ଼ୁଥିଲା ସତେ ଯେପରି ସୀମାହୀନ ଅସୀମ ପଥରେ । ତା ସଙ୍ଗେ ସଙ୍ଗେ ଚଇତାର ମନ ବି ଦଉଡ଼ୁଥିଲା । କାହିଁ କେତେ ଦୂରରେ ଆଜି ସେ । କୁଆଡ଼େ ଯାଉଚି । ନଟିଆ କହିଲା କଣ

ଝୁରୁଚ ଏତେ ଚଇତା ଭାଇ, ନୂଆବୋହୂ କଥା ମନେ ପଡ଼ୁଚନ୍ତରେ । ଚଇତାର ମନ ଭାବନା ମୂଲକରୁ ଫେରି ଆସିଲା । ହସି ହସି ନିଜର ଦୁର୍ବଳତାକୁ ଲୁଚେଇ କହିଲା, ନାଁରେ ନଟିଆ, ଝୁରୁଚ ବିଦେଶରେ କେଉଁଠି କପାଳ ଧନ କାଟିବା । ନଟିଆ କହିଲା, ଯା ଭାଗ୍ୟରେ ଥିବ ହେବ, ଏତେ ଝୁରୁଚୁ ଗୋଟାଏ କଣ ମ । ତଥାପି ଚଇତାର ମନଟା ଘର ଧରିଲା ନାହିଁ—ଖାଲି ଭାବନା ମୂଲକର ସଉଗ ସେ ପଠେରେ ଉଡ଼ି ଉଡ଼ି ବୁଲିଲା ।

ଗାଡ଼ି ଚାଲିଛି କେତେ ଷ୍ଟେସନ ଅତିକ୍ରମ କରି । ଚଇତାକୁ ସବୁ ଯେପରି ନୂଆ ଘର ଲାଗୁଚି । କେତେ କେତେ ନୂଆଲୋକ ଆସୁଚନ୍ତି—ଯାଉଚନ୍ତି । ଗାଡ଼ି ଆସି ବାଲେଶ୍ୱର ଷ୍ଟେସନରେ ପହଞ୍ଚିଲା । ଷ୍ଟେସନ ଉପରୁ ଲୋକ ଗହଳି ଶୁଭିଲା । ଷ୍ଟେସନ ଉପରେ ଗୋଟାଏ ଟୋକା ଚା' ଗରମ, ଚା' ଗରମ ଡାକି ଡାକି ଗଲା । ତା ପରେ ଆଉ ଗୋଟାଏ ଟୋକା ପାନ ବିଡ଼ି ସିଗାରେଟ୍ ପାନ ବିଡ଼ି ସିଗାରେଟ ଚିତ୍କାର କରି ଉଠିଲା । ଚଇତା ଗାଡ଼ି ଭିତରୁ ବାଲେଶ୍ୱର ଷ୍ଟେସନ ଉପରେ ଟିକିଏ ଆଖି ବୁଲେଇ ନେଲା । ସତରେ ଆଜି ସେ କେତେ କେତେ ନୂଆ ଯାଗା ଦେଖୁଚି । ନୂଆ ଲୋକଙ୍କର ପରିଚୟ ପାଉଚି । ଟିକିଏ ଗୁଡ଼ି ସିଗନାଲ ଦେଇ ଗାଡ଼ି ଛାଡ଼ିଲା । ଯେତେ ଜୋରରେ ଗାଡ଼ି ଚାଲୁଛି—ସେତିକି କଲିକତା ନିକଟ ହୋଇ ଆସୁଚି । ଚଇତା ମନରୁ ଜନକର ଭାବନା ମରି ମରି ଆସୁଛି । କଲିକତା ସ୍ୱପ୍ନ ଦେଖି ଦେଖି ଚଇତା କେତେବେଳେ ଶୋଇ ପଡ଼ିଲା—ଜାଣେ ନାହିଁ ।

ଭୋର ସାଢେ ଛଅଟା ବେଳକୁ ଗାଡ଼ି ଆସି ହାଓଡ଼ା ଷ୍ଟେସନରେ ପହଞ୍ଚିଲା । ନଟିଆ ଡାକିଲା, ଚଇତା ଭାଇ ଉଠ ଉଠ, ଆମେ ଆସି

କଲିକତାରେ ପହଞ୍ଚିଲେଣି । ଚଇତା ଆଖି ମଳି ମଳି ଗଣ୍ଠିଲିଟି ଧରି ହୁସ୍ କରି ଉଠି ପଡ଼ିଲା । ଷ୍ଟେସନରେ ପେଲା ପେଲି ମଣିଷ ସମୁଦ୍ରର ଅସୁମାରି ଭିଡ଼ ତରଙ୍ଗ ଠେଲି କାଳି ସାମ୍ନୁଲି ଚଇତା ଓ ନତିଆକୁ ନେଇ ବାହାରି ଆସିଲା । ଆଗରେ ଗଙ୍ଗାନଦୀ, ହାଓଡ଼ା ପୋଲ, ଅସଂଖ୍ୟ କୋଠାବାଡ଼ି, ପେଲା ପେଲି ମଣିଷ, ଅସୁମାରି ଗାଡ଼ି । କାହାରିକୁ ଡର ନାହିଁ—ସମସ୍ତେ କର୍ମ ଚଞ୍ଚଳ । ଚଇତା ନତିଆ ଦିହେଁ ଦେଖିଲେ ଏଇ ତାଙ୍କର ସେଇ ସ୍ୱପ୍ନର କଲିକତା—ଓଡ଼ିଆଙ୍କ ଆଶା ଭରସାର ଶେଷ ସଙ୍ଗାଳୀ ଏଇ ସେଇ କଲିକତା ।

—ଅଣତିଶ—

—ଘରବାସୀ—

—୫—

ବହୁ ବଜାର । ଅଳି ଗଳି, କନ୍ଦି ବକନ୍ଦିରେ ଓଡ଼ିଆ ପୂରି ରହିଛନ୍ତି । ଶଶୀଭୂଷଣଦେ ଷ୍ଟ୍ରୀଟକୁ ଲଗି ଗ୍ରେଟ ଗଳିଟି ଭିତରେ କାଳି ସାମୁଲର ବସା । ସେହି ବାଡ଼ି ଭିତରେ କେତେ ମୁଲକର ଓଡ଼ିଆ ଭାଇ ବସା ବାନ୍ଧି ରହିଛନ୍ତି । ଯେପରି ଏକା ଘରର—ବାଦ ନାହିଁ—ବିବାଦ ନାହିଁ । ବିଦେଶରେ ସମସ୍ତେ ଭାଇ ଭାଇ । କାଳି ସାମୁଲ ସାଙ୍ଗରେ ଆଉ ଦି'ଜଣ ଲୋକ ଏକା ବସାରେ ରହନ୍ତି । କାମ କରନ୍ତି ଏକାଠି । ଚଇତା ନଡିଆ ଦିହେଁ ସେଇଠି କିଛିଦିନ ହେଲା ଆସି ରହିଛନ୍ତି । କାଳି ସାମୁଲ ତାଙ୍କ ଦିହିଁଙ୍କ ପାଇଁ କେତେ ଯାଗା ବୁଲି ଚାକିରି ସନ୍ଧାନ ନେଉଛି । ବୁଲି ବୁଲି ୧୫ ଦିନ ପରେ ନଡିଆ ପାଇଁ ଗୋଟିଏ ଚାକିରି ମିଳିଗଲା ପାର୍କ ସର୍କସର ଗୋଟିଏ ସାହେବ ବାଗାନରେ । ମାଳି କାମ—ମାସକୁ ଚାଳିଶ ଟଙ୍କା । ନଡିଆ କାମରେ ଯୋଗ ଦେଲା । ଜଣକ ଚିନ୍ତାରୁ କାଳି ସାମୁଲ ଖଲାସ ହେଲା— ବାକି ରହିଲା ଚଇତା ।

—ପରବାସୀ— —ଅନଗୁଳିଆ—


କଲିକତା ସହରର ସୌନ୍ଦର୍ଯ୍ୟ ଦେଖି ଦେଖି ଚଇତା ଘର ସ୍ମୃତି ଗୁଡ଼ାକ ଦୂରକୁ ଟିକେ ଆଡ଼େଇ ଦେଇଚି ସିନା— କିନ୍ତୁ ଏ ଯାଏ ଭୁଲିନାହିଁ । ଅବସର ବେଳେ ଜନକର ସେଇ ଦରଦର ହସିଲା ମୁହଁଟି ଆଖି ଆଗରେ ନାଚି ଉଠେ । ସାଥୀହୀନ ହୃଦୟଟା ତାର ହାହାକାର କରିଉଠେ । ମନଟା ବି ଭଲ ଲାଗୁନି ଏଯାଏ । ଚାକିରିର ଯୋଗାଡ଼ ହେଲିନାହିଁ । ଏତେ ଆଶା ପୋଷି କଲିକତା ଆସିଚି— ସବୁ କଣ ନିରର୍ଥକ । ବସି ବସି ଶୁଖିଲା ମୁହଁ କରି ଚଇତା ଯେତେବେଳେ ଥିବେ, କାଳି ସାମୁଲି ତାକୁ ଭରସା ଦେଇ କହେ, ଚଇତା ମନମାରି ବସିଚୁ କାହିଁକରେ—ଯା ବୁଲି ଆସିବୁ । କଲିକତା ସହର ଲକ୍ଷ ଲକ୍ଷ ଲୋକଙ୍କୁ ଦାନା ଯୋଗାଉଚି— ତୋ ପାଇଁ ଚାକିରିଟାଏ ମିଳିବ ନାହିଁ । ଯା ଯା ହସଖୁସିରେ ବୁଲ । ତୋ ଚାକିରି କଥା ମୁଁ ବୁଝିବି ।

ଏବେ କାଳି ସାମୁଲି ଶୁଣିଲା, ମାଟିଆ ବୁରୁଜ ସୂତା କଳରେ ନୂଆ ଲୋକ ନେଉଚି । ଖବର ପାଇ ଚଇତାକୁ ନେଇ ମାଟିଆ ବୁରୁଜରେ ପହଞ୍ଚିଲା । ମାଟିଆ ବୁରୁଜ ସୂତା କଳର ବଡ଼ ସରଦାର ସହିତ କାଳି ସାମୁଲିର ଆଗରୁ ଜଣାଶୁଣା ଥିଲା । ତାରି ଦ୍ୱାରା ଚଇତାର ଚାକିରିଟିଏ ଯୋଗାଡ଼ ହୋଇଗଲା । ସୂତା ଯୋଡ଼ିବା କାମ—ହପ୍ତା ପନ୍ଦର ଟଙ୍କା ।

ଚଇତା ଭାବିଲା ମନ୍ଦ ନୁହେଁ ଚାକିରିଟା । ମାସକୁ ହେଲାଣି ଷାଠିଏ ଟଙ୍କା । କୋଡ଼ିଏ ଟଙ୍କାରେ ସେ ନିଜର ଖର୍ଚ୍ଚ ତୁଲାଇ ବାକି ଟଙ୍କା ମାସକୁ ମାସ ଘରକୁ ପଠାଇ ଦେବ । ବାପା ଟଙ୍କା ପାଇଲେ

କେତେ ଖୁସି ହେବେ । ମନ ଖୁସିରେ ବାପାଙ୍କ କଟକ ଚିଠି ଖଣ୍ଡେ ଲେଖି ସେଦିନ ପଠେଇ ଦେଲା ।

ପନ୍ଦର ତାରିଖରୁ ଚଇତା କାମରେ ହାଜର ହେଲା । ଏଣିକି ନଇତି ସକାଳ ହେଲେ କଳ ଘରର କଳଜା ଥରା ବଂଶୀ ଚଇତାକୁ



ଡାକଦିଏ । ଚଇତା କାମକୁ ଦଉଡ଼େ । ଶହ ଶହ ମଜୁରିଆ ଦଉଡ଼ନ୍ତି—ଚଇତା ବି ତାଙ୍କ ଭିତରୁ ଜଣେ । ମନରେ ତାର କ୍ଳାନ୍ତି ନାହିଁ । ନାହିଁ ଅବସାଦ । ଉଜୁଳ ପରି ସେ କାମ ବେଳେ ଖଟିଥାଏ ।

—ପଲ୍ଲୀବାସୀ— —ଏକଲକ୍ଷ—

କୁଲି ଲାଇନ କରକୁ ଗ୍ରେଟିଆ ବସ୍ତି ଭିତରେ ଚଇତା ଜଣଙ୍କ ବସାରେ ମୁଣ୍ଡ ଗୁଞ୍ଜି ରହିଚି । ଖପରଲି ଘର ଖଣ୍ଡେ—ପାଖକୁ ପାଖ ଆଉ କେତେ ଘର । କେତେ କେଜାଣି ମଜୁରିଆ ରହନ୍ତି କେତେ ଦେଶର—କେତେ ଆଉର । ବସ୍ତି ସେ ପାଖରେ ନର୍ଦ୍ଦମାର କୁଢ—ମାଛି ଭଣ ଭଣ । ବେଳେବେଳେ ନାକଫଟା ଗନ୍ଧ ଆସେ ପବନରେ । ସେ ବସାରେ ଆଉ ତିନିଜଣ ଲୋକ ରହନ୍ତି—ସେମାନେ ବି ଚଇତା ପରି କଳଘରର ମଜୁରିଆ । ସୁଧି ସରଦାର ଚଇତାକୁ ଆଣି ସେ ବସାରେ ରହିବାକୁ ସ୍ଥାନ ଦେଇଚି । ସେ ବସାରେ ଯେଉଁ ତିନିଜଣ ରହନ୍ତି—ସେମାନେ ସୁଧି ସରଦାରର ଗାଁ ଆଖପାଖ ଲୋକ ।

ଚଇତା ବସାରେ ରହିଲା ଦିନୁଁ ସେ ଅନ୍ୟ ତିନିଜଣଙ୍କୁ ନଜର କରି ପାରିଚି । ସମସ୍ତଙ୍କୁ ଆପଣାର ପରି ଦେଖେ—କାହାରି କଥା ତଳେ ପକାଇ ଦିଏନା । ସମସ୍ତେ ଚଇତାକୁ ଆଦର କରନ୍ତି—କିନ୍ତୁ ସବୁଠୁ ଚଇତାକୁ ବେଶି ଭଲପାଏ ବାଉରିଆ । ବାଉରିଆ ଚଇତା ଦିହେଁ ଏକା ବୟସର—ସେଥିପାଇଁ ଦିହିଁଙ୍କର ବେଶି ମନ ମିଳେ । ଅବସର ବେଳେ କେତେ ମନଖୋଲା ଅଡ୍ଡା ଗପ ପଡ଼େ । ଚଇତା ବାଉରିଆକୁ ନାଁକୁ ଖାଲି ଭାଇ ବୋଲି ଡାକେ ସିନା—କିନ୍ତୁ ଭାଇ ପରି ଖାତିର କରେନା । ବନ୍ଧୁ ପରି ଦେଖେ ।

ଦିନଟାଯାକ କାମ କରି କରି ଚଇତାର ଦିନଟା କଟିଯାଏ—ଭାବିବାକୁ ବେଳ ମିଳେନା । ରାତି ଆସେ—ଚଇତା ଭାବେ କ୍ଲାନ୍ତ ଅବଶ ଦେହଟାକୁ ବିଛଣାରେ ଗଡ଼ାଇ ଦେଇ ଟିକେ ଶାନ୍ତିରେ ନିଶ୍ବାସ ନେବ । କିନ୍ତୁ ଆଖି ଆଗରେ ତାର ଭାସି ଉଠେ ଗୋଟି

ଗୋଟି ହେଇ ଗାଁ, ଘର ଦୁଆର—ଧାନ ବିଲ—ବୋଉର ରୁଗ୍ଣ ଶରୀର—ବାପାଙ୍କର ବଳିଲ ବଳିଲ ଚେହେରା—ଜନକର ଶୁଖିଲ ମୁହଁ । ଆସିଲା ବେଳେ କେତେ ସେ କାନ୍ଦି ଥିଲା । ଚଇତା ଦେଖେ ଆସିଲା ଦିନୁ ସବୁ ଦିନେ ଯେପରି ସେ ସିମିତି କାନ୍ଦୁଚି । ଭାବୁ ଭାବୁ ଚଇତା ଆଖିଟା କେତେବେଳେ ଓଦା ହେଇ ଆସେ । କହେ ଏତେ ଭାବୁଚୁ କଣ କିରେ ଚଇତା—ମୁହଁଟା କାହିଁକି ଶୁଖିଲା ଦିଶୁଚି । ବାଉରିଆ ପଚାରେ ଚଇତାକୁ । ଚଇତା ମୁହଁର ଭାବ ବଦଳାଇ କହେ, ନାଁ ମ ବାଉରିଆ ଭାଇ, ଭାବିବି ଗୋଟାଏ କଣ । ଏଠି ମୋର କଣ ଅସୁବିଧା ହେଉଚି ଯେ ମୁହଁ ଶୁଖିଲା କରିବି । ତୋ ପରି ଭାଇ ପାଇଚି—ଏହାଠୁ ବଳି ଭାଗ୍ୟ ମୋର କଣ ଅଛି । ବାଉରିଆ ହସି ହସି କହିଲା, ହଁରେ ଚଇତା ମୁଁ ଜାଣେ—ତୁ ଯେତେ ଲୁଚାଇଲେ ବି ତୋ ମନକଥା ମୁଁ ଭଲକରି ଜାଣେ । ନୂଆ ବାହା ହେଇ ନୂଆ ସୁଆଦ ଚାଖୁ ଚାଖୁ ଘରେ ସୁନ୍ଦରୀ ଭାରିଯାକୁ ଛାଡ଼ି ଆସିଚୁ ବୋଲି ବିଦେଶରେ ମନଟା ତୋର ଲାଗୁନି ନୁହେଁ ?

ଚଇତା କିଛି କହିଲା ନାହିଁ । ଖାଲି ମୁରୁକି ମୁରୁକି ହସିଲା । ସେ ହସରେ ଯେପରି ଇଙ୍ଗିତ ଦେଲା ବାଉରିଆ ଭାଇ ତୁ ମୋ ମନ କଥା ଜାଣିଲୁ କିପରି ? ବାଉରିଆ କହିଲା, ଚଇତା ନୂଆ ନୂଆ ସବୁ ସିମିତି ହୁଏ । ମୁଁ ବି ଦିନେ ତୋରିପରି ହେଉଥିଲି । ଦିନଗଡ଼ି ଯାଇଚି—ଅବୁଝା ମନ ଘର ଧରିଚି । ବାହା ହେଲଣି ଆଜିକି ପାଞ୍ଚ ବରଷ ହେବ । ଏହି ପାଞ୍ଚବରଷ ଭିତରେ କେତେ ସୁଖ ଦୁଃଖର ଲହଡ଼ି ଭାଙ୍ଗି ଜୀବନ ସିମିତି ଚାଲିଚି ଆଗକୁ । ଅତୀତର ସୁଖ ସ୍ମୃତି ଗୁଡ଼ା ଗୋଡ଼ି ମାଟି ପରି କାହିଁ କେତେ ଦୂରରେ

ପଡ଼ିଲେଣିରେ । ଚଇତା ଆଜି ଭାବିବାକୁ ବେଳ ମିଳୁନାହିଁ । ଖାଲି ରାତି ପାହିଲେ କାମ କର—ଖାଅ ପିଅ । ନିଜର ଘର ସଂସାର ଦେଖ । ଏହାହିଁ ହେଉଛି ସାର । ଜୀବନର ସୁଖ ସୁଆଦ ସବୁ ବୟସ ଗଡ଼ିଲେ ମରି ଯିବରେ ଚଇତା, ତୁ ପୁଣି ଦିନେ ବୁଝିବୁ । ଆମେ ତ ମଜୁରିଆ—ଦିନ ରାତି ଖଟିଲେ ବି ପେଟ ଚାଖଣ୍ଡିକ ପୂରୁନାହିଁ । ଘରେ ପିଲା ପିଲି ଉପାସ । ଆମର ଗୋଟାଏ ସୁଖ ଆନନ୍ଦ କ'ଣ ଅଛିରେ । ମନ ଯିବା ଲୋଡ଼େ—କିନ୍ତୁ ଜୀବନରେ ତା ସମ୍ଭବ ହୋଇ ପାରେନା ।

ଚଇତା ବାଉରିଆର କଥା ଶୁଣି କହେ ସତେ ବାଉରିଆ ଭାଇ ସବୁ ବୁଝିବି ମନଟା ବୁଝୁନାହିଁ । ଖାଲି ଘର ଦୁଆର, ବାପା ବୋଉ, ଜନକ କଥା ବାର ବାର ମନେ ପଡ଼ୁଛି । ଆସିଲାବେଳେ ଜନକ ଭାରି କାନ୍ଦୁଥିଲା । ଘରେ ଥିଲାବେଳେ ଦିନେ ଦିନେ ହଳରୁ ଫେରୁ ଫେରୁ ଡେରିହେଲେ ଯିଏ ମନମାରି ବସେ—କଥା କହେନା— ସେ ପୁଣି କେମିତି ରହୁଥିବ ଖାଲି ତାରି କଥା ମନେ ପଡ଼ୁଛି । ବାଉରିଆ ହସି ହସି କହିଲା, ମୁଁ ବି ଦିନେ ଠିକ୍ ସେଇଁ ସେମିତି ହେଉଥିଲି । ମାସେ ଦି'ମାସରେ ଘରକୁ ପଳାଉଥିଲି । କିନ୍ତୁ ଦିନେ ସୁଦାମ ଭାଇଙ୍କର ଗାଳି ଶୁଣିଲି । କହିଲେ, ଚାକିରି ଆଗ ନା ରେ ବାଉରିଆ ମାଇପ ଆଗ । ତୋର ହାତକୁ ଘରେ ମଲା ଦଦସ ବୁଢ଼ିମା, ବୋଉ, ବାପା, ଭଉଣୀ ଚାରି ଚାରିଟା ପଇସା ଅନାଇ ରହିଛନ୍ତି । ପିତୃ ପୁରୁଷ ଅର୍ଜିତ ଜମି ବୋଲି ଅଛିଏ ତ ନାହିଁ । ସବୁ ଦିନେ କିଣିବେ—ଖାଇବେ । ତୁ ଏମିତି କାମରେ ମାରା କରି ଘରକୁ ଦଉଡ଼ିଲେ ଚାକିରି ରହିବଟିରେ ବାଉରିଆ, ସେଇ ଦିନଠୁ

ଚେତନା ପଶିଲା ମୋ ଦେହରେ । ତା ପରେ ଆପେ ଆପେ ସବୁ ଦେହସୁହା ହୋଇଗଲା ।

ସେତିକବେଳେ ବସାରେ ଆଉ ଦୁ' ଜଣ ପଦନ ସୁତାର, କେଳୁ ମହାନ୍ତ ଆସି ପହଞ୍ଚିଲେ । ପଦମା ସୁତାର କେଳୁ ମହାନ୍ତ ଦୁ'ଜଣଙ୍କ ବୟସ ଚାଳିଶ ପାଖା ପାଖି । ଦୁ' ଜଣଯାକ ଜୋରଦାର ମଣିଷ— ଖଟିଲେ ହଟି ପଡନ୍ତି ନାହିଁ । ପଦମା ସୁତାର ଘର ଯାଜପୁରେ— କେଳୁ ମହାନ୍ତ ଘର ଯାଜପୁର ପାଖ ଗାଁ ପ୍ରୀତିପୁର । ଦୁହେଁ ଘର ପାଖାପାଖି ଲୋକ ବୋଲି ଦୁହିଁଙ୍କର ଏକ ମେଳ—ଏକକଥା ।

ପଦନ ସୁତାର ଦାନ୍ତ ଦୁ'ଟା ପଦାକୁ ବାହାରିଛି । ଦେହର ରଙ୍ଗ କଳା, ଦେଖିବାକୁ ବିକୃତ ଚୋହେରାର ମଣିଷଟାଏ । ସେଥିପାଇଁ ପଦନ ସୁତାରକୁ କାଳିଆ ଦନ୍ତା କହିଲେ ଖୁସି ଚଢ଼େ । ପାନ ଖାଏ ବେଦମ—ଦାନ୍ତଗୁଡ଼ା କଳା ପଡ଼ିଗଲାଣି । କେଳୁ ମହାନ୍ତ ଏକାବାଗିଆ ଲୋକଟା । ଯା ବୁଝିଥିବ—ସେଇଆ । ସାମାନ୍ୟ କିଛି ପାଠ ଶାଠ ପଢ଼ିଛି । ସେଥିପାଇଁ ମଜୁରିଆଙ୍କ ଭିତରେ ସେ ଟିକେ ନେତାଗିରି ଦେଖାଏ । ଗୌରବର୍ଣ୍ଣ—ମୁହଁଟି ଗୋଲ—ନାକଟା ଟିକିଏ ଚେପ୍ଟା—ଆଖି ଦୁଇଟା ବଡ଼ ବଡ଼ ।

ପଦନ ସୁତାର କହିଲା, କିରେ ବାଉରିଆ, ଆଜି ଆସି ଏତେ ରାତି ହେଲାଣି । ବଜାର ସଉଦା ହେବ କେତେବେଳେ—ରୋଷେଇ ହେବ କେତେବେଳେ । ବାଉରିଆ କହିଲା, ଯାଉଛି ପଦମା ଭାଇ, ତମେ ଦୁହେଁ ବସାରେ ରହ । ଏତିକି କହି ବାଉରିଆ ତାର ମଇଳା କୋଟଟେ ଅଖା ବେଗ୍‌ଟା ନେଇ ତଇତା ସାଥୀରେ ବଜାରକୁ ବାହାରି ପଡ଼ିଲା ।

ବଜାରରୁ ଫେରୁ ଫେରୁ ରାତି ନଅଟା ବାଜିଗଲା । ତରବର ହୋଇ ଚଇତା ଚୂଲି ଧରି ଭାତ ହାଣ୍ଡି ଆଣି ବସାଇଲା, ବାଉରିଆ ପରିବା କାଟିଲା । ଦିନବେଳେ ପଦମା ସୂତାର, କେଳୁ ମାହାନ୍ତି, ରାତିକି ଚଇତା ଓ ବାଉରିଆ ପାଳି କରି ରୋଷେଇ କରନ୍ତି । ଖାଉ ଖାଉ ସେ ଦିନ ବାରଟା ବାଜିଲା । ମଜୁରିଆ ଜୀବନରେ ଖାଇବା ପିଇବା ର ଠିକ୍ ନ ଥାଏ । କୋଉଦିନ ରାତିରେ କଳଘର ଚୂଲିଲେ ମଜୁରିଆ ମାନଙ୍କୁ ନିଶ୍ବାସ ମାରିବାକୁ ବେଳ ନ ଥାଏ । ଗଣ୍ଡିଏ ଖାଇ ପୁଣି ସେମାନେ ଦଉଡ଼ନ୍ତି ଅଧିକ ଲୋଭରେ ।

ଇମିତି କଳଘରର ମଜୁରିଆ ଜୀବନ ବିତିଚାଲେ । ନିତି ସଞ୍ଜହେଲେ କୁଲି ବସ୍ତି ଭିତରୁ ଓଡ଼ିଆଙ୍କର ଖଞ୍ଜଣୀ ମାଦଳ ଶୁଭେ । କିଏ ଭଜନ ଚଉତିଶା, କିଏ ବା ଉପେନ୍ଦ୍ର ଭଞ୍ଜ ଦୀନକୃଷ୍ଣଙ୍କ ଛାନ୍ଦରୁ ପଦେ ଅଧେ ବୋଲି ନିଜର କର୍ମ କ୍ଳାନ୍ତ ନୀରସ ଜୀବନକୁ ଟିକେ ସରସ କରି ଆନନ୍ଦ ଉପଭୋଗ କରନ୍ତି । ଆଉ କିଏ କାବାଡେର ଆଲୁଅ, ରଜ ଭାବନା, ଚୂଡ଼ାବିଳାସ ଗୀତମାନ ବୋଲି ଦିନ ସାରା ଦୁଃଖ କଷ୍ଟ ଭୁଲି ଯାନ୍ତି ।

କେଉଁଠି କେଉଁଠି ଦି' ଚାରିଜଣ ମେଳି ହୋଇ ସରଗ ପେଟରେ ଅଛିଣ୍ଡା ଗପ କରନ୍ତି । କେଉଁଠି ଠୋକା ଠୋକା ମେଳି ହୋଇ ବସ୍ତି ଭିତରେ କାର ସୁନ୍ଦରୀ ବୋହୂ, ଝିଅ ବିଷୟରେ ଆଲୋଚନା କରନ୍ତି । କିଏ କିଏ ଘର, ପିଲା କୁଟୁମ୍ବ କଥା ଗୁଣି ହୁଅନ୍ତି ।
ପଦମା ସୁତାର ଟିକେ ହସ ଖୁସିର ଲୋକ । ବେଳେବେଳେ ଏପରି କଥା କହେ ହସେଇ ହସେଇ ପେଟ ଦରଜ କରେ । ଦିନେ ଦିନେ ରାତିରେ ପଦନ ସୂତାର ବସି କଣ ଭାବିଲା ବେଳେ ବାଉରିଆ ଭାଇ

ପଚ୍ଛରେ, କ ପଦନ ଭାଇ କା କଥା ଏତେ ଭାବୁଚୁ ମ । ପଦମା ସୂତାର ହସି ହସି କହେ, ଶାଶୁଆ ବୋଉ କଥା ଭାବୁଚରେ । କେତେ ରାଣ ନିୟମ ପକେଇ କହିଥିଲି ଦଶରାକୁ ଘରକୁ ଯିବାକୁ । ଦଶରା ତ ଗଲା—ଗଲାନାହିଁ । ସେଇ ଲାଗି ଗୋଷା ହୋଇ ଚିଠି ଟେଣ୍ଡ୍ରେଣ ଦେଉ ନାହିଁ । ବାଉରିଆ ହସି ହସି କହିଲା, ଶାଶୁଆ ବୋଉ ତମର ଏଇ ସୁନ୍ଦର ଚେହେରା ଦେଖି ଏତେ କମିଛି ରସିଛି ମ । ପଦନ ହସି ହସି କହେ, ଆରେ ଦିନେ ପରା ରାତିରେ ଡେଇଁ କରି ଗଲି ବୋଲି ଶାଶୁଆ ବୋଉ କବାଟ କିଲି ଦେଲା । ସେତେ ଡାକିଲି ଫିଟାଇଲା ନାହିଁ । ପାଞ୍ଚଦିନ କାଲି କଥା ବି ପଦେ କହିଲା ନାହିଁ—ଚଇତା, ବାଉରିଆ, କେଳୁ ମାହାନ୍ତି ସମସ୍ତେ ହି ହି ହୋଇ ହସି ଉଠିଲେ ।

କେଳୁ ମାହାନ୍ତି ନିଜର ବଡ଼ିମା ଦେଖାଇ କହିଲା, ବିମଳୀକି ଯେତେ ବେଳେ ମୁଁ ବାହାହେଲି, ତା ରୂପ ଦେଖି ମୁଁ ଦୁନିଆ ଭୁଲିଗଲି । ଗାଁରେ ଯିଏ ଦେଖିଲା ସମସ୍ତେ କହିଲେ, ମାହାନ୍ତି ଘରର ଲକ୍ଷ୍ମୀ ବୋହୂଟିଏ । ଦିନେ ତା ମନ ବଢ଼ିବାକୁ କହିଲି, ବିମଳୀ ତୁ ଯେତେ ହେଲେ ଜଣେ ଆମ ଗାଁ ରାମ ଭାଇଙ୍କ ସ୍ତ୍ରୀଙ୍କଠୁ ସୁନ୍ଦରୀ । ଏତିକିରେ ମୁଁ ଯାଏ କୁଆଡ଼େ । ଘଁ କନାଡ ଫଣା ଟେକି ଉଠିଲା । କହିଲା, ଯାଉନା ସେଇ ରାମଭାଇଙ୍କ ମାଇପ କତିକି । ମାସେ କାଳ ପରା ମୋତେ କତିରେ ପୂରାଇ ଦେଲାନାହିଁ । ଯୋଉ ଉହାଳ ବିକଳରେ ଦିନ କାଟିଲି ।

ଇମିତି କେତେ ଆଡ଼ର ଗପ ପଡ଼େ । ହସ ଖୁସିରେ ରାତିଟା ବିତିଯାଏ । ଦିନେ ଦିନେ ଏଇ ସବୁ କଥା ଶୁଣି ଚଇତା କନକକୁ

ରାତିରେ ସପନ ଦେଖେ । ଛଟକର ନଦଟା ଭାଙ୍ଗି ଯାଏ—କାହିଁ ତାର କନକ ? ବାହାରକୁ ଉଠି ଆସି ଅନାଏ ଆକାଶରେ ତାରା ଗୁଡ଼ା ଆଖି ମିଟିକା ମାରୁଚନ୍ତି । ମଇଲା ଜହ୍ନ ଆଲୁଅ ଭୁଲି ବସ୍ତି ଉପରେ ଖାଲି ପାଉଚି । ସେ ପାଖରେ କଳଘରଟା ଅସୁର ପରି ଛିଡ଼ା ହୋଇଚି । ବିଜୁଳି ବତି ଗୁଡ଼ା ଏଣେ ତେଣେ ଜଳୁଚି ।

ହଠାତ୍ କୁଆଡ଼ୁ ପବନଟା ବହିଆସେ । ପାଖ ନର୍ଦ୍ଦମା କୁଡ଼ରୁ ଭାସି ଆସେ ଦୁର୍ଗନ୍ଧ । ଚଇତାକୁ ବିରକ୍ତ ଲାଗେ । ଘର ଭିତରକୁ ଆସି କବାଟ ବନ୍ଦ କରି ଦେଇ ଭାବେ କି ବିରକ୍ତିକର ଏଇ ଜୀବନ । ଗୁଟାଏ ମାସ କଟିଗଲା । ଚଇତା ବରାବର ଘରକୁ ଟଙ୍କା ପଠାଉଛି । ଗଲା ମାସରେ ଘନ ସାହୁ ହାତରେ ବୋଉ ଓ କନକ ପାଇଁ ଲୁଗା, ବାପା ପାଇଁ କେତେ ଜାତିର ଖାଇବା ଦରବ ପଠାଇ ଦେଇଥିଲା । ବାପା ତାର ଟଙ୍କା, ଜିନିଷ ପାଇ ଭାରି ଖୁସି । ଚଇତା କତିକି ଚିଠି ଦେଇଚି, ଚଇତା ବୋଉ ଦେହ ଭଲ ନାହିଁ—ମଝିରେ ମଝିରେ ଜର ହେଉଚି । ବୋହୂ ଦେହଟା ଭଲଅଛି । ଗାଁକୁ ବର୍ଷା ପାଣି ହେଉଚି । ଧାନ ଗଛ ସବୁ ଅଣ୍ଟାଏ ଉଚ ହେଲାଣି । ଇମିତି କେତେ କଣ ।

ରବିବାର ଛୁଟି ହେଲେ ଚଇତା ମାଟିଆ ବୁରୁଜ ଛାଡ଼ି କଲିକତାର ଚୌରଙ୍ଗୀ, ବଡ଼ବଜାର ଆଡ଼କୁ ବୁଲି ଆସେ । ନଡିଆ ବସାରେ ପହଞ୍ଚିଲେ ହସି ହସି ଚଇତାକୁ କୁଣ୍ଢାଇ ପକାଏ । ତା ପରେ ଦିହେଁ କେତେ ଆଡେ ବୁଲନ୍ତି ।

ଚୌରଙ୍ଗୀର ବଡ଼ ରାସ୍ତା—ଦି କଡ଼ରେ ଠାଏ ଠାଏ କୃଷ୍ଣଚୂଡ଼ା ଫୁଲର ଉଜ୍ଜ୍ୱଳା ହସ । ମଟର, ଘୋଡ଼ାଗାଡ଼ି, ଟ୍ରାମ, ବସ୍,

ରେକ୍ସା ଛୁଟି ଚାଲିଚି । ଇଂରେଜ, ଆମେରିକାନ, ଚାଇନିଜ, ହିନ୍ଦୁସ୍ଥାନୀ, ପଞ୍ଜାବୀ କେତେ ଜାତିର ମଣିଷ । କେତେ ସୁନ୍ଦରୀ ଯୁବତୀ । ଚାରିଆଡ଼େ ଖେଳ ବିଳାସର ଉଚ୍ଛ୍ୱାସ ।

ଚଇତା ଏ ସବୁ ଦେଖିଲେ ମାଟିଆବୁରୁଜ ଓ ତାର ସେଇ କୁଳି ବସ୍ତିଟା କେଡ଼େ ଅସନା ଦିଶେ । ମାଟିଆବୁରୁଜ ସେଇ ରାସ୍ତା କଡରେ କଂସେଇଙ୍କର ମାଂସ ଦୋକାନ । କି ଅସନା—ଆଇଁସିଣିଆ ଫୁଲୁଟିଆ ଗନ୍ଧ । ଚଇତା ଭାବିଲା ବେଳକୁ ତା ଦେହରେ ରୋମାଞ୍ଚ ଆସେ । ତାଠୁ ବଳି ପୁଣି ତାଙ୍କ କୁଳି ବସ୍ତିର ସେଇ ନର୍ଦ୍ଦମାର ଗନ୍ଧ—କି ଉତ୍କଟ । ଭାବୁ ଭାବୁ ଚଇତା ଆଗେଇ ଚାଲେ । ନିତିଆ କହେ, ଚଇତା ଭାଇ ଏଣେ ଦେଖନ ।

ଚଇତା ଦେଖେ ଗୋଟିଏ ସଜ ଫୁଲ ପରି ତଳ ତଳ ସୁନ୍ଦରୀ ସ୍ତ୍ରୀଟି ରେକ୍ସାରେ ଯାଉଚି । କଡରେ ତାର ସ୍ୱାମୀ । ସ୍ୱାମୀର ବାହୁ ବେଷ୍ଟନୀ ଭିତରେ ସୁନ୍ଦରୀଟି ହସି ହସି କଣ କହୁଚି । ଚଇତା ଏହି ସବୁ ଦୃଶ୍ୟ ଦେଖିଲେ ତା ଦେହରେ ଲାଗେ ଚମକ—ରକ୍ତରେ ଆସେ ଉଷ୍ମତା । କନକ କଥା ମନେ ପଡ଼େ । ସେବେ କନକ ଏହାଠୁ ବଳି ସୁନ୍ଦର ନୁହେଁ । ହଠାତ୍ ରାସ୍ତାକର ଦୋକାନରୁ ସଙ୍ଗୀତର ମୂର୍ଚ୍ଛନା ଭାବନାକୁ ତାର ଗୋଳମାଳ କରିଦିଏ ।

ଚାନ୍ଦେରେ ହାସିର ବାଁଧ ଭେଙ୍ଗେଚେ
ଉଛୁଲେ ପଡ଼େ ଆଲୋ

ଓ ରଜନୀ ଗନ୍ଧା ତୋମାର
ଗନ୍ଧ ସୁଧା ଢାଲୋ······

ଆଗରେ ପାରଡ଼ାଇସ ସିନେମା—ବିଳାସର ସ୍ୱପ୍ନପୁରୀ । ନୂଆ ଖେଳ ଆସିଚି—ସେଥିପାଇଁ ଭାରି ଭିଡ଼—କଣ୍ଟ୍ରୋଲ ଦୋକାନଠୁ ବଳି ଚଇତା ଭାବିଲା ଖାଇବାକୁ ମିଳୁ ନାହିଁ—ଦେଶରେ ଅଭାବ ଅନାଟନ ଲାଗି ରହିଚି—ଭୋକିଲା ମଣିଷ ଚିତ୍କାର କରୁଚି ଦାନା ଦିଅ ଅଥଚ ଦେଶର ଏତେ ପଇସା ଏଇ ଆଡ଼େ ଉଡ଼ିଯାଉଚି ।

ଦୁହେଁ ବୁଲି ବୁଲି କାଳି ସାମୁଲ ବସାରେ ପହଞ୍ଚିଲେ । କାଳି ସାମୁଲ ଦୁହିଁଙ୍କୁ ଦେଖିଲେ ଭାରି ଖୁସି ହୁଏ । ଦୁହିଁଙ୍କି ସେ ମଣିଷ କହିଚି—ଏଦ୍ଦାଠୁ ବଳି ଆଉ କଣ କରନ୍ତା । କେତେ ସୁଖ ଦୁଃଖ ପରେ ଚଇତା ନଡ଼ିଆ ଦୁହେଁ ଫେରି ଆସନ୍ତି ନିଜ ନିଜର ବସାକୁ । ପାଣି ସୁଅପରି ଦିନ ଗଡ଼ିଗଲେ ।

—୨—

ଚଇତା କଲିକତା ଚାଲିଗଲା । ଆଠଦିନ ପରେ ଭଲକରି ନଇତି ଅସରାଏ ଅସରାଏ ବର୍ଷା ହେଲା । ନିଧିପଧାନ ଜମିତକ ହଳ କରି ଧାନ ବୁଣି ଦେଲା ।

ପୃଥିବୀକୁ ଶ୍ୟାମଳତା ଫେରି ଆସିଲା । ଧିରେ ଧିରେ ଧାନ ଗଛ ଦୋହଲିଲା । ନିଧି ପଧାନ ଆଶାଲତାରେ କେତେ ଜାତିର ଫୁଲ ଫୁଟିଲା । ଲକ୍ଷ୍ମୀଙ୍କ ଦୟାହେଲେ ଧାନ ଗଣ୍ଡାକ ତାଲି ଭଲ ହେବ । ଘର କୁଟୁମ୍ବ ଚଳାଇ ମହାଜନ ଦେଣା ସୁଝିବ । ଦୁନିଆରେ ପାଞ୍ଚ ଜଣଙ୍କ ଆଗରେ ମୁଣ୍ଡ ଟେକି ଚାଲିବ ।

ଚଇତାଠୁ ସେଇଁଦିନ ଚିଠି ପାଇଲା—ସେ ଚାକିରି କରିଚି—ଭଲରେ ଅଛି । ନିଧି ପଧାନ ହୃଦୟ ଆନନ୍ଦରେ ପୁରି ଉଠିଲା । ଗାଁ ମହାପୁରୁଷଙ୍କ ପାଖରେ ଗଞ୍ଜେଇ ଭୋଗ କଲା ।

ଗାଁର ସେନ୍ତ୍ର ବଙ୍କା ବନ୍ଧ କରକୁ ବାଲିମାଳ ମଠ—ମହାପୁରୁଷଙ୍କୁ ବିପଦ ଆପଦରେ ଡାକିଲେ ଜବାବ ଦିଅନ୍ତି । ସେଇଥିପାଇଁ ଗାଁ ଗୋଟାକ ଯାକ ମହାପୁରୁଷଙ୍କୁ ମାନନ୍ତି । ନିଧିପଧାନ ମାନସିକ କରିଥିଲି, ପୁଅ ତାର ଭଲରେ ଚାକିରି କରୁ । ମନକାମନା ତାର ମହାପୁରୁଷ ପୂରଣ କରିଚନ୍ତି ।

ମାସକୁ ମାସ ଚଇତା ଟଙ୍କା ପଠାଇଲା । ନିଧିପଧାନ ଟଙ୍କା ପାଇ ଆହୁରି ଖୁସି ହେଲା । ଭାବିଲା ଏ ବରଷ ପୁରୁଣା ଘରଟାକୁ ଭାଙ୍ଗି ତାରି ଜାଗାରେ ନୂଆ ଘର ଠିଆ କରିବ ।

ନିଧି ପଧାନ ନିଜକୁ ଭୁଲିଯାଏ । ଧନସାରା ସୁଖରେ ଲାଗେ । ଧାନ କିଆରିରେ ବୁଲି ଆସିଲେ ପେଟ ତାର ପୂରିଯାଏ ।

ଚଇତା ଗଲାଦିନଠାରୁ ଭରିବୋଉର ଦେହ ଭଲନାହିଁ । ବାଯୁ ବେଗରେ ମରଣ ସହିତ ଅନବରତ ଯୁଦ୍ଧ କରି ଆଜି ତାର ଅସ୍ଥି ଖାଲି ଭଙ୍ଗାଜୀବନର ହାଡ଼ କେଇ ଖଣ୍ଡ । ମଟିରେ ମଟିରେ ଜଇ ହେଉଚି । ଯେତେ ଯୁଆଡ଼ର ଔଷଦ ଦେଲେ କାଟୁ ନାହିଁ ।

କନକ—ଚଇତା ଗଲାଦିନୁ କନକର ଅବସ୍ଥା କହିଲେ ନସରେ । ସବୁବେଳେ ଚଇତାକୁ ଝୁରି ଝୁରି ଆସି କଣ୍ଠା ହେଲାଣି । କୋଉ କାମରେ ତାର ମନ ଲାଗେନା । ଖାଲି ମନ ମାରି ବସେ । ଭଲ ଲୁଗା ଖଣ୍ଡେ କି ଗହଣା ଦି ପଟ ପିନ୍ଧେନା । ଶାଶୁ କେତେ ଆକଟି କହେ । କନକ ସବୁ ଶୁଣେ । ବେଳେ ବେଳେ କୁହେ, ବୋଉ ପିନ୍ଧିଲା ନାଇଲା ଦିନ କଣ ମୋର ସରି ଯାଉଚି । ପୁନିଅଁ ପରବ

କୁଆଡ଼େ ଯାଏ କନକକୁ କିଛି ଜଣା ଯାଏ ନାଁ । ଖାଲି ଭାବେ—ସେ କେବେ ଆସିବେ । ସୂର୍ଯ୍ୟ ବୁଡ଼ିଗଲା ପରେ ଭାବନା ତାର ବୁଡ଼ିଯାଏ ଦୂର ଗଛ ଗହଳି ସେ ପଟରେ ।

× × ×

ନନ୍ତିଆ ଫୁଲଗଛ ମୂଳରେ ପାଣି ଦିଏ । ବାଗାନରୁ ଅନାବନା ଗଛ ଉପାଡ଼ି ସଫାସୁତୁରା କରେ । ନୂଆ ନୂଆ ଋତୁ ପାଇଁ ନୂଆ ଫୁଲଗଛ ଲଗାଏ । କାମ କରୁ କରୁ କେବେ କେବେ ଟିକେ ଅଳସ ମାଡ଼ିଲେ—ସାହେବ ଆସି ନାଲି ଆଖି ଦେଖାଇ ଗାଳି ଦିଏ । ନନ୍ତିଆ ମନଟା ବିଗିଡ଼ି ଉଠେ ।

ଗାଁରେ ଥିଲାବେଳେ କାହିଁ କେଉଁ ଦିନତ ତାକୁ ପଦେ କେହି କହନ୍ତି ନାହିଁ । ଆଖି ଆଗରେ ତାର ସେଇ ଗାଁଟର ନାଚି ଉଠେ । ନନ୍ତିଆ ଦେଖେ ତାର ଧାନ କ୍ଷେତ ଦୋହଲି ଦୋହଲି ଦକ୍ଷିଣା ପବନରେ ଲହଡ଼ି ଖେଳୁଚି । ସତେ ଯେପରି ତାକୁ ସେଇ ଶ୍ରେଷ୍ଠ ଶ୍ରେଷ୍ଠ ଧାନ କଅଁଶ ଡାକୁଚି । ନନ୍ତିଆ ଭାବେ ଏ ଚାକିରୀ ଛାଡ଼ି ସେ ଚାଲିଯିବ । କିନ୍ତୁ ପରକ୍ଷଣରେ ଭାବେ ତାର ଭବିଷ୍ୟତ । ବାହା ସାହା ହେଇ ନାହିଁ । ପୁଣି ଦିନେ ତାକୁ ଦଶଜଣଙ୍କ ପରି ଘରସଂସାର କରିବାକୁ ପଡ଼ିବ । ତା ପାଇଁ ପୁଣି କିଛି ପାଣ୍ଠି ତ ଦରକାର । ବାପତ ଆସି ବୁଢ଼ା ହେଲାଣି । ଜମିରୁ ଆଉ କେତେ ଆମଦାନି ହେବ ।

ଘରୁ ବାପା ଚିଠି ଦେଇଚି—ବାପ ନନ୍ତ, ମୋର ସୁନାଭଲଣ ନେବୁ । ଯଉ ଟଙ୍କା ପଦରଟା ଦେଇଥିଲୁ—ସେ ସବୁ ବଳ ବସ୍ତୁରେ ଶେଷ ।

ସିତାରାମ ସାହୁର ଦୋକାନ ବାକି ସାତ ଟଙ୍କା ହେଲାଣି । ଆଉ କାଲି ଆଣିବାକୁ ଗଲା ବେଳକୁ ଦଉନାହିଁ । ବୋଉକୁ ଜର ହେଉଚି । ଆମ ଗାଁ ରଘୁପାଣି ବଇଦ ଆସି ଔଷଧ ଦେଉଚି । ତାର ପାଉଣା ହେଲାଣି । ହାତ ଉଧାର ଦି' ଚାରିଟଙ୍କା ଅଛି । ଆସନ୍ତା ମାଘରେ ତୋର ବାହାଘର କରିବା ପାଇଁ ଯୋଗାଡ଼ କରୁଚି । ସବୁ ଭାବି ଚିନ୍ତି ଟଙ୍କା ପଇସା ହାତରେ ରଖି ମୋ କତିକି ପଠେଇବୁ । ବେଶି ଖରଚ କରିବୁ ନାହିଁ । ଦେହ ପା ପ୍ରତି ନଜର ରଖିବୁ । ବିଦେଶ ଜାଗା—ଆମର ବା ସେଠି କିଏ ଅଛି ? ଇମିତି କେତେ କଥା—କେତେ ଅଭାବ ଅଭିଯୋଗ ।

ନତିଆ ଚିଠି ପଢ଼େ ଥରେ ନୁହେଁ—ବାର ବାର । ମନରାଇଜରେ ତାର ଭାବନାର ଝିପିରି ଝିପିରି ମେଘ—କେତେବେଳେ ମେଘ କାଟି ଆଲୁଅ । ସେ ବାହାହେବ ଚଇତାଭାଇ ପରି । କନକ ପରି ତାର ବୋହୂଟିଏ ଆସିବ । ଭବିଷ୍ୟତ ଅନାବନା ସ୍ୱପ୍ନର କୁହେଳିକା ନତିଆ ଭାବନା ରାଇଜରେ ବସା ବାନ୍ଧେ । ସେ ଖାଲି ଭାବେ—ଆଉ ଭାବେ ।

ସଞ୍ଜ ଆସେ । ଆକାଶର ଜହ୍ନ ଆଲୁଅ ଭୁନ ଭୁନ ଆସି ନତିଆର ବାଗାନରେ ଫୁଲ ସେଯ ପାରି ଶୋଇ ପଡ଼େ । କେତେ ଜାତିଆ ଫୁଲର ଗନ୍ଧ—ଝୁସିବାସିଆ ଧିର ପବନ ନତିଆକୁ ଭାରି ଭଲ ଲାଗେ । ଭାବେ ଇମିତିକା ସୁନ୍ଦର ରାତିକି ଚଇତା ଭାଇ ନୂଆବୋଉ ପରି ସ୍ତ୍ରୀଟିଏ ପାଖରେ ଥାନ୍ତା କି । ପାଖ କୋଠିରୁ ଠଂ ଠଂ ହୋଇ ବାରଟା ବାଜେ—ନତିଆର ଭାବନାର ଶିଅ ଛିଡ଼ିଯାଏ ।

—ଚଉବନ—

—ପ୍ରବାସୀ—

ଦେଖେ ବିଜୁଳିବତ୍ତି ଗୁଡ଼ା ଜାଁ ଝାଁ ଜଳୁଛି । ନଡ଼ିଆ ଗଛେ କ
ବିରକ୍ତିକର ଏ ଆଲୁଅ । ବସାକୁ ଫେରି ତାର ସପ ଖଣ୍ଡିକ ପାରି
ଶୋଇ ପଡ଼େ । ସପଟା ଛିନ୍ନ ଜାଗା ଗୁଣ୍ଡା—ଡଙ୍କଆ ମଳି
କୋଚଟ । ନିଆଁ ଲଗେଇଲେ ଜୁଳିବ ନାହିଁ ।

× × ×

କାଳି ସାମୁଲ କରପୋରେସନରେ କୁଲି କାମ କରେ । ରାସ୍ତା ଝାଡ଼ି
ମରାମତି କରେ । ଜୀବନ ମୂର୍ଚ୍ଛା କାମ—କି ଖରା—କି ବରଷା ।
କେତେ ଖରା, ବରଷା କାଳି ସାମୁଲ ଅଙ୍ଗେ ଲିଭେଇଛି ତାର
ହିସାବ ନାହିଁ । ସେ ଖାଲି ଖଟିଛି ଜୀବନ ବିକଳରେ । ତାର ପିଲା
ଦୋଟି ମଣିଷ ହେବେ—ହାତକୁ ଦି' ହାତ ହେବେ । ତା ପରେ
କାଳି ସାମୁଲର ଛୁଟି ।

କାଳି ସାମୁଲର କଲିକତାରେ ଆସି ତିରିଶ ବରଷ ହେଲାଣି । ସେ
ଖଟି ଖଟି ନିଜର ରକତ ପାଣି କରି ଦେଇଛି । ମୁଣ୍ଡ ବାଳ ଆସି
ଧଳା ହୋଇ ଗଲାଣି । ଅଣ୍ଟା ନଇଁକି ପଡ଼ିଲାଣି ।

କାଳି ସାମୁଲ ଭାବେ, କଲିକତାରେ ଏ ଯେଉଁ କୋଠାବାଡ଼ି, ବଡ଼
ବଡ଼ ପିଚ ଢଳା ରାସ୍ତା, ବିଜୁଳିବତି, ହାଓଡ଼ାପୋଲ ଏ ସବୁ ତାରି
ଓ ତାରିପରି ଆଜି କେତେ ଜଣଙ୍କର ହାତତିଆରି । ସବୁଥିରେ
ଓଡ଼ିଆଙ୍କର ହାତ ଯଶ ରହିଛି । କିନ୍ତୁ କାହିଁ ତଥାପି ପେଟ
ରୁ ଖଣ୍ଡିକ ପୁରୁ ନାହିଁ—ପିନ୍ଧିବାକୁ କନା ଖଣ୍ଡେ ମିଳୁନାହିଁ । ସେହି
ଓଦା ସନ୍ତ ସନ୍ତଆ ଘରେ ପୋକ ପରି ପଡ଼ି ରହିବାକୁ ପଡ଼ୁଛି ।

— ପଞ୍ଚାବନ — — ପରବାସୀ —

ଗୋଟିଏ ବସାକୁ ଦଶଜଣ — ଗୋଟିଏ ପାଇଖାନାକୁ ଶହେ ଜଣ, ଆଲୁଅ ନାହିଁ । ଚୁରିଆଡ଼େ ମଶାର ମେଘ — ଗୋଳିଆ ନର୍ଦ୍ଦମାର ପାଣି—ନାକଫଟା ଗନ୍ଧ ।

ସଜାତିମାନେ ଓଡ଼ିଆଙ୍କ ପ୍ରତି ଘୃଣାରେ ନାକ ଟେକନ୍ତି । କାହିଁକି ? କାଳି ସାମ୍ଲ ଭାବେ, ଏକତାର ଅଭାବ — ସାହସର ଅଭାବ । ଭାବି ଭାବି ମୁଣ୍ଡଟା ତାର ଘୂରେଇଦିଏ ।

ତା ଜୀବନରେ ଗ୍ରେଠ ବଡ଼ କେତେ ଘଟଣା ଘଟିଛି । କିନ୍ତୁ କାଳି ସାମୁଲ ହଟିଲାବାଲା ନୁହେଁ । ମୁହେଁ ମୁହେଁ ଜବାବ ଦେଇଛି । ଇଜ୍ଜତ ତଳେ ପକାଇ ଦେଇ ନାହିଁ — କି ଚୁକଫାକ ଡର ନାହିଁ । ମୂଳିଆ ଲୋକ — ଯୋଉଠି ଖଟିବ ସେଇଠି ଖାଇବ । ଏତେ ଡର କଣ — ଭୟ କାହାକୁ । କେତେ ବାବୁଙ୍କର ମୁଣ୍ଡ ଏଇ କାଳି ସାମୁଲ ପାଦତଳେ ନୋଇଁଛି — ପୁଣି କ୍ଷମା ଚାହିଁଛି ।

ଦିନ ଯାଇଛି । କାଳି ସାମୁଲ ଉଦ୍ଦମ ରକତ ଆଜି ଶୀତଳ ହେଇଛି । ନିଜେ ରୋଜଗାର କରି ଘର କରିଛି — ଜମି ପାଞ୍ଚମାଣ । ଦି' ପୁଅ ପାରିଗଲେଣି । ହାତକୁ ଦି ହାତ ହେଇ ସାରିଲେଣି । ଏବାର କାଳି ସାମ୍ଲର ଛୁଟି ।

କାଳି ସାମଲ ଚୁକଣା ଛାଡ଼ି ଗାଁ ମାଟିକୁ ଫେରି ଆସୁଛି । ଆସିଲା ବେଳେ ତାର ସାଙ୍ଗ ସାଥୀଙ୍କି ଛାଡ଼ି ଆସୁଥାଏ ବୋଲି, ତାପରି ଠାଣୁଆ ହୃଦୟଟା ବି ତରଳିଗଲା । ଏଇ ବସା, ସାଙ୍ଗ ସାଥୀ ମେଳରେ କେତେ ଦିନର ସ୍ମୃତି ଜଡ଼ିତ — ଅନେଇଲେ ଆଖି

—ଘରବାସୀ—

—ଛପନ—

ପାଏନା । କାଳି ସାମୁଲଙ୍କୁ ସମସ୍ତେ ମୁରବି ପରି ମାନନ୍ତି । କାଳି ସାମୁଲ ସମସ୍ତଙ୍କୁ ଭାଇ ପରି ସ୍ନେହ ଦେଇଚି ।

ଆସିଲାବେଳେ ସମସ୍ତଙ୍କ ଆଖିରେ ଲୁହ । ସମସ୍ତଙ୍କ କଣ୍ଠରେ, କାଳି ଭାଇ ଚାଲି ଯାଉଚି — ଭୁଲି ଯିବନି — ଚିଠି ଖଣ୍ଡେ ଖଣ୍ଡେ ଦେଉ-ଥିବ । କାଳି ସାମୁଲ ସମସ୍ତଙ୍କୁ ବୁଝେଇ କହିଲା, ଯାଉଚି ଭାଇ ପୁଣି ଭାଗ୍ୟରେ ଥିଲେ ତମମାନଙ୍କ ସହିତ ଦେଖା । ଘାଗ, କେତେବେଳେ କା ମନରେ ଯଦି କଷ୍ଟ ଦେଇଥାଏ, ସେ ସବୁ ଭୁଲିଯିବ ଭାଇ — କାଳି ସାମୁଲଙ୍କୁ ପଛରେ ଗାଳି ଦେବ ନାହିଁ । ଏ ଜନମରେ ଆଉ ଦେଖା ହେଲା ପରି ଲାଗୁନି । ବୁଢ଼ା ହେଲିଣି । କେତେବେଳେ ଆମ ସେଇ ମଶାଣିର ଅପନ୍ତରା ଭୁଇଁର ଡାକରା ଆସିବତ ଚାଲି-ଯିବି । ଥାଅ ଭାଇ, ପୁଣି ପର ଜନମରେ ଦେଖା ।

ସମସ୍ତେ ଆଖିରୁ ଲୁହ ପୋଛୁଲେ । କାଳି ସାମୁଲ ବିଦାୟ ନେଲା । ନାତିଆ ଚଇତା କାଳି ସାମୁଲଙ୍କୁ ହାଓଡ଼ା ଷ୍ଟେସନରେ ଛାଡ଼ିଦେଇ ଆସିଲେ । ଆସିଲାବେଳେ କାଳି ସାମୁଲ କେତେ ବୁଝାଇ ଦିହିଁଙ୍କି କହିଲା, ସମସ୍ତିଙ୍କି ଭାଇ ପରି ଭାବିଥିବ — ବାଦ କରିବ ନାହିଁ । ବିଦେଶ ଜାଗା — ସ୍ନେହ କଲେ ପରବି ଆପଣାର । ନାତିଆ, ଚଇତା ଆଖିରୁ ଲୁହ ପୋଛୁଲେ ।

ସିଗ୍‌ନାଲ ଦେଇ ଗାଡ଼ି ଛାଡ଼ିଲା । ଦିହେଁ ମୁଣ୍ଡ ନୋଇଁ ଦଣ୍ଡବତ ହେଲେ । ଲୁଚିଗଲା କାଳି ସାମୁଲ ଆଖିର ଆଢ଼ୁଆଳରେ । ପଛରେ ପଡ଼ି ରହିଲା କଲିକତା — ଦୀର୍ଘ ତିରିଶ ବର୍ଷର ଅଚ୍ଛେଦ୍ୟ ବନ୍ଧନ ଛିଣ୍ଡିଗଲା । କାଳି ସାମୁଲ ଆଖିରେ ଲୁହ ଜକ ଜକ କରି ପର କ୍ଷଣରେ ଶୁଖିଗଲା ।

—ପରବାସୀ— —ମହାବନ—

—୨—

ଆଜି ସକାଳଠାରୁ କାହିଁକି ଚଇତାର ମନ ଗୋଳେଇ ଘାଣ୍ଟି ହେଉଛି । ସାରା ହୃଦୟରେ ବେଦନାର ମ୍ଳାନ ଛାୟା । ଅତୀତର ସ୍ମୃତି ଗୁଡ଼ା ଫାଳି ଆଲୁଅ ଲହଡ଼ି ଭଙ୍ଗୁଚି । ଗୋଟିକ ପରେ ଗୋଟିଏ । ବିଶ୍ରାମ ନାହିଁକି — ଅନ୍ତନାହିଁ ।

କାହିଁ କେତେ ଦୂରରେ ତାର ସେଇ ଛୋଟିଆ ଗାଁଟି । ଗାଁ ଦାଣ୍ଡ ଚାଳ ଉପରେ ସେଇ ପୁରୁଣା ସଜନା ଗଛଟିଏ । ମୂଳରେ ତାର ନୁଆଣିଆ ଗୁଳଘର ଖଣ୍ଡିକ । ସେଇ ଗୁଳିଆ ଭିତରେ ବୋଉ ତାର କଣ କରୁଥିବ । ହୁଏତ ଘର ଦୁଆର ଓଳେଇ "ବଉଳା" ଖାଇବା ଖବର ବୁଝୁଥିବ । ବଉଳା ଗାଈ ନୁହେଁ — ମଣିଷ । ତାରି ସେବା କରିଚି ସେ । ବଉଳା କଣ ସତେ ତାକୁ ଭୁଲି

ଯାଇଥିବା । ନାଁ ନାଁ କଦାପି ଭୁଲି ନ ଥିବ । ବିଦେଶରୁ ଫେରି ବଉଳା ବୋଲି ଡାକିଲେ ସେ ନିଶ୍ଚେ ଚିହ୍ନିବ । ହମ୍ବା ହମ୍ବା ରଡ଼ି ଛାଡ଼ି ଦଉଡ଼ି ଆସିବ । ଦେହରେ ଦେହ ଘଷି ହୋଇ କେତେ ସୁଖ ଦୁଃଖ କାହାଣୀ ସେ କହିବ ।

ତାର ସେଇ ଧାନ କିଆରୀ ସବୁଜ ଶିରୀ ନେଇ ହସି ଉଠିଥିବ । ପବନ ଦଉଡ଼ି ଦଉଡ଼ି ଆସି ଶୋଇ ପଡ଼ୁଥିବ — ହାଲିଆ ହୋଇ । ଘୁଞ୍ଚି ଟିକିଏ ଗୁଡ଼ ପଳାଉଥିବ ଦିଗନ୍ତ ସେପାରିକି । ବାପ ତାର ହଳ କାମ କରିବାକୁ ଯାଉଥିବ । ଲୁଗା ଖଣ୍ଡିକ ଭିଡ଼ି ଦେଇଥିବ- ଅଣ୍ଟାରେ ଗାମୁଛା । ମନରେ ଦୁଃଖ ନ ଥିବ — ହସ ହସ ମୁହଁ । ବେଳେ ବେଳେ ଗାଇ ଦେଉଥିବ ଉପେନ୍ଦ୍ର ଛାନ୍ଦରୁ ପଦେ ଅଧେ ।

ନଈରୁ ଗାଧୋଇ ଆସି ସାରବତୀ ଜନନୀ । ତୁଳସୀ ମୂଳେ ପାଣି ଦେଇ କେତେ ମନର ବେଦନା ଜଣାଉଥିବ । ଆହା କେତେ ନିରୀହ ସରଳାଟି ସତେ । ମୁଁ ନ ଖାଇଲେ ସେ ଖାଇବ ନାହିଁ । ଟିକିଏ କୁଆଡ଼େ ଗଲେ ତାକୁ ଖାଲି ଚିନ୍ତା — ଦୁନିଆ ଯାକର ଚିନ୍ତା । ରାତିରେ ଶୋଇଲାବେଳେ କେତେ ମୋଡ଼ି ଦେବ । କେତେ ଏଣୁ ତେଣୁ କଥା କହିବ । ଶୁଣିଲଣି, ସେଇ ପୋଡ଼ ଗାଁ — ବରୁପା ବ୍ରାହ୍ମଣୀ ବିଧବା ହୋଇ ମିଶି ଯାଇଛି । ତାର କୁଳରେ ନାଁଟା ତାର କଣ ଇନ୍ଦୁପୁର । ସେଇଠି ବାଉରି ଝିଅଟିଏ ମ । ଦେଖିବାକୁ କି ଉଜଳ — ଗୋଲ ଚକ ଚକ ମୁହଁ । ଆଖିରେ କଜଳ । ମୁଣ୍ଡରେ ସୁନ୍ଦର । ଘଡ଼ିଏ ଦେଖିଲେ ପେଟ ପୂରେନା । ସମସ୍ତେ କୁହନ୍ତି ବାଉରୀ କୁଳରେ ଜନମ ସିନା — କିନ୍ତୁ ବାଉରୀ ଝିଅ ସେ ନୁହେଁ, ନାଟି

ତାର ହାର । ରୂପାର ହାର ନୁହେଁ—ସୁନାର ହାର । ସମସ୍ତେ କହନ୍ତି, ଯା ଘରକୁ ଯିବ, ତା କୂଳ ଉଜ୍ଜ୍ୱଳ କରିବ ।

ଭାଗ୍ୟ ତାର ଖରାପ । ଶେଷରେ ବାପ ଛେଉଣ୍ଡ ପିଲଟାକୁ ଦାଦ ତାର ବୃକଣ ବରଷର ବୁଢ଼ାବର ହାତରେ ସମର୍ପି ଦେଲେ । ହାର କେତେ କାନ୍ଦିଲା । ଚପିଲା କୋହ, ମନର ଅଜଣା ବାସନା ସେ ଖାଲି ଜଣକୁ କହିଥିଲା । ଯିଏ ତାକୁ ପ୍ରାଣ ଦେଇ ଭଲ ପାଇଥିଲା—ସେଇ ଅନ୍ତ ଆପଣାର ନୂଆବୋଉକୁ । କାନ୍ଦିଲେ କଣ ହେବ ଭଉଣୀ—ଯା ଭାଗ୍ୟରେ ଥିବ ହେବ । ନୂଆବୋଉ ଯେତେ ବୁଝାଇଲେ ବି ହାର ବୁଝିଲା ନାହିଁ । ମନ ତାର ଅମାନିଆଁ ହେଇ ଉଠିଲା । ସେ ସେଠି ବାହା ହେବନି—ଜିଦ୍ ଧରିଲା । ଗାଁର ଟୋକାଦଳ ଉଠିଲେ ତା ଦାଦର ଏଇ ଅନ୍ୟାୟ ବିରୁଦ୍ଧରେ । ଦାଦା ତାର ଗର୍ଜି ଉଠିଲା, ଝିଅ ହେଇଁ ମୋ ମୁହଁରେ କାଳି ବୋଳିଲୁ । ତୋ ମୁହଁ ମୁଁ ଦେଖିବାକୁ ଚାହେଁ ନା—ତୋ ଖୁସିରେ ଯୋଉଠି ଇଚ୍ଛା ସେଠି ବାହାହ', ହାରର କ୍ଷଣିକ ଉତ୍ତେଜନା ପାଣି ଫଟିକି ଗଲା ।

ତା ପରେ ବାହାଘର । ବାଜା ବାଜିଲା, ବାଣ ଫୁଟିଲା । ଗାଁ ପିଲା, ଟୋକା, ବୁଢ଼ା, ମାଇପେ ଦଉଡ଼ିଲେ ବୁଢ଼ାବର ଦେଖିବାକୁ । ସମସ୍ତେ ନାକ ଟେକିଲେ । ଝିଅ ନାଣି ବର ଇଏ । ଇମିତି ଝିଅକୁ ବୁଢ଼ାବର ହାତରେ ବାହାଦେବା ଅପେକ୍ଷା ମାରି ନଈରେ ପେଲି ଦେଲାନି ଦାଦ ତାର । ଲୋକଙ୍କ କଥାକୁ କାନ ନ ଦେଇ ବାହାଘର ହେଇଗଲା । ଆହା ବିଚରାର ମନକଥା କେହି ବୁଝିଲେ ନାହିଁ—ଇମିତି ମନେ ମନେ ଫୁଟି ମଉଳିଗଲା ।

—ଷାଠିଏ—

—ପରବାସୀ—

କହୁ କହୁ କନକର କଥାର ସୁର ବ୍ୟଥାରେ ନଇଁ ପଡ଼େ । ଇମିତି କେତେ ଗାଈଗର କେତେ କଥା ସେ କହେ । ଦିନେ ଦିନେ ରାତି ପାହିଯାଏ—କଥା ତାର ସରେନା । ଅଧା, ଦରପନ୍ତରିଆ ହେଇ ରହେ । ଏହା ଭିତରେ କେତେ ପୁନେଇଁ କେତେ ପରବ ଆସି ବାହୁଡ଼ି ଗଲାଣି, କନକକୁ ସବୁ ପିତା ଲାଗୁଥିବ—ସେ ଖାଲି ଅନେଇ ବସିଥିବ ।

ଇମିତି ଭାବନାରେ ଅସ୍ଥିର ହେଇ ଉଠିଲା ଚଇତାର ମନ । ବାପା, ବୋଉ, କନକ, ଘର, ଦୁଆର ସବୁ ଖାଲି ଆଖି ଆଗରେ ଛଳ ଛଳ ହେଇ ଦେଖାଗଲା । ଚଇତା ନିଜକୁ ଭୁଲିଗଲା । ଭୁଲିଗଲା ଖାଇବା ପିଇବା—ଆଉ ଭୁଲିଗଲା ସାତ ଦିନର ଖଟଣୀ ପରେ ଆଜି ରବିବାରର ମଉଜ ମଜଲିସର ଓରମାନା ।

ତା'ପର ଦିନ ଚିଠି ପାଇଲା ବୋଉ ତାର ଶକ୍ତ ବେମାର । ଚିଠି ପଢୁ ପଢୁ ଚଇତାର ଆଖି ସଜଳ ହୋଇଆସିଲା । ବୋଉର ମଳିନ ମୁହଁ—ଦିଉ ଦଉ ଲିଭିଲା ଆଖି, ଆଖି ଆଗରେ ନାଚି ଉଠିଲା । ଆଉ କାନ ପାଖରେ ଉଠିଲା ତାର ସେଇ ମଧୁର ଡାକ, ଚଇତା ଚଇତା । ପିଲାଟିଦିନୁ ବୋଉର କେତେ ଆଦର—କେତେ ଯତ୍ନ ସବୁ ଖାଲି ମନେ ପଡ଼ିଲା । ଚଇତା ଭାବିଲା—ଆଉ ଭାବିଲା । କଳ ଘରର ଗୁଡ଼ିଥଗା ବଇଁଶି ଚିତ୍କାର କରି ଉଠିଲା । ତଥାପି ଭାବନା ତାର ଭାଜିଲା ନାହିଁ ।

ବାବୁ ଛୁଟି, ବୋଉ ମୋର ଶକ୍ତ ବେମାର । କେତେ କେତେ ବ୍ୟାକୁଳ ନିବେଦନ କରି ଚଇତା ଛୁଟି ପାଇଁ ଦରଖାସ୍ତ

କଲା । କୁହି ମଞ୍ଜୁର ହେଲନାହିଁ । ଚଇତାର ସବୁ ଆଶା ଜାଳ ଚୋଡ଼ ପାଉଁଶ ହୋଇଗଲା । ଚଇତା ଖାଲି ଭାବିଲା ଆଖିରୁ ଲୁହ ନଗଡ଼, ବାଉରିଆ ଭାଇ କେତେ ବୁଝାଇଲା—ଚଇତା କିଛି ବୁଝିଲା ନାହିଁ ।

ହଠାତ୍ ଟେଲିଗ୍ରାମ ଆସି ପହଞ୍ଚିଲା, ବୋଉ ତାର ମରି ଯାଇଛି । ଟେଲିଗ୍ରାମଟା ପାଇ ଚଇତା ଭେ ଭେ ହୋଇ କାନ୍ଦି ଉଠିଲା । ବାଉରିଆ ଭାଇ, ମଦନ ସୂତାର, କେଲୁ ମହାନ୍ତି ଚଇତାକୁ କେତେ ବୁଝାଇ ସାନ୍ତ୍ୱନା ଦେଲେ । ଚଇତା କଏ କାହାରରେ । ବୋଉ, ବାପା, ଭାଇ, ଭଉଣୀ, ପଡ଼ଶା ସବୁ ମିଛ—ଦୁନିଆ ବି ମିଛ । ଖାଲି ଗୋଟାଏ ମାୟା । ଏହି ମାୟା ତୁଟିଲେ ସମସ୍ତେ ପରରେ— କେହି କାହାର ନୁହେଁ ।

ଚଇତା ଭାବିଲା, ଚାକିରି ଛାଡ଼ିଦେବ । ଲୋଡ଼ାନାହିଁ ତାର ଧନ— ଲୋଡ଼ାନାହିଁ ତାର ବଡ଼ ହେବାର ମୋହ । ସେ ତାର ସେଇ ମାଟି କାଦୁଅ ଗାଁକୁ ଲେଉଟିଯିବ । ବାପା ସାଙ୍ଗରେ ମାଟି ସହିତ ହସି ଖେଳି ଦିନ କାଟିବ—କନକ ସାଥିରେ ଘର କରିବ ।

କିନ୍ତୁ ପରକ୍ଷଣରେ ମନଟା ତାର ଦୁର୍ବଳତାରେ ଭରିଯାଏ । ଭାବେ ମହାଜନର ଦେଣା ବଢ଼ୁଚି । ଘର ଖଣ୍ଡିକ ଭାଙ୍ଗି ରୁଜି ଗଲାଣି । ଚାକିରି ଛାଡ଼ିଲେ ଏ ସବୁ ହେବ କିପରି । ଗାଁରେ ବା କେତେ ରୋଜଗାର ହେବ । ଇମିତି ଭାବି ଭାବି ଚଇତାର ଦୁର୍ବଳ ମନ ସେଇ କଳଘରେ ପଡ଼ି ରହିବାକୁ ଇଙ୍ଗିତ ଦିଏ ।

—ଦାଷଠି— —ପରବାସୀ—

ଚଇତା ଘରକୁ ବୋଉର ଶୁଦ୍ଧି କ୍ରିୟା ପାଇଁ ପଚୃଶଟା ଟଙ୍କା ପଠାଇ ଦେଲା । ଆଜି ବାପା କଣ୍ଡିକ ଚିଠିଦେଲା । ବାପା, ମୋଠୁ ବଳି ହତଭାଗା ଏ ଦୁନିଆରେ କେହିନାହିଁ । ମଲାବେଳେ ବୋଉକୁ ଦେଖି ପାରିଲି ନାହିଁ କି ବୋଉର ସେବା କରି ପାରିଲି ନାହିଁ । ମଲାବେଳେ ପାଣି ମୁନ୍ଦାଏ ବି ଦେଇ ପାରିଲି ନାହିଁ । ମୋ ପରି ପୁଅ ତମର ବଞ୍ଚି ରହି କି ଲାଭ । ବରଂ ଏଇ ବିଦେଶରେ ମରିଯିବା ଭଲ । କେତେ ଚେଷ୍ଟା କରି ଛୁଟି ସାତଟାଦିନ ବି ମିଳିଲା ନାହିଁ । ବୁଢ଼ା ଦିନେ ତମର ମୁହଁରେ ହସ ଫୁଟାଇବା ପାଇଁ ଏଠି ଖାଲି ଭାଗ୍ୟକୁ ଆଦରି ପଡ଼ି ରହିଲି । ଗୃକଘର ମାୟା ତୁଟାଇ ପାରିଲି ନାହିଁ ।

ଯିଏ ମୋତେ କାଖେଇ କୁଣ୍ଢେଇ ମଣିଷ କରିଥିଲା—ଯିଏ ମୁଁ ନ ଖାଇଲେ ଖାଉ ନ ଥିଲା—ସେ ଆଜି ଆଖି ବୁଜିଛି । ତା ପାଇଁ ମୁଁ ଆଜି କଣ କରିଛି । ନିଜ ଜୀବନ ସଳିତାକୁ ଜାଳି ସେ ଯେଉଁ ଆଲୁଅ ଟିକକ ମୋତେ ଦେଇ ଯାଇଥିଲା—ସେ ଟିକକ ଆଜି ଲିଭିଗଲା ପରି ଲାଗୁଛି ।

ଦିନ ଗଡ଼ି ଚାଲିଲା—କିନ୍ତୁ ଚଇତାର ମାତୃହରା କ୍ଷତ ଲିଭିଲା ନାହିଁ ।

## —୮—

ନଡିଆ ଚିଠି ପାଇଲା । ବାପା ତାର ଲେଖିଚ, ଏଇ ମାଘମାସ ଭିତରରେ ତୋର ବାହାଘର । ଶୀଘ୍ର ଠଙ୍କା ପଇସା ସଜିଲ କରି ଘରକୁ ବାହୁଡ଼ିଆ । ଡେରି କରିବୁ ନାହିଁ । ମଦନ ଜେନାକୁ ମୁଁ ଜବାବ ଦେଇ ସାରିଚ । ନସୁମାକୁ-ବୋହୂ କରି ଆଣିବି ବୋଲି । ବୋଉ ତୋର ଖୁବ ଖୁସି ।

ନଡିଆ ଚିଠି ପାଇଲା ବେଳୁ ଗୋଡ଼ ଧଡ଼ା ତଳେ ଲାଗୁନାହିଁ । ମନଟା ଯାଇଁ କୋଉ ଦୂରଗାଇଜରେ ଜଡ଼ୁଚି । ନସୁମା ହେବ ତାର ବୋହୂ । ନସୁମାକୁ ନେଇ ସେ ସୁନାର ସଂସାର ଗଢ଼ିବ, ଦଇତା ଭାଇ ପରି । ଆଉ ନସୁମାଟି ଦେଖିବାକୁ ଚମ୍ପାଫୁଲ ପରି ଗୋରା ତକତକ ଦେହ । ମୁହଁଟି ଗୋଲ—ଠିକ୍ ପୁନେଇଁ ଜହ୍ନପରି । ସରୁ ସରୁ ଭୃଲତା । ଆଖି ଯୋଡ଼ିକ ହରିଣୀ ଆଖିପରି ସବୁବେଳେ

ଚଞ୍ଚଳ । ଛବିଟି ପରି ରୂପ । ଗାଁରେ ସବୁ ଝିଅଙ୍କଠୁ ସେ ସୁନ୍ଦରୀ । ସେଇହେବ ନତିଆର ନିତିଦିନିଆ ଭଙ୍ଗାଗଢ଼ା ଜୀବନର ସୁଖ ଦୁଃଖର ସାଥୀ । ନତିଆ ଖାଲି ସ୍ୱପ୍ନ ଦେଖିବାକୁ ଲାଗିଲା । କାମରେ ଧାମରେ କୋଉଥିରେ ମନ ଲାଗିଲା ନାହିଁ ।

ଏ ଖୁସି ଖବର ନେଇ ନତିଆ ଦଉଡ଼ି ଗଲା ଚଇତା ଭାଇ କତିକି । ଚଇତା ଭାଇ ସବୁ ଶୁଣି କହିଲା, ତୁ ଭାରି ଭାଗ୍ୟବାନ ନତିଆ— ନପୁମା ପରି ବୋହୂ ପାଉଚୁ । ଆଉ ଦୁଃଖ କଣରେ ? ସବୁ ଦୁଃଖ ଭାର ମୁହଁକୁ ଚାହିଁଲେ କ୍ଷଣକରେ ଉଭାଇ ଯିବ । ଚଇତା ଭାଇ କଥା ଶୁଣି ନତିଆ ମନଟା କୁଣ୍ଢେ ମୋଟ ହୋଇଗଲା ।

ସାହେବଙ୍କୁ କହି ବୋଲି ନତିଆର ମୋଟେ ମାସ ଗୋଟିଏ ଛୁଟି ମିଳିଲା । ନତିଆ ନପୁମା ପାଇଁ ହାତକୁ କାଚ, ବାଜୁ, ଅଣ୍ଟାକୁ ଅଣ୍ଟାସୂତା ଇମିତି କେତେ ରକମର ଗହଣା, ଲଗେଇବା ପାଇଁ ସ୍ନୋ, ସାବୁନ, ତେଲ, ଅତର, କେତେ ଜିନିଷ ସବୁ କିଣିଲା । ଏତେବଡ଼ ବାହାଘରଟା ହେଉଚି—ତେଲ ଅତର ଟିକେ ନେବ ନାହିଁ । ଜିନିଷ ସଜାଳି କରି ନତିଆ ଘରକୁ ଫେରିଲା ।

ବୋଉ ମଲାଦିନୁ ଚଇତାର ଅନ୍ତରରେ ଗୋଟାଏ ବ୍ୟଥାର ଦାଗ କିଏ କାଟି ଦେଇଚି । ସମୟର ସୁଅରେ ସେ ଦାଗ ଲିଭୁ ନାହିଁ— ଆହୁରି ଜକ ଜକ କରୁଚି ।

ନଡିଆ ଗଲାଦିନୁ ଚଇତାର ଖାଲି ଘରକଥା ମନେ ପଡ଼ୁଚି । ଭାବନା ବାଦଲ ଭିତରୁ ଉଙ୍କି ମାରୁଚି ଅତୀତର କେତେ କଥା, କେତେ ଘଟଣା । ନୟନା—ନୟନା କୁ ନେଇ ସେ ଦିନେ ଗଢ଼ିଥିଲା କଳ୍ପନାର ସୌଖିନ ମିନାର—ସେ ଆଜି ଭାଙ୍ଗି ଯାଇଚି । ସମୟର ଧୂଳି କୂଳରେ ଜୀବନର ଲୁଚିଛପା ମାନ ଅଭିମାନ, ଖେଲ,ପରିହାସ ସବୁ ହଜି ଯାଇଚି । ଆଜି ନୟନା ନଡିଆର ସ୍ତ୍ରୀ । ମନ ଯେତେ ବେଳେ ଯା ଖୋଜେ ତା ମିଳେନା ।

ବାହା ହେଇ ନଡିଆ ସୁଖରେ ଦିନ କାଟୁଥିବ—ଆଉ ସେ । ସେ ଏଇ ବିଦେଶରେ କନକ ପରି ସ୍ତ୍ରୀକୁ ଛାଡ଼ି ପଡ଼ି ରହିଚି । ଭାବି ଭାବି ଚଇତାର ମୁଣ୍ଡଟା ଗୋଳମାଳ ହୋଇଯାଏ । କେତେ ରାତି ପର୍ଯ୍ୟନ୍ତ ଚଇତା ଭାବେ, ତାକୁ କିଛି ଜଣାଯାଏନା ।

ଶୀତଦିନ ରାତି । କୁହୁଡ଼ି ଘେରା ଆକାଶରୁ ମଇଳା ଜହ୍ନଆଲୁଅ ଝରି ପଡ଼ୁଚି । ତାରଗୁଡ଼ା ଫୁଟି ଉଠିଚି ଅସୁମାରି । ଚଇତା ଭାବେ, ମୋରି ପରି ଯେତେ ବିରହୀ ସବୁ ଅଛନ୍ତି ତାଙ୍କରି ବେଦନାର ଅଶ୍ରୁରୂପେ ଏଇ ତାର ଗୁଡ଼ା ଫୁଟି ଉଠିଛନ୍ତି—ସତେ ଯେପରି ବ୍ୟଥିତ ହୃଦୟର କରୁଣ ନିବେଦନ ନେଇ ।

ବସନ୍ତ ଆସିଲା ନୁଟୁରା ଶୀତ ପଛେ ପଛେ । ଦକ୍ଷିଣା ପବନ ଥିରି ଥିରି ଆସି କାନ ପାଖରେ କହିଗଲା, ବଞ୍ଚିବାରେ ସୁଆଦ ଅଛି । ଜୀବନଟା ଖାଲି ଦୁଃଖ କଷ୍ଟର ଜୀବନ ନୁହେଁ—ଜୀବନରେ ସଉରଭବ ଅଛି । ଚଇତା ଭାବିଲା, ଇମିତି ଗୋଟିଏ ବସନ୍ତର

କଥା । ତା ଜୀବନରେ ଏମିତି ଗୋଟି ଗୋଟି ହୋଇ ଦୋଟି ବସନ୍ତ ବିତିଗଲାଣି — କିନ୍ତୁ ସେ ବସନ୍ତ ଥିଲା ସବୁଠୁ ଅଲଗା । କନକ ସାଥିରେ ତା'ର ବାହାଘର — ଏମିତି ଗୋଟିଏ ବସନ୍ତର ଶୁଭ ଲଗନରେ, ତା'ପରେ ଦିନ ଗୁଡ଼ା ଖାଲି ସପନ ପରି ମିଳାଇଗଲା ।

ଚଇତା ପଢ଼ିଲା ବାପା ଚିଠି ଲେଖିଛନ୍ତି — ଚଇତା ତୁ ସେ ଦିନୁ ଗଲୁଣି — ତୋତେ ନ ଦେଖି ମୋତେ ଅନ୍ଧାର ଲାଗୁଚି । ତୁ ଶୀଘ୍ର ଛୁଟି ନେଇ ଗାଁକୁ ଆ । ବୋହୂଟା ଦେହରେ ମଝିରେ ମଝିରେ ଭଲ ରହୁନାହିଁ । ତା ଆଗ ରୂପ ନାହିଁ — ଶୁଖି କଳାକାଠ ପଡ଼ିଗଲାଣି । କେତେ କାକୁତି ମିନତିରେ ଚଇତାର ମାସଟିଏ ଛୁଟି ମିଳିଲା । ଚଇତା ବାପାପାଇଁ ଜାମା, ଲୁଗା ଆଉ ଖାଇବାପାଇଁ କେତେ ଜାତିକା ଫଳ ଆଉ କନକ ପାଇଁ ପ୍ରତି ମାସରେ ଅଲଗା ଅଲଗା କରି ସାଇତି ରଖିଥିବା ଟଙ୍କାରେ ଭରିଏ ସୁନାର ଗୋଟିଏ ମୁନାହାର କରିନେଲା । ଆଉ ପିନ୍ଧିବା ପାଇଁ ଶାଢ଼ୀ, ଲଗେଇବା ପାଇଁ ବାସନା ତେଲ, ସ୍ନୋ, ସାବୁନ, ଅଳତା କେତେ ଜିନିଷ କିଣି ଗଣ୍ଠିରି ବାନ୍ଧିଲା । ଆସିଲାବେଳେ ପଦନ ସୁତାର ହସି ହସି କହିଲା, ଚଇତା ମାଇପକୁ ପାଇ ଭୁଲି ଯିବୁନିରେ — ଚିଠି ଖଣ୍ଡେ ଦେବୁ । ଚଇତା ହସି ହସି ଉତ୍ତର ଦେଲା, ତୋରି ପରି କଣ ହୋଇଚି ପଦନ ଭାଇ, ଶାଗୁଆ ବୋଉକୁ ଦେଖି ସବୁ ଭୁଲିଯିବି ।

ବାଉରିଆ ଆସି ଚଇତାକୁ ଗାଡ଼ି ଚଢ଼େଇ ଦେଇଗଲା । ଗାଡ଼ି ଛାଡ଼ିଲାବେଳେ ବାଉରିଆ କହିଲା, ଚଇତା ଭୁଲି ଯିବୁନି — ମୋ

କଥା ପଦେ ଅଧେ କନକକୁ କହିବୁ । ଚଇତା ହସିଲା—ପରିତୃପ୍ତିର ହସ ।

ଗାଡ଼ି ଧୀରେ ଧୀରେ ଷ୍ଟେସନ ଛାଡ଼ିଲା ।

ଗାଁ ମୁଣ୍ଡ ସେଇ ଆମ୍ବତୋଟା ପାଖରେ ପହଞ୍ଚିଲାକ୍ଷଣି ଚଇତାର ହୃଦୟ ଅଜଣା ଆବେଗରେ ନାଚି ଉଠିଲା । ଏହି ଗଛଗୁଡ଼ାକ ତାର ଅନେକ ଦିନରୁ ପରିଚିତ । ଏହାରି ଡାଳରେ ପିଲାବେଳେ କେତେ ସେ ଡାଳ ମାଙ୍କୁଡ଼ି ଖେଳିଚି, ଆଜି ତାର ଇୟତ୍ତା ନାହିଁ । ଗଛଗୁଡ଼ାକ ସେମିତି ଛୁଆ ହୋଇଚି—କେତେ ଗଛ ବୁଢ଼ା ହୋଇଗଲାଣି । ଚଇତା ଟିକି ନଖି ନିରେଖି ଆଗେଇ ଚାଲିଲା ଗାଁ ଭିତରକୁ ।

ଗାଁ ଦାଣ୍ଡ ସଜନାଗଛ ମୂଳରୁ ତାର ସେଇ ନୂଆଣିଆ ଘରଟି ଦିଶିଲା । ଚଇତା ହସି ହସି ଚଞ୍ଚଳ ଗତିରେ ଘର ପାଖରେ ଆସି ପହଞ୍ଚିଲା ବେଳକୁ ବାପା ବସି ଘର ଦାଣ୍ଡରେ ବଉଳାକୁ ଆଉଁସି ଦେଉଛନ୍ତି ।

ଚଇତାକୁ ଦେଖି ନଧି ପଧାନ ଉଠି ଆସିଲା । ମୁହଁରେ ହସ—ଆଖିରେ ଆବେଗ । ଚଇତା ବାପାଙ୍କୁ ଦଣ୍ଡବତ ହେଲା । ତାପରେ ଘର ଭିତରେ ଯାଇଁ ବସି ପଡ଼ିଲା । ବାପା ସାଙ୍ଗରେ ଘଡ଼ିଏ କାଳ କେତେ ସୁଖ ଦୁଃଖ ହେଲା । ଗାଁର କେତେ ଟିକି ନଖି ପିଲା ସବୁ ଆସି ରୁଣ୍ଡ ହୋଇଗଲେ—ସତେ ଯେପରି ଅପରୂପ ଦରବ ପାଇଲା ପରି । ଚଇତା ଟଣ୍ଡିରି ଭିତରୁ ଖଜୁରି କୋଳି ବାହାର କରି ସମସ୍ତଙ୍କୁ ଖାଇବାକୁ ଦେଲା । ପିଲାମାନେ ବିଦାୟ ନେଲେ ।

ଆଉ ଘରେ କନକ ଥାଏ । ଲାଜ ଲାଜ ହେଉଥାଏ ଚଇତା ଆଗକୁ ଆସିବାକୁ । ମନ ତାର ଆନନ୍ଦରେ ପୂରି ଉଠିଥାଏ—ଆଷାଢ଼ର ଭସା ନଈ ପରି । ଏତେ ଦିନ ପରେ ଦେବତା ତାର ଡାକ ଶୁଣିଚନ୍ତି । ସପନ କଥା ସତ ହେଇଚି । ସ୍ୱାମୀ ତାର ଫେରି ଆସିଚନ୍ତି ।

ଟିକିଏ ପରେ ଚଇତା ଘର ଭିତରକୁ ପଶି ଆସିଲା । କନକ ମୁଣ୍ଡ ଲଗାଇଲା ଚଇତା ଗୋଡ଼ ତଳେ । ଓଠରେ ଥରି ଉଠୁଚି ସଞ୍ଚିତ ବ୍ୟଥା—ଆଖିରେ ଜକ୍ ଜକ୍ କରୁଚି ଲୁହ । ଚଇତା କନକକୁ କୋଳକୁ ଟାଣିନେଲା । ଆଖିରୁ ଲୁହ ପୋଛିଦେଲା । କନକ ଆଡ଼ ଆଡ଼ ହେଲା । କିନ୍ତୁ ଚଇତାର ସ୍ନେହ ବନ୍ଧନ ସେ କାଟି ପାରିଲା ନାହିଁ । ତା କୋଳରେ କି ଆବେଗ ଥିଲା କେଜାଣି ନିଜକୁ ସେ ଭୁଲିଗଲା । ତା ପରେ ଚଇତାର ଟାଣୁଆ ହାତର ତାତିଲା ପରଶ କନକର ଗୁଣ୍ଡିରେ ବାଜିଲା—ମୁହଁଟା ନଇଁ ପଡ଼ିଲା କନକର ମୁହଁକୁ ଲାଗି । ଦୁଇଟି ପିପାସୀତ ପ୍ରାଣ ଏକ ହୋଇଗଲା ।

ତାପରେ କନକର ଅଶ୍ରୁ ମଉଳା ମୁହଁରେ ବ୍ୟଥାର ମେଘକାଟି ହସର ଆଲୁଅ ଲହଡ଼ି ଖେଳିଲା । ଓଠରେ ତୃପ୍ତି—ହୃଦୟରେ ସ୍ପନ୍ଦନ । କନକ ଭାବିଲା, ଜୀବନ ଫୁଲକୁ ତାର ଶତ ସଉରଭ ଫେରି ଆସିଚି ।

ତା ଆର ଦିନ ବାଟ ମଝିରେ ନନ୍ଦିଆ ସାଙ୍ଗରେ ଚଇତାର ଦେଖା ହେଲା । ନନ୍ଦିଆ ପଚାରିଲା, ଆରେ ଚଇତା ଭାଇ, କେବେ ଆସିଲ ମ ? ଆଉ ସବୁ କଲିକତା ଖବର କଣ ? ଆମ ଗାଁ ସପନ ସାହୁ

ପୁଅ ରାଘବାଠା କଲିକତା ଯାଇଚ—ଦେଖା ହେଇଥିଲା କି ? ଚଇତା ଏତେ ଗୁଡ଼ା ପ୍ରଶ୍ନର ଉତ୍ତର ଦେଇ କହିଲା, ସବୁ ଭଲ ନନ୍ତଆ—ରାଘବା ସାଙ୍ଗରେ ମୋର ଦେଖା ହୋଇନାହିଁ···ଆଉ କେବେ କଲିକତା ଯିବୁରେ । ମାସକୁ ପରା ଛୁଟି ଆଣିଥିଲୁ···ମାସ କଣ ପୂରି ନାହିଁ ? ନନ୍ତଆ ହସିଲା । କହିଲା, ଯିବି ବୋଲି ବସିଥିଲି ଯେ ନଫୁମା କାନ୍ଦିଲା । ସତେ ଚଇତା ଭାଇ, ତାକୁ ଛାଡ଼ି କାହିଁକି ବିଦେଶ ଯିବାକୁ ମୋର ଠିକେ ପାଦ ଚଳିଲା ନାହିଁ । ଆଉ ଯୋଉ ଚୁକଚକ ଧନଧାନ୍ୟ ଖଟିବା ଖାଲି ସାର···ଟିକଏ ଆରାମ ନେଲେ ସାହେବର ଯୋଉ ନାଲିଆଖି—କେତେ କୁତ୍ସିତ ବଙ୍କା ବଙ୍କା ଗାଳି । ଆଉ ଭଲ ଲାଗିଲା ନାହିଁ । ଭାବିଲି ଏଇ ଗାଁ ମାଟି ମୋର ବଡ଼ । ଏଇଠି ପଡ଼ି ଯେତେ ଖଟିବି ସେଇଥିରେ ମୋର ଶାନ୍ତି । କେହି ପଦେ କହିବାକୁ ନାହିଁ । ଖୁସି ହେଲା ଖଟିଲି—ନ ହେଲା ନାହିଁ ।

ଚଇତା କହିଲା, ସତରେ ନନ୍ତଆ ତୁ ଠିକ୍ କରିଚୁ । ମୁଁ କିନ୍ତୁ କଲିକତା ଛାଡ଼ି ପାରିଲି ନାହିଁ । ମହାଜନର ଦେଣା—ଘର ଖଣ୍ଡିକ ଭାଙ୍ଗି ରୁଜି ଗଲାଣି । ଏଇ ସବୁକୁ ଅନାଇଲେ ସେହି କୁଲି ବସ୍ତିର ମଶା ଜଙ୍ଗଲ ଭିତରେ ପଡ଼ି ରହିବାକୁ ଇଚ୍ଛା ହୁଏ । ଇମିତି କେତେ କଥା ଦୁହିଁଙ୍କର ହେଲା । କଥା ଶେଷରେ ଚଇତା ପଚାରିଲା, ନନ୍ତଆ, ନଫୁମା କେମିତି ଅଛିରେ ? ମୋ କଥା ପଦେ ଅଧେ ପଚାରେ ତ ? ନନ୍ତଆ ହସି ହସି କହିଲା, ନଫୁମା ପରା କୁହେ ଚଇତା ଭାଇର ଭାରି ପାଷାଣ ହୃଦୟ—ସେଥିକୁ ଗଲେଣି—ଗାଁକୁ ଆସୁ ନାହାନ୍ତି । ନୂଆବୋଉ ବିଚରା ଝୁରି ଝୁରି କଣ୍ଟା ହେଇଗଲାଣି । ସବୁଦିନେ ପଚାରେ ଚଇତା ଭାଇ କେବେ ଆସିବେ । ଏତିକି କହି

—ସନ୍ତୁଷ— —ପରବାସୀ—

ନଡିଆ କହିଲା, ଯାଉଛି ଭାଇ ଟିକେ ବୁଲି ଆସେ। ନଡିଆ ଚାଲିଗଲା। ଚଇତା ଫେରି ଆସିଲା ଘରକୁ।

ଗାଁରେ ଚଇତାର ଦିନ ଗୁଡ଼ା ସ୍ୱପ୍ନ ପରି କଟିବାକୁ ଲାଗିଲା। କିନ୍ତୁ ବେଳେ ବେଳେ ତାର ବୋଉ କଥା ମନେ ପଡ଼ିଲେ ସେ କାନ୍ଦିଉଠେ ପିଲାଙ୍କ ପରି।

କନକ ସ୍ୱାମୀଙ୍କୁ ପାଇଲା ଦିନୁଁ ନିଜକୁ ତାଙ୍କରି ସେବାରେ ଉତ୍ସର୍ଗ କରି ଦେଇଛି। ତାର ସ୍ୱାର୍ଥ ନାହିଁ—ଦିନ ନାହିଁ। ସବୁବେଳେ ସ୍ୱାମୀ କିପରି ଭଲ ଖାଇବ, ପିଇବ ଏଇ ଚିନ୍ତା। ଏଣିକି କନକ ଭଲ ଲୁଗା ଖଣ୍ଡେ ପିନ୍ଧେ। ଭଲ କରି ମୁଣ୍ଡ କୁଣ୍ଡାଏ। ଚଇତା ମୁହଁକୁ ଚାହିଁଲେ ଆଉ ଆଉ ହୋଇ କନକ ହସେ—ଚଇତାବି ନ ହସି ରହି ପାରେ ନା। ହସର ଢେଉ ତଳେ ତଳେ ଉଙ୍କିମାରେ ଜୀବନର ଭଲ ପାଇବାର କେତେ କଥା—କେତେ ବାସନା।

ଚଇତା ଆସିଲା ପରେ ନିଧି ପଧାନସେଇ ପୁରୁଣା ଘରଟା ଭାଙ୍ଗି ଦେଇଛି। କାଠ ବାଉଁଶ ଆଣି ଜମା କଲାଣି ନୂଆ ଘର କରିବ। ତା ଜୀବନର ଶେଷ ପରିଣତିରେ ସେ ଟିକେ ସୁନ୍ଦର ସ୍ୱପ୍ନ ଦେଖି ମରିବ। ସେ ଘର କରିଛି—ପିଲାକବିଲାଙ୍କୁ ମଣିଷ କରିଛି। ଧାନ ଯା ଅମଳ ହୋଇଛି ବରଷକ ଖୋରାକ ଯାଇ ଆହୁରି ବଳିବ। ଧାନଟିକ ବିକି ସେଇ ଟଙ୍କାରେ ସେ ଆଉ ଏ ବରଷ ମହାଜନ ଦେଣା ଦେବ ନାହିଁ। ଆଗେ ଘର କରିବ—ତା'ପରେ ମହାଜନ କଥା। ଚଇତା ବି ମାସକୁ ମାସ ଟଙ୍କା ପଠାଇବ। ନିଧି ପଧାନ ଭାବେ ଆଉ ତାର ଅସୁବିଧା କିଛି ହେବ ନାହିଁ।

—ପରବାସୀ— —ଏକସ୍ରଷ୍ଟା—

ଧନ ଗୁଡ଼ା ଗଡ଼ି ଚାଲେ । ଚଇତାର ଛୁଟି ପୂର ଆସେ—କନକର ଆଖିରେ ଲୁହ । ସତେ ତମେ ପୁଣି କେବେ ଆସିବ ? ପ୍ରଶ୍ନବାଚକ ହଜିଯାଏ କାହିଁ କେତେ ଦୂରରେ । ଚଇତା କିଛି ଉତ୍ତର ଦେଇ ପାରେନା । ସେ ଆଗେଇ ଚାଲେ ।

ଦୂର ଦିଗ୍‌ବଳୟ ଆଡ଼କୁ ଚାହିଁ ଚାହିଁ କନକ ଭାବେ, ସେ ଆସିବେ —ପୁଣି ଆସିବେ । ଇମିତି ଆଖିରୁ ଗଡ଼ି ଆସୁଥିବା ଲୁହର ସ୍ରୋତକୁ ସେ ଅଟକାଇ ପାରେନା—ଖାଲି କାନ୍ଦେ । ପୁଣି କେବେ ସେ ଆସିବେ ? ଆଖି ଆଗରେ ବିରାଟ ପ୍ରଶ୍ନବାଚକ ।

## —୯—

ଚଇତା ପୁଣି ତାର ସେଇ ସୂତା କଳ କୁଲିବସ୍ତିକୁ ଫେରି ଆସିଲା । ବସାରେ ପବନ ସୂତାର ନାଇଁ—ଯାଇଚି ଘରକୁ । ବାଉରିଆଭାଇ ଦେହଟା ଖରାପ — ମଝିରେ ମଝିରେ ଜର ହେଉଚି ।

ଚଇତା ଆସିବା ଖବର ଶୁଣି ଗାଁ ପାଖ ଯୋଗୀ ବଶ୍ୟାଳ ଆସି ଦିନେ ସଞ୍ଜବେଳେ ପହଞ୍ଚିଲେ — ଚଇତା ବସାରେ । ଚଇତା ବସିବାକୁ ସପଟା ପାରିଦେଲା । ଯୋଗୀ ବଶ୍ୟାଳେ ବସିପଡ଼ି ବଟୁଆଟା ବାହାର କରି ପାନ ଖଣ୍ଡେ ଭାଙ୍ଗିଲେ । ପାନ ଭାଙ୍ଗୁ ଭାଙ୍ଗୁ ପଚ୍ଚରିଲେ, ଚଇତା ଗାଁ ଖବର ସବୁ ଭଲତ ? ଧାନ ବାଢ଼ା ବାଢ଼ି ହେଲାଣି ? ଆମ ସେ କାଳିଗାଈଟା ଦୁଧ ଦଉଚିନା ଆଜଯାଏ ? ଆମ କୋଠିଆ ଭଗିଆର ଦେହଟା ଭଲ ନ ଥିଲା, କମିତି ଅଛିରେ ? ଚଇତା ଠିକେ ଠିକେ ସବୁ ଉତ୍ତର ଦେଲା ।

ଗାଁଠୁ ଘୁରିମାଇଲ ଛଡ଼ା ସାଧୁ ବେହେରାଙ୍କ ଘର । ମେ ବି ଆସି ପହଞ୍ଚିଲି । ପଚାରିଲି, ବାପା, ମୋ ପିଲାପିଲି ଦାଦାପା ଖବର କଣ କହିଲୁ । ଝିଅର ପୁଅକୁ ଘର ପଠେଇଦେଉନା ? ଜାଇପଡ଼ା ରଘୁ ସାହୁ ହାତରେ ତଟି ଆଉ ଦଶଟା ଟଙ୍କା ଦେଇଥିଲି — ଝିଅବୋଉ ପାଇଚନି ? ଚଇତା କହିଲା, ନାଁ ମଉସା, ଛମ ଗାଁଆଡ଼େ ଯାଇ ନାହିଁ । ସାଧୁ ବେହେରା ମୁହଁଟା ପିତା ପିତା କରି ଚାଲିଗଲା ।

ସାଧୁ ବେହେରା ମାଳୀ କାମ କରେ—ଫୁଲ ମୁଣ୍ଡେଇ କଲିକତା ରାସ୍ତା କଡ଼ ବଜାରରେ ଫେରି କରେ । ଦି'ପଇସା ବେଶ ରୋଜଗାର କରେ । ସାଧୁ ବେହେରା ନିଜ ଜାତିର ଘର ଠାଣ ଦେଖାଏ । ଗାଁରେ କେତେ ଫୁଟାଣି କରେ । ଚଇତା ସବୁ ଜାଣେ । ଇମିତି କେତେଲୋକ ଗାଁକୁ ଗଲେ କେତେ ବଡ଼ ଲୋକର ଚାଲି ଦେଖାନ୍ତି । କିନ୍ତୁ ବିଦେଶରେ କୋଉଠି କାର ଝୁଡ଼ି ମୁଣ୍ଡାନ୍ତି—କାର ଅଇଁଠା ବାସନ ମାଜନ୍ତି । ଗାଁକୁ ଗଲେ ଏଇ ବାବୁମାନଙ୍କର ରୂପ ବଦଳି ଯାଏ । ପରିଧାନ ବାସୀକରା ଧୋବ ଧୋତି—ଗୋଡ଼ରେ ଯୋତା, ଦେହରେ କୁରୁତା । କଥା କଥାରେ ମୁହଁରୁ ଖଣ୍ଡି ଖଣ୍ଡିଆ ବଙ୍ଗଳା କଥା । ଏଇମାନଙ୍କୁ ଦେଖିଲେ ଚଇତା ଘରେ ବଗିଡ଼େ । ଭାବେ ଏଇମାନେ ଜାତିର ଗଳଗ୍ରହ । ନିଜ ଦେଶରେ ଅଇଁଠା ପତର ନ ଚାଟି ପରଦେଶର ଅଇଁଠା ଚାଟି ଜାତିର ସମ୍ମାନରେ ଆଘାତ ଆଣନ୍ତି ।

ପୁଣି ଚଇତାର ଧରାବନ୍ଧା ଜୀବନ ଗଡ଼ି ଚାଲିଲା । କାମ କରୁ କରୁ ବେଳେବେଳେ ମନ ଗଗନରେ ତାର ଭାବନା ବାଦଲ ଛୁଟି

ଗୃଲେ । ଝିପିରି ଝିପିରି ବେଦନାର ମେଘ ଝରେ । ରଇତାର ସାରା ଶରୀର ଭିଜିଯାଏ କରୁଣତାରେ । ପୁଣି ତତ୍‌କ୍ଷଣରେ ଭାବନାର ମେଘକାଟି ଆଶା ଉଲ୍ଲାସର ଆଲୁଅ ଆସେ । ରଇତା ଭାବେ ଅଳୀକ ଏ ଭାବନା—ଅସାର ।

ବାଉରିଆ ଭାଇର ଦେହ ଦିନକୁ ଦିନ ଖରାପ ହେଲା । ରଇତା ତାର କେତେ ସେବାକରେ । ଭାବେ ବାଉରିଆ ଭାଇ ତାର କେତେ ଉପକାର କରିଛି । ସେ ପର ନୁହେଁ—ଆପଣାର । ବିପଦ ବେଳେ ଆଜି ସେ ଯଦି ତାର ଉପକାର ନ କରେ—ତେବେ ବାଉରିଆ ଭାଇ ହୁଏତ ଭାବିବ ଏତେ କୃତଘ୍ନ ଏ ରଇତା । ଏଇଥି ପାଇଁ ରଇତା କାମରୁ ଫେରି ସବୁବେଳେ ବାଉରିଆଭାଇର ସେବା କଲେ । ଡାକ୍ତର କବିରାଜ ଦଉଡ଼ିଯାଏ । ଔଷଧ ଆଣି ଜଗି ରଖି ବାଉରିଆକୁ ଖୁଆଏ ।

କିନ୍ତୁ ଯେତେ ଚେଷ୍ଟା ସତ୍ତ୍ୱେ ବାଉରିଆର ଦେହ ଭଲ ହେଲାନାହିଁ । କ୍ରମାଗତ ଜ୍ୱରରେ ସେ ଭାଙ୍ଗି ପଡ଼ିଲା । ବାଉରିଆ ଖାଲି କାନ୍ଦେ । ଆଉ ପାଗଳ ପରି ରଇତା ଆଗରେ ବକେ, ରଇତା ଆଉ ବଞ୍ଚିବ ନାହିଁ । ଘରେ ପିଲାପିଲି କେମିତି ଚଳିବେ । ଜମି ବୋଲି ବକଟେଓ ନାହିଁ । ମୁଁ ମଲେ ସେ ଅନାଥ ହେବେରେ ରଇତା, ଭିକ ମାଗି ଖାଇବେ । ବାଉରିଆ କଥା ଶୁଣି ରଇତା ଆଖିରେ ଲୁହ ଆସେ । ପ୍ରବୋଧ ଦେଇ କହେ, ଛିଃ ଭାଇ ଇମିତିକା ଅମଙ୍ଗଳ କଥା କହନ୍ତି । କଣ ହୋଇଛିକି ତୋର—ଇମିତି ହେଉଛୁ । ତୁ ନିଶ୍ଚୟ ଭଲ ହୋଇଯିବୁ । ବାଉରିଆ ହସେ—ସେ ହସରେ ତାର ବେଦନାର

ମ୍ଲାନ ଗ୍ଲୁଇ । ଚଇତା ଦେଖେ ଯେପରି ବାଉରିଆ ଭାଇର ଏ ହସଟା ସବୁଦିନିଆ ହସ ପରି ନୁହେଁ—ମଣିଷ ମରଣାରେ ଯେମିତି ଶେଷ ହସ ହସେ—ସେହିପରି ଏ ହସଟା ।

ବାଉରିଆର ବେଦନା ମଳିନ ମୁହଁଟାକୁ ଚାହିଁ ଚଇତା ସେ ଦିନ ରାତିରେ ଚମକି ଉଠିଲା । ସତେ କି ବିକୃତ ମୁହଁଟାଏ । ବାଉରିଆ ଖିନ ଖିନ ହୋଇ କହିଲା, ଚଇତା ଭାଇ, ଆଉ ପିଲାପିଲିଙ୍କ ଟିକେ ଦେଖି ପାରିବି ନାହିଁ । ମଲାବେଳେ ତାଙ୍କ ମୁହଁ ଚାହିଁ ମରିଥିଲେ, ହୁଏତ ଟିକେ ଶାନ୍ତିରେ ମରିଥାନ୍ତି—କିନ୍ତୁ ସେ ମୋ ଭାଗ୍ୟରେ ନାହିଁ । ଆଖିରୁ ତାର ଧାର ଧାର ହୋଇ ଲୁହ ଗଡ଼ି ପଡ଼ିଲା । ଚଇତା, କେଳୁ ମହାନ୍ତି କେତେ ବୁଝାଇଲେ ବାଉରିଆ କିଛି ହେଲେ ବୁଝିଲା ନାହିଁ । ଖାଲି କାନ୍ଦିଲା—ଆଉ କହିଲା ମୋ ପିଲାପିଲି କିମିତି ଚଳିବେ । ହଠାତ୍ ରାତି ଦଇଟା ବେଳକୁ ବାଉରିଆ ଅଚେତ ହୋଇ ପଡ଼ିଲା । ପାଟି ବନ୍ଦ ହୋଇଗଲା । ଚଇତା ଦଉଡ଼ିଲା ଡାକ୍ତର କତିକି । ଡାକ୍ତର ଆସି ଦେଖିଲାବେଳକୁ ବାଉରିଆ ଚାଲିଯାଇଛି ସେ ପୁରକୁ । ଚଇତା କାନ୍ଦିଲା । କେଳୁ ମହାନ୍ତି କାନ୍ଦିଲା । କୁଲି ବସ୍ତିରୁ ଲୋକ ସବୁ ଆସି ଜମା ହୋଇଗଲେ ।

ସକାଳର କଅଁଳ ଆଲୁଅ ଧରାକୁ ଛୁଇଁବା ଆଗରୁ ବାଉରିଆର ମର ଦେହଟାକୁ ଚଇତା, କେଳୁ ମହାନ୍ତି ଓ ବସ୍ତିରୁ ଆଉ ଦି'ଜଣ ମାଟିଆ ବୁରୁଜର ସେଇ ମଶାଣିରେ ଜାଳି ପାଉଁଶ କରିଦେଲେ । ଆଉ ସେ ଦିନ ଡାକରେ ଚିଠି ଦେଲେ ତା ବାପା କତିକି—ବାଉରିଆ ଗଲା ରାତିରେ ମରି ଯାଇଛି ।

—ଛତ୍ରସ୍ଥ—

—ପରବାସୀ—

ବାଉଶିଆ ମଲ୍ଲଦିନରୁ ଚଇତା ବସାକୁ ଆସିଲେ ମାଡ଼ି ମାଡ଼ି ପଡ଼େ । ତାକୁ କିଛି ଭଲ ଲାଗେନା । ଖାଲି ଭାବେ, ଆହା ବିଚରା ଗାଁରେ ଭଲ ମରିଥାନ୍ତା । ଏଠି କିଏ ତାର ଭଲକରି ଯତ୍ନ ନେଇଚି । ଇମିତି ଅକାଳରେ ଜୀବନଟା ତାର ନଷ୍ଟ ହୋଇଗଲା ସିନା । ବାପା, ଭାଇ, ସ୍ତ୍ରୀ ତାର ଏ ଖବର ପାଇ କଣ ନ ହେଉ-ଥିବେ । ଗରିବ ବିଚରା—କିମିତି ଚଳିବେ । ଚଇତା ଭାବୁ ଭାବୁ କାନ୍ଦି ପକାଏ ।

ବେଳେବେଳେ ଭାବେ ପରବାସୀ ଜୀବନଟା କଣ ଏଇଆ । ଇମିତି ବିଦେଶରେ ତ କେତେ ପରବାସୀ ମରି ଯାଉଥିବେ—ଆଉ କିଏ କୋଉ ମଶାଣିରେ ପୋଡ଼ି ପାଉଁଶ ହୋଇ ଯାଉଥିବ । ଶେଷ ଜୀବନରେ ଆପଣାର ସ୍ତ୍ରୀ ପିଲାଙ୍କୁ ଟିକେ ଦେଖି ପାରୁ ନ ଥିବ । କାହିଁ କେତେ ଦୂରରେ ଗ୍ରେଟିଆ ମଫସଲରେ ଯେତେବେଳେ ଯାଇ ଖବର ପହଞ୍ଚୁଥିବ ସେ ମରି ଯାଇଚି—ଆହା, ସେତେବେଳେ ତାର ସ୍ତ୍ରୀ, ପିଲାପିଲି, ବାପ ମା, ବନ୍ଧୁବାନ୍ଧବ କଣ ନ ହେଉଥିବେ । ଚଇତା ଭାବୁ ଭାବୁ ବେଦନାରେ ମନଟା ତାର ଭାରି ହୋଇଉଠେ । ବାଉଶିଆ ମଲ୍ଲ ଦିନୁ ଚଇତା ବସାକୁ ଆସିଲେ କି କୁଆଡ଼କୁ ବୁଲି ଗଲେ ଭଲ ଲାଗେ ନା । ସବୁବେଳେ ସେ ଯେପରି କାର ଅଭାବ ଅନୁଭବ କରେ । କେଳୁ ମହାନ୍ତି ଚଇତାର ଶୁଖିଲା ମୁହଁ ଦେଖିଲେ ଭାରି ଚିଡ଼େ । କୁହେ, କରେ ଚଇତା ସେ ମଲାଗଲା । କୋଉ ଆପଣାର ହୋଇଚି, ତା ପାଇଁ ତୋର ପୁଣି ଏତେ ଭାବନା—ଏତେ ଦୁଃଖ, ଚଇତା କିଛି ଉତ୍ତର ଦିଏ ନା ।

ସୁଖ ଦୁଃଖର ଧକ୍କା ଖାଇ ଦିନ ଗଡ଼ି ଚାଲେ ।

—ପରବାସୀ— —ସମାପ୍ତ—

## —୧୦—

ଦିନେ ସଞ୍ଜ ହେଇଗଲଣି । ରାସ୍ତାରେ କାଁ ଭାଁ ବିଜୁଳି ବତି ଜଳି ଉଠିଲଣି । ବସ୍ତି ଭିତର ରାନ୍ଧଣା ଘରୁ ଧୂଆଁ ସବୁ ଉଠୁଚି ଆକାଶକୁ । ମାଟିଆ ବୁରୁଜର ରାସ୍ତାରେ ସ୍ଥାନେ ସ୍ଥାନେ ଲୋକ ଗହଳି ଲାଗିଥାଏ । ବସ୍ ଗୁଡ଼ା ହର୍ଣ୍ଣ ଦେଇ ସେପଟରୁ ଆସୁଥାଏ—ଏ ପଟରୁ ଯାଉଥାଏ । ଆକାଶରେ ଜହ୍ନ ହସୁଥାଏ । ତାରାଗୁଡ଼ା ସରଗ ରାଇଜଯାକ ବିଛୁଡ଼ି ହୋଇ ପଡ଼ିଥାନ୍ତି ।

ଚଇତା ବସାରେ ବସି କଣ ଗୋଟାଏ ଗପ ବହି ପଢୁଚି । କେଳୁ ମହାନ୍ତି କୁଆଡେ ଥିଲା ଆସି ପହଂଚିଲା । କହିଲା, ଚଇତା, ଚାଲ ଟିକେ ବଜାରଆଡ଼େ ବୁଲି ଆସିବା । ଚଇତାକୁ ବି ସଞ୍ଜବେଳଟାରେ ବସାରେ ଭଲ ଲାଗୁ ନ ଥିଲା—ସେ ଉଠିଲା । ଦିହେଁ ବଜାରଆଡ଼େ ବୁଲି ବାହାରିଲେ ।

ସେତେବେଳକୁ ରାସ୍ତା କଡ଼ ଦୋକାନରେ ଭିଡ଼ ଜମି ଆସିଲାଣି । ମାଂସ ଦୋକାନରେ ଗରାଖ ଗହଳି —ଅତ୍ୟଧିକ ଭିଡ଼ । କେଳୁ ମହାନ୍ତି ଚାଲିଥାଏ ଆଗରେ—ଚଇତା ପଛେ ପଛେ । ବଜାର ଅତିକ୍ରମ କରି କେଳୁ ମହାନ୍ତି ଗୋଟାଏ ସ୍ତ୍ରେଟ ଗଳି ଭିତରେ ପଶିଲା । ଚଇତା ପଚାରିଲା, କୁଆଡେ଼ ଯିବ କେଳୁ ଭାଇ । କେଳୁ ମହାନ୍ତି କହିଲା, ଆଜି ଗୋଟାଏ ନୂଆ ଜାଗାକୁ ତୋତେ ନେଇଯିବି ଚଇତା, ଦେଖିବୁ ସେ ଜାଗା ତୋତେ ଭଲ ଲାଗୁଚି କି ନାହିଁ । କେଳୁ ମହାନ୍ତିର କଥା ଶୁଣି ଚଇତା ଆଶ୍ଚର୍ଯ୍ୟ ହେଲା । ଭାବିଲା କୁଆଡେ଼ ସେ ଯାଉଚି ।

ସେଇ ଗଳିରେ ଅଧ ମାଇଲ ବାଟ ଆସିଲା ପରେ କେଳୁ ମହାନ୍ତି ଗୋଟାଏ ଏକଚାଳିଆ ପୁରୁଣା କୋଠା ଭିତରକୁ ପଶିଲା । ଚଇତା ତା ପଛେ ପଛେ ସେ ଘରକୁ ଗଲା । କେଳୁ ମହାନ୍ତିଙ୍କୁ ଦେଖିଲାକ୍ଷଣି ସେ ଘରୁ ଗୋଟିଏ ସୁନ୍ଦରୀ ଯୁବତୀ ବାହାରି ଆସିଲା । ହସି ହସି କହିଲା, କୁଆଡେ଼ ଥିଲ ଏତେ ଦିନଯାକେ—ଆସୁ ନଥିଲ । କେଳୁ ମହାନ୍ତି ହସି ହସି କହିଲା, ଦେହ ଭଲ ନ ଥିଲା—ଆସିପାରି ନାହିଁ । ଆଜି ଗୋଟାଏ ନୂଆ ସାଙ୍ଗକୁ ନେଇ ଆସିଚି । ଯୁବତୀଟି ଚଇତା ଆଡେ଼ ମୁଗ୍ଧ ଦୃଷ୍ଟିରେ ଅନାଇଲା । ଚଇତା ଅନ୍ୟଆଡ଼କୁ ଚାହିଁବା ମାତ୍ରେ ଯୁବତୀଟି ମୁରୁକି ହସା ହସି ତା ଆଡେ଼ ମୁହଁ ବୁଲାଇ କହିଲା, ଘର ଭିତରକୁ ଚାଲନ୍ତୁ । କେଳୁ ମହାନ୍ତି, ଚଇତା ଦୁହେଁ ଘର ଭିତରେ ପଡ଼ିଥିବା ଖଟ ଉପରେ ଯାଇଁ ବସିଲେ । ଚଇତା ଆଶ୍ଚର୍ଯ୍ୟ ହୋଇ ପଚାରିଲା, ଏ କିଏ କେଳୁ ଭାଇ ?

ବଳେ ବୁଝିବୁ ଯେ ।

—ପରବାସୀ—

— ଅଣାଅଣି —

ଚଇତା ତା କଥାର ଅର୍ଥ କିଛି ବୁଝି ପାରିଲାନାହିଁ । ଖାଲି ବଲବଲ କରି ଚାହିଁଲା । ଯୁବକଣ୍ଟି ହସି ହସି ଥାଳରେ ପାନ ନେଇ ଆସିଲା । କେଲୁ ମହାନ୍ତ ମୃଦୁକ ହସା ଦେଇ କହିଲା, ଅନେକ ଦିନ ପରେ ମାଧବୀ ଆଜ ତମ ହାତର ପାନ ଖଣ୍ଡେ ପାଉଛି । ମାଧବୀ କହିଲା, ମୋର ସୌଭାଗ୍ୟ । ମୁହଁରେ ତାର ହସ ଝଟକିଲା ।

ମାଧବୀ ଅନୁରୋଧ କଲା ଚଇତାକୁ ପାନ ଖାଇବାକୁ । ଚଇତା ପାନ ଖାଏନା—କିନ୍ତୁ ଆଜି ସେ ମାଧବୀର ଅନୁରୋଧ ଭାଙ୍ଗି ପାରିଲା ନାହିଁ । ତାର ଆଖିକୁ ଅନେଇଲା ବେଳକୁ ଛପି ଛପି ହସିଲା ମନ ଭିତରର ପରଦା ଅନ୍ତରାଳରେ କନକର ହସ ହସ ମୁହଁ । ମାଧବୀ ଦେଖିବାକୁ ସୁନ୍ଦର—ରୂପବତୀ । ଫୁଲଟି ପରି ଅବିକଳ ତଳ ତଳ । ମନରେ ତାର ଅଜଣା ବାସନା ଚେଇଁ ଉଠିଲା ।

କେଲୁ ମହାନ୍ତ ଉଠିପଡ଼ି କହିଲା, ଚଇତା ତୁ ଏଇଠି ବସିଥା—ମୁଁ ଆସୁଛି । ଏତିକି କହି କେଲୁ ମହାନ୍ତ ମାଧବୀକ ନେଇ ଅନ୍ୟ ଘର ଆଡ଼େ ଚାଲିଗଲା । ଚଇତା ସେଇଠି ବସି ବସି ତାଙ୍କର ଗତି ପଥକୁ ଚାହିଁ ରହିଲା । ମନରେ ତାର ଏଣୁ ତେଣୁ ଭାବନା । ହୃଦୟରେ ସନ୍ଦେହ........ଏ ପୁଣି କିଏ ? କେଲୁ ଭାଇ ସହିତ ମାଧବୀର ସମ୍ପର୍କ କଣ ? ଅନେକ ଲୋକଙ୍କଠାରୁ ଶୁଣିଛି କେଲୁ ଭାଇ ବଙ୍ଗାଳୁଣୀ ବେଶ୍ୟା ଘରକୁ ଯାଏ, ତେବେ ମାଧବୀ କଣ ସେଇ । ନାଁ ନାଁ ମାଧବୀ ବେଶ୍ୟା ନୁହେଁ—ବେଶ୍ୟା କଣ ଏଡ଼େ ସୁନ୍ଦର ।

ଅଧଘଣ୍ଟା ପରେ ମାଧବୀ ହସି ହସି ଚଇତା କତିକି ଏକେଲା ଫେରି ଆସିଲା । କତିରେ ବସି ପଡ଼ି ଚଇତାକୁ କହିଲା, ତମ ପରି ସୁନ୍ଦର

ଲୋକ ମୁଁ କମ୍ ଦେଖିଛି । ଚଇତା ମୁରୁକି ହସିଲା—କିଛି କହିବାକୁ ତାର ସାହସ ହେଲା ନାହିଁ···ନିଜକୁ ସଙ୍କୁଚିତ କରି ନେଲା ଲାଜରେ । ମାଧବୀ କହିଲା, ଏଠି ଭୟ କରିବାର କିଛି ନାହିଁ । ଏତେ ଭାବୁଚ କଣ ? କେନ୍ତୁ ଭାଇ ତମର ଚାଲି ଗଲେଣି । ଏତିକି କହି ମାଧବୀ ଚଇତା କୋଳ ଉପରକୁ ଆଉଜି ପଡ଼ିଲା । ମାଧବୀର ସୁନ୍ଦର ତନୁଲତାର ସ୍ନିଗ୍ଧ ପରଶରେ ଚଇତାର ସାରା ଶରୀର ଜଳି ଉଠିଲା ଏକ ଅପୂର୍ବ ମାଦକତାରେ । ଚଇତା ନିଜର ବ୍ୟକ୍ତିତ୍ୱକୁ ଭୁଲିଗଲା । ସେ ମାଧବୀକୁ ନିଜ କୋଳକୁ ଟାଣି ଆଣି ବାହୁ ବନ୍ଧରେ ଭିଡ଼ି ଧରି ବାରବାର ଚୁମ୍ବନ କରିବାକୁ ଲାଗିଲା । ସେତିକିରେ ମାଧବୀ ସନ୍ତୁଷ୍ଟ ହେଲା ନାହିଁ । ଚଇତାକୁ ଆହୁରି ନିକଟକୁ ଟାଣିନେଲା । ଚଇତାର ପାଗଳମନ ବାଟକୁ ଫେରି ଧ ଫେରିଲା ନାହିଁ···ଦଉଡ଼ିଲା ମରିଚୀକା ପଛେ ପଛେ । ଦୁହେଁ ଦୁହିଁଙ୍କୁ ଆହୁରି ନିବିଡ଼ କରି ପାଇବାକୁ ବ୍ୟାକୁଳ ହୋଇ ଉଠିଲେ । ଚଇତା ମାଧବୀ କୁ କୋଳରେ ଧରି ତାର ଅଲସ କେଶବାସ ସଜାଡ଼ୁ ସଜାଡ଼ୁ କହିଲା, ମାଧବି, ତମେ କେତେ ସୁନ୍ଦର । ମାଧବୀ ମୃଦୁ ମୃଦୁ ହସିଲା ।

ଚଇତା ଦେଖିଲା କାନ୍ଥ ଘଣ୍ଟାରେ ଦଶଟା ବାଜିବାକୁ ପାଞ୍ଚମିନିଟ ବାକି ଅଛି । ଧଡ଼ ପଡ଼ ହୋଇ ଉଠି ପଡ଼ିଲା । କହିଲା, ମାଧବି ବହୁତ ରାତି ହେଲାଣି—ଯାଉଚି । ମାଧବୀ ହସି ହସି ବିଦାୟ ଦେଲା । ଆଉ ବାର ବାର କରି ଚଇତାର ହାତ ଧରି କହିଲା, କାଲି ଆସିବେ—ମୋ ରାଣ । ଚଇତା କହିଲା, ନିଶ୍ଚୟ ଆସିବି ମାଧବି—ତମେ ଅପେକ୍ଷା କରିଥିବ ।

ବସାକୁ ଫେରିଆସି ଦେଖିଲା ବେଳକୁ କେନ୍ତୁଭାଇ ବସି ବେଦମ ଗଞ୍ଜେଇ ଟାଣୁଚି । ଧୂଆଁରେ ଘର ଭିତରଟା ଭରିଯାଇଚି । ଚଇତାକୁ

ଦେଖି କେଳୁ ମହାନ୍ତ ହସି ହସି ପଚାରିଲେ, ଚଇତା ଏତେବେଳ ଯାଏ କୁଆଡ଼େ ଥିଲୁମ । ଚଇତା ହସିଲା, କହିଲା, କେଳୁଭାଇ ତମେ ଇମିତିକା ଲୋକ । ମୋତେ ଏକଲା ଛାଡ଼ି ଆଗେ ଆଗେ ଚାଲି ଆସିଲ । କେଳୁ ମହାନ୍ତ ହସି ହସି କହିଲା, ବଣ ଜଙ୍ଗଲରେ ତ ଛାଡ଼ିଦେଇ ଆସି ନଥିଲ । ଛାଡ଼ ସେ କଥା । ତାପରେ ମାଧବୀ ସାଙ୍ଗରେ ତୋର ଆଳାପ ହେଲାତ ? ଚଇତା ହସିଲା—ଉତ୍ତର ଦେବାକୁ ପାଟିରୁ କଥା ବାହାରିଲା ନାହିଁ । କେଳୁ ମହାନ୍ତ ଗଞ୍ଜେଇ ଦି' ଢୋକ ଟାଣୁ ଟାଣୁ କହିଲା, ମାଧବୀ କେମିତି ଲାଗିଲାରେ ଚଇତା—ଖଟା ନା ମିଠା ? ଚଇତାକୁ ଲାଜ ମାଡ଼ିଲା । ସେ କଥା ବାଆଁରେଇ କହିଲା, ଭାରି ନିଦ ମାଡ଼ିଲାଣି କେଳୁଭାଇ, ବତି ଲିଭାଇ ଦେଉଛ । ଏତିକି କହି ଚଇତା ବତିଟା ଲିଭାଇ ଦେଲା । କେଳୁ ମହାନ୍ତ ଗଞ୍ଜେଇ ନିଶାରେ ଟଳି ପଡ଼ିଲା । ଚଇତା ଶୋଇ ଶୋଇ ଭାବିଲା, ମାଧବୀ କଥା । ମାଧବୀ କେଡ଼େ ସୁନ୍ଦର । କି ମଧୁର କଥା ତାର—କାଲି ଆସିବେ, ମୋ ଗାଣ···ଭାବୁ ଭାବୁ ନିଦରେ ଶୋଇ ପଡ଼ିଲା ।

ସପନରେ ଦେଖିଲା, ମାଧବୀ ତା କୋଳରେ ଶୋଇଛି । ଚଟ୍ କରି ଚଇତାର ନିଦଟା ଭାଙ୍ଗିଗଲା । ଦେଖିଲା ଖାଲି ଅନ୍ଧାର । ସାଇଁ ସାଇଁ ନିଶା ଗର୍ଜୁଛି । ନିରବତାର ବୁକୁ ଚିରି କେତେବେଳେ କମିତି ଗୋଟାଏ ଶବ୍ଦ କାନ ପାଖରେ ବାଜି ଉଠୁଚି । ପୁଣି ଚଇତା ଆଖି ବୁଜିଲା ।

—ବହୁଆଣି— —ପରବାସୀ—

## —୧୧—

ବାପା ଚିଠିଦେଇଚନ୍ତି, ଚଇତା, ଘରକାମ ଅଧାଅଧି ହୋଇଯାଇଚି । ମୋ ହାତରେ ଯା ପଇସା ଥିଲା ସବୁଶେଷ । ଚିଠି ପାଇ ଶୀଘ୍ର ଟଙ୍କା ପଠାଇବୁ । ମୂଲିଆଙ୍କର କେତେ ପଇସା ଦିଆ ହୋଇନାହିଁ । କନ୍ଧଆ ବଢ଼େଇର ଛ’ଦିନର ମଜୁରି ବାକି । ଆଗରେ ପୁନେଇଁ—ପାରି ଘରକୁ ଘରଜିବ । ଚନ୍ଦ୍ରେଇ ସାହୁ ମହାଜନ ବାହାଘର ଦେଣା ଟଙ୍କା ମାଗୁଥିଲା । ତାକୁ କହିଚି, ଏ ଘରକାମ ସରିଲେ ଟଙ୍କା ଦେବାକୁ । ଇମିତି କେତେ ଅଭାବ ଅଭିଯୋଗ, ଚଇତା ଚିଠିପଢ଼ି ବରକ୍ସରେ ଚିରି ଫୋପାଡ଼ି ଦେଲା । ଖାଲି ସବୁବେଳେ ଟଙ୍କା ଟଙ୍କା ଟଙ୍କା । ଟଙ୍କା ଯେମିତି ଝଣି ପଡ଼ୁଚି ଏଠି ।

କଲଘର କାମ କଲାବେଳେ ଚଇତା ମନରେ ମାଧବୀର ରୂପନାଚି ଉଠୁଥାଏ । ତାରି ହସ ହସ କଅଁଳ ବଚନ କାନ କଡ଼ରେ ବାଜି

ଉଠେ । ତାର ସୁନ୍ଦର ଚନ୍ଦୁଲଟାକୁ କୋଳରେ ପୂରାଇ ଚିବୁକ ସ୍ପର୍ଶ କଲାବେଳେ କି ଆନନ୍ଦ—ଅଭିନବ ସେ—ଚିରଦିନ ପୁଲକଭରା । ଚଇତା ଭାବେ, କେତେବେଳେ ସଞ୍ଜ ହେବ ।

ସୂର୍ଯ୍ୟର ଶେଷ ହସଟିକ ଫିକା ପଡ଼ି ଆସିଲା···ଦିବସ ହଜିଗଲା—ନଗରୀର ଦୂର କୋଠା ଗହଳି ସେପଟରେ । ସଞ୍ଜ ଆସିଲା—ଶ୍ରମିକ ଜୀବନରେ ଖୁସି ବାସିଆ ଶାନ୍ତିର ମହକ ନେଇ ।

ଚଇତା ମନଟା ବସାରେ ଆଉ ଲାଗିଲା ନାହିଁ । ଦଉଡ଼ିଲା ମାଟିଆ ବ୍ରୁଜର ସେଇ ଗ୍ରେଟିଆ ଗଳି ଭିତରକୁ । ମାଧବୀ ଚଇତାକୁ ଦେଖି ହସି ହସି ଘର ଭିତରକୁ ନେଇଗଲା । କାଲିର ପରିଚୟରେ ଭୟ, ସଂକୋଚ କଟି ଯାଇଥିଲା । ଆଜି ଦୁହିଁଙ୍କ ଭିତରେ କେତେ ଆଡ଼ର ଗପ ପଡ଼ିଲା । ତା ପରେ ମାଧବୀ ଚଇତା କୋଳକୁ ଡଳି ପଡ଼ିଲା । ଚଇତା ମାଧବୀକୁ ପାଇ ସ୍ୱର୍ଗ ସୁଖ ଅନୁଭବ କଲାପରି ଭାବିଲା ।

ଚଇତା ମାଧବୀର ପରିଚୟ ପାଇଚି । ମାଧବୀ ବେଶ୍ୟା । ତା ମା ମଧ୍ୟ ବେଶ୍ୟା ଥିଲା । ତା ମା ସହିତ କେତୁ ମହାନ୍ତର ଅନେକ ଦିନରୁ ପ୍ରେମର ସମ୍ପର୍କ । କିନ୍ତୁ ଦିନ ଗଡ଼ିଯାଇଚି । ମା'ର ବୟସ ନଇଁ ପଡ଼ିଚି —ଭଙ୍ଗା ଜୀବନର ପାଚେରୀ ସେପଟରେ ଯୌବନର ରୂପ ତାର ମଉଳି ଯାଇଚି—ଝଡ଼ଫୁଲର କରୁଣ ହସ ପରି । ମାର ରୂପ ମରି ଯାଇଚି ସତ, କିନ୍ତୁ ଅସ୍ତିତ୍ୱ ହଜି ନାହିଁ । ଜୀବନ ଦୀପ ଧୁକୁ ଧୁକୁ ହୋଇ ଜଳୁଚି । ମା' ପରି ମାଧବୀ ଜୀବନରେ ଯେତେବେଳେ ଯଉବନ ମଳୟର ପହିଲି ପରଶ ଚହଟି ଗଲା—ସେତେବେଳେ ସେ ନିଜକୁ ବଞ୍ଚାଇ ପାରିଲା ନାହିଁ । ସେ ନିଜକୁ ଆହୁତି ଦେଲା,

ମା' ପରି ହେଲା ବେଶ୍ୟା । ସେଇଥିରୁ ସେ ମୋଟା ଉପାର୍ଜନ କରି ପେଟ ପୋଷେ । ସେ ପଡ଼ାରେ ଏଣେ ତେଣେ କେତେ ବେଶ୍ୟା ଅଛନ୍ତି—କିନ୍ତୁ ମାଧବୀ ସବୁଠୁ ସୁନ୍ଦରୀ ।

ମାଧବୀର ପରିଚୟ ପାଇ ଚଇତାର ମନରେ ଟିକେ ହେଲେ ଘୃଣା ଆସିଲା ନାହିଁ । ମାଧବୀର ରୂପର ମହକ ତଳେ ଚଇତାର ମନ ଓ ଅନ୍ତର ବୁଡ଼ି ଯାଇଥିଲା । କନକର ସ୍ମୃତି ଅଲୋଡ଼ା ଦରଦ ପରି କାହିଁ କେତେ ଦୂରରେ···ବିସ୍ମୃତିର ଅଳିଆ ଭିତରେ ପଡ଼ି ରହିଥିଲା । ଚଇତା ମାଧବୀକୁ ନେଇ ପାଗଳ ହେଲା । ଭାବିଲା ମାଧବୀ ତା ଜୀବନର ସୁଖ ଶାନ୍ତିର ଉତ୍ସ-ଭୋଗ ବିଳାସର ଶ୍ରେଷ୍ଠ ସାମଗ୍ରୀ । ସେ ମାଧବୀକୁ କ୍ଷଣେ ମାତ୍ର ଛାଡ଼ି ପାରିବ ନାହିଁ । ଅବୁଝା ମନଟା ତାର ଦଉଡ଼ିଲା ମାୟା ମରୀଚିକା ପଛେ ପଛେ······

ନିତି ସଞ୍ଜ ଆସେ । ଅନ୍ଧାର ଚିରି ଆକାଶରେ ଶୁକତାରା ଦିପାଳୀ ଜଳାଉଠେ । ବଉଦ ପଣତ ତଳେ ତଳେ ଅନ୍ଧାର କ୍ଷୀଣ ଛାଇ ଖାଲି ଲାଗିରହେ । ଥିରି ଥିରି ପବନ ଆସେ । ଚଇତା ଭାବେ, ଆହା କି ଶାନ୍ତି ।

ପାଗଳ ପରି ଦଉଡ଼ି ଯାଏ ମାଧବୀ କତିକି । ମାଧବୀ ଚଇତାର ଆସିବା ପଥକୁ ଚାହିଁ ରହିଥାଏ । ଚଇତାକୁ ଦେଖିଲେ ମାଧବୀର ରଙ୍ଗଣୀ ଓଠରେ ସରୁ ହସ ଫୁଟେ । କେତେ ଆଦର ବୋଲା କଥା କହି ତାକୁ ନିଜର କରିନିଏ । ଚଇତା ଭାବେ, ମାଧବୀ ପର ନୁହେଁ—ନିଜର । ବିବାହ ପରେ କନକ ସହିତ କେତେଦିନ, କେତେ ରାତି ବିତିଯାଇଛି—କିନ୍ତୁ କାହିଁ ମାଧବୀ ପରି କନକର ମୋର

ଅନ୍ତର ମନକୁ ଜାଣି ପାରି ନାହିଁ । ମାଧବୀ ମୋର ସବୁ, ମାଧବୀକି ନେଇ ବିଦେଶୀ ଜୀବନ ବେଶ ସୁଖରେ କାଟିବ ।

ନିତି ନିତି ମାଧବୀ ପାଇଁ ଚଇତା କେତେ ପଇସା ଖରଚ କରେ । କେତେ ଉପହାର—କେତେ ସୌଖିନ ଜିନିଷ କିଣିନିଏ । ଆଜି ତେଲ, ସାବୁନ—କାଲି ସ୍ନୋ, ପାଉଡ଼ର । ମାଧବୀ ଖୁସି ହୁଏ ସତ କିନ୍ତୁ ସେତିକିରେ ସନ୍ତୁଷ୍ଟ ହୁଏନା । ନଇତି ସେ ଚଇତା କୋଳରେ ଶୋଇ ଶୋଇ କେତେ ଜିନିଷ ଅଳି କରେ । ଚଇତା ତାର ଚିକ୍କଣ ଗୋଲପି ଗାଲରେ ଥିରି ଥିରି ହାତ ବୁଲାଇ କୁହେ, ଏସବୁ ତମର ସାମାନ୍ୟ ଅଳି ମୁଁ ନିଶ୍ଚୟ ପୂରଣ କରିବି । ତମ ପାଇଁ ମୁଁ ସବୁ ଦେଇପାରେ । ଦରକାର ହେଲେ ନିଜ ଜୀବନକୁ ମଧ୍ୟ ତମ ପାଇଁ ବଳି ଦେଇପାରେ । ମାଧବୀ ହସି ହସି ଚଇତା କୋଳକୁ ଆହୁରି ଜାକି ହୋଇଆସେ । ଚଇତାର ଆବେଗ ଉତ୍ତେଜନା ମିଶି ଏକ ହୋଇଯାଏ ।

ତାପରେ ପ୍ରଣୟ କାହାଣୀରେ କମା ଦେଇ ଚଇତା କୁହେ, ବେଶୀ ରାତି ହେଲାଣି—ଯାଉଛି ମାଧବୀ । ମାଧବୀ ମୁହଁରେ ଅଭିମାନର ଛାଇ । ବିଦାୟ ଦେବାକୁ ସତେ ଯେପରି ସେ ଅନିଚ୍ଛୁକ । ଚଇତା ହସି ହସି ମାଧବୀ ମସୃଣ ଗଣ୍ଡରେ ସ୍ନେହର ଚୁମ୍ବନ ଦେଇଦିଏ—ତା ପରେ ବିଦାୟ ।

ଚଇତା ମାଧବୀକି ପାଇ ଭୁଲିଗଲା ତାର ଗାଁ—ତାର ସେଇ ଜନ୍ମ ମାଟି—ଯେଉଁ ପାଣି ପବନରେ ସେ ମଣିଷ ହୋଇଛି । ଭୁଲିଗଲା

ତାର ବାପ, ଭଉଣୀ ସାଙ୍ଗସାଥୀ ଆଜି ଅତି ଆପଣାର ଭରସା ଜନକକୁ। ମାସ ମାସ ଧରି ଖଟିଣି ପରେ ଯୋଉ ପଇସାତକ ପାଇଲା ସବୁ ମାଧବୀ ଲଗି ଖର୍ଚ୍ଚ କରିଦେଲା। ଦରମା ପାଇ ତଥାପି ତଇତାକୁ ମାସ ଶେଷକୁ ନଅଣ୍ଟ ପଡ଼େ। ଆଠୁ ତାଠୁ ଧାରି କରି ମାଧବୀର ମନ ନଏ। କେଳୁ ମହାନ୍ତି ଦିନେ ଦିନେ କୁହେ, କରେ ତଇତା, କୋଉ ଘାଟରେ ବୁଡ଼ି ପାଣି ପିଉଚୁ—କରେ? ତଇତା ତା କଥା ନ ଶୁଣିଲା ପରି ଚାଲିଯାଏ। କେଳୁ ମହାନ୍ତିର ଗଗଟା ଭିତରେ ଭିତରେ ଜଳି ଉଠେ। ଭାବେ, କେଇଦିନ ଏ ମୋ ଦାରିବକୁ ମାଡ଼ିବସି ରଖିବ—ଦେଖିବା।

ଘରୁ ମାସକୁ ମାସ ସାତ ଆଠ ଖଣ୍ଡ ଚିଠିଆସେ—କେତେ ଅଭାବ ଅଭିଯୋଗର ରୂପଧରି। ତଇତା ଚିଠି ପଢ଼େନା—ବାକ୍ସରେ ଚିରି ଫୋପାଡ଼ି ଦିଏ। ମନକୁ ମନ କହେ, ଜୀବନରେ ସୁଖ ସୁଆଦ କଣ ନାହିଁ। ଖାଲି ଟଙ୍କା କମେଇବ—ଘରସଂସାର ପାଇଁ—ବାପା ମା, ଭାଇ ଭଉଣୀର ସୁଖ ପାଇଁ। ନିଜେ ଖଟିବ ହାଡ଼ ମାଉଁସକୁ ସଳିତା କରି-ଅଥଚ ନିଜେ ଟିକେ ଶାନ୍ତିରେ ନିଶ୍ୱାସ ମାରିବ ନାହିଁ। ତଇତା ଏଣିକି ଘରକୁ ଚିଠି ପଇସା ପଠେଇ ବି ଦିଏ ନାହିଁ। ଭାବେ, ନିଜେ ସୁଖରେ ଅଛୁ ତ ଭଲ। ଆଉ ଯେତେ ମଲେ ଗଲେ କଏ କାହାର—ଖାଲି ମାୟା, ବାହାନା।

ତଇତା ମାଧବୀ କଣ୍ଡଳ ବରାବର ଯାଏ ବୋଲି କେଳୁ ମହାନ୍ତି ବୁଝିଆଡ଼େ ହଲ୍ଲା କରିଦେଇଚି। ଆସ୍ତେ ଆସ୍ତେ କଥାଟା କୁଲି ବସ୍ତି ଭିତରେ ଖେଳି ସବୁ କାନକୁ ଆସିଲାଣି। ସମସ୍ତେ କହନ୍ତି,

—ପରବାସୀ—                                                    —ସତାଅଶି—

ଚଇତାଟା ଖାଡ଼ୁଆ—ଖଣ୍ଡ ଉଖିଡ଼ । କଏ କଏ, ଚଇତାକୁ ଦେଖିଲେ ନାକ ଟେକନ୍ତି । କଏ କଏ ଆଦର କରି କେତେ ମିଠା କଥା ପଚରନ୍ତି, ଚଇତା ଭାଇ ମାଧବୀ କମିତି ଅଛି ମ ? ଶୁଣୁଚୁ ସେ କୁଆଡ଼େ ଦେଖିବାକୁ ଭାରି ସୁନ୍ଦର—ସରଗର ଅପସରୀ ପରି । ମାଧବୀର ରୂପର ଗୀତ ଶୁଣି ଚଇତାର ହୃଦୟ ଗର୍ବରେ ଫୁଲି ଉଠେ । କୋଉ କୋଉ ବୟସରେ ମୁରବି ପରି ଲୋକ ଚଇତାକୁ ଦେଖିଲେ ଥଟ୍ଟା କରି କହନ୍ତି, ଆରେ ତୁ ପୁଣି ଗୋଟାଏ ଲୋକ—ଖଣ୍ଡ ଉଖିଚ୍ । ଚଇତା ମନଟା ରାଗରେ କୁହୁଳି ଉଠେ । ତ ତଳୁଣୁ ପୁଣି ଲାଜିଯାଏ । କାହାରିକୁ କିଛି କହି ପାରେ ନାଁ ।

ମାଧବୀକୁ ନେଇ ଚଇତାର ମଧୁର ସ୍ୱପ୍ନ ବଢ଼େଇର ଦିନଗୁଡ଼ା ଗଡ଼ି ଚାଲେ ।

## —୧୨—

ଛ' ମାସ କଟିଗଲା । ଅନେଇ ଅନେଇ ନିଧି ପଧାନ ଆଖିରୁ ପାଣି ମଲା । ଚଇତା ପାଖରୁ ଖଣ୍ଡେ ଚିଠି କି ଟଙ୍କା କିଛି ପାଇଲା ନାହିଁ । ଘର କାମ ଅଧା ହୋଇ ପଡ଼ି ରହିଚି, ଆଉ ଟଙ୍କା ନାହିଁ—ନିଧି ପଧାନ ଆଁ କରି ଅନେଇଚି ପୁଅ ହାତକୁ । ପୁଅ ତାର ଟଙ୍କା ପଠେଇବ—ସେ ଘର କରିବ—ଜୀବନର ଶେଷ ସୀମାରେ ସେ ଟିକେ ସାର୍ଥକତାର ହସ ହସି ମରିବ ।

କିନ୍ତୁ ସବୁ ସ୍ୱପ୍ନ ତାର ଭାଜିଗଲା—ଯେଉଁଦିନ ହେଲି ସାମୁଲର ଚିଠି ଖଣ୍ଡିକ ସେ ପାଇଲା । ହେଲି ସାମୁଲ ଲେଖିଚି, ନିଧିଭାଇ ତମ ଚିଠି ପାଇ ଚଇତା କଣ୍ଡକା ଯାଇଥିଲି । ଘର କଥା ସବୁ କହିଲି । ତମେ କମିତି ଦୁଃଖରେ ଅଛ—ଘର କାମ ଅଧା ହୋଇ

ପଡ଼ିଚି--ଶିମେନ୍ତେଇ ସାହୁ ମହାଜନର ଦେଣା ବଢ଼ୁଚି । ସବୁ କହିଲି, ସେ ଶୁଣିଲା ନାହିଁ । ମୁହଁ ବୁଲେଇ ଚାଲିଗଲା । କହିଲା, ମୋ କତିରେ ଟଙ୍କା ପଇସା ନାହିଁ । ଘର କରିବାକୁ କଣ ମୁଁ କହିଥିଲି, ମହାଜନ ଦେଣା ଆଣିବାକୁ କଣ ମୁଁ ଯାଇଥିଲି । ବାପା ସବୁ କରିଚନ୍ତି—ସେ ବୁଝିବେ । ମୁଁ ଅଧଲାଟାଏ ଦେଇ ପାରିବ ନାହିଁ ।

ସେ ବସ୍ତିରେ ଅନେକ ଲୋକଙ୍କ କତିରୁ ଶୁଣିଲି ଚଇତା ମାଇକିନା ରଖିଚି—ସବୁ ପଇସା ତାରି ପଛରେ ଖର୍ଚ କରୁଚି । ସେ ଆଗ ଚଇତା ହେଇନାହିଁ । ତାର ଆଗ କଥା—ଆଗ ରୂପ ସବୁ ବଦଳି ଯାଇଚି, ମୋତେ ପ୍ରଥମେ ଦେଖି ନ ଚିହ୍ନିଲାପରି ହେଲା । ଏଇଥିରୁ ସବୁ ବୁଝିବ ।

ଲେଖା ସାମୁଲ · ଚିଠି ଖଣ୍ଡିକ ପାଇ ନିଧି ପଧାନକୁ ଚାରିଆଡ଼ ଅନ୍ଧାର ଦିଶିଲା । ସେ ମୁଣ୍ଡରେ ହାତ ଦେଇ ଖାଲି ଭାବିଲା, ଏ ପୁଣି ମୋର କଣ ହେଲା । ମହାଜନ ଦେଣା କେମିତି ଶୁଝିବ । ଘର ଖଣ୍ଡିକ କିମିତି ହେବ । ବୋହୂଟି ଅନ୍ତଃସତ୍ତ୍ୱା ଆଉ କେଇଟା ଦିନ ଗଲେ ତାର ପୁଣି ପିଲା ପିଲି ହେବ । ତା ପାଇଁ ପୁଣି ଖରଚ । ବାର ଲୋକଙ୍କର ହାତ ଉଧାର ସେ ସବୁ ପୁଣି କିମିତି ଶୁଝା ହେବ । ସବୁ ଭାଗ୍ୟ । କପାଳ ଯେତେବେଳେ ଫଟେ ସେତେ-ବେଳେ ରଜା ବି ଘୋଡ଼ା ପାଇଁ ଘାସକାଟେ । ନଇଲେ ଚଇତା ପରି ପୁଅ ମୋର ଇମିତି ହୁଅନ୍ତା । ଭାବି ଭାବି ନିଧି ପଧାନ କାନ୍ଦି ପକାଇଲା ।

ମନକୁ ମନ କହିହେଲା, ଚଇତା ତୋ ମନରେ ଏଇଆ ଥିଲା । ବୋହୂ ଆଣି ନ ଥିଲି ଯେ—ସମସ୍ତେ କହୁଥିଲେ ନିଧି ପଧାନ ଆଣିଚି

—ନବେ—

— ପରବାସୀ –

ଘରର ଲକ୍ଷ୍ମୀ । ଲକ୍ଷ୍ମୀ ଘର ବୋହୂକୁ ତୁ ଆଜ ପର କରି ଦେଇ ଗଲୁ । ତୋର ପାଇଁ ଯାହାର ଭଲ ଭଲ ଦିନ ସରୁନ-ତୋର ମୁହଁକୁ ଚାହିଁ ଯିଏ ସବୁ ଦୁଃଖ କଷ୍ଟ ଭୁଲି ଯିବାକୁ ବସିଚି--ତାକୁ ଆଜ ତୁ ଗୁଡ଼ କେଶ୍ୟା ରଖିଲୁ । ମୋ ବୃନଆଦର ଇଜ୍ଜତରେ କାଳି ବୋଳିଲୁ । ନିଧି ପଧାନର ସପ୍ତ ପୁରୁଷ ଉଦ୍ଧାର କଲୁ ।

ସେଇଦିନଠୁ ନିଧି ପଧାନ ସବୁବେଳେ ଖାଲି ବସି ବସି ଭାବେ । କନକ ବେଳେବେଳେ ଆସି ବୁଝେ "ବାପା, ତମର କଣ ହେଇଚି ଏତେ ଭାବୁଛ କଣ ?" ନିଧି ପଧାନ ଶୁଖିଲା ମୁହଁରେ ହସ ଫୁଟାଇ କହେ, "ନାଁ ମା ହେବ କଣ ?" କନକ ବୁଝେ, "ବାପା ତମେ ମୋତେ ଲୁଚଉଚ—ସତ କୁହ ତମର କଣ ହେଇଚି ।" ନିଧି ପଧାନ ବ୍ୟଥାରେ ନଇଁ ପଡ଼ିଲା ସ୍ୱରରେ କହେ, "ମା ତଇତା ଆମକୁ ଭୁଲିଗଲା···ବୁଢା ଦିନେ ତାର କଥା ଭାବି ଭାବି ଦିନ ମୋର ତଥାପି ସରୁନ । ମରିଗଲେ ଛୁଟି ମା ! ତୋ ଶୁଖିଲା ମୁହଁକୁ ମୁଁ ଆଉ ଦେଖି ପାରିବି ନାହିଁ ।" କନକ ଆଖିରୁ ଝର ଝର ଲୁହ । ବୁଝେ, "ବାପା, ମିଛିଟାକା କଥା କହିବ ନାହିଁ ।"

ସେ ଦିନ ସଞ୍ଜ ହେଇନାହିଁ । ଚନ୍ଦ୍ରେଇ ସାହୁ ମହାଜନ ଆସି ଡାକିଲା, ପଧାନ ପୁଅ ଘରେ ଅଛ ? ନିଧି ପଧାନ ଘରୁ ବାହାରି ଆସି ଦେଖେ, ମହାଜନ ବୁଢ଼ା । ପଧାନ ଦଉଡ଼ି ଯାଇ ଘର ଭିତରୁ ମସିଣାଟା ଆଣି ପିଣ୍ଡାରେ ପକେଇ କହିଲା, "ମହାଜନେ, ବସ ।" ଚନ୍ଦ୍ରେଇ ସାହୁ କହିଲା, "ନାଁ ପଧାନ ମୁଁ ବସିବାକୁ ଆସି ନାହିଁ କି ମିଠା କଥା ଶୁଣିବାକୁ ଆସି ନାହିଁ, ମୋ ଟଙ୍କା କେବେ

ଦେବ କହିଲ । ଏ ମାସରେ ଦେବ--ଆରମାସରେ ଦେବ କହିତ ଖୁବ୍ ଧପେଇଲଣି । ମୋର ଟଙ୍କାର ଜରୁରୀ ଦରକାର । ଦରକାର ବେଳେ ତମେ ଇମିତି ଧପେଇବ—ମୁଁ ଏହା ଭାବି ନଥିଲି । ଏଇମାସ ପନ୍ଦର ତାରିଖ ଭିତରେ ଯଦି ଟଙ୍କା ମୋ ଗୋଡ଼ ପାଖରେ ଦେଇ ନ ଆସ, ତେବେ ମୋର ଯା କରିବାର କଥା କରିବି । ଏଇ ମୋର ଶେଷ କଥା ପଧାନେ, ଶୁଣିଥା ।"

କଡ଼ା କଡ଼ା ଦି' ପଦ କହି ଚିନ୍ତେଇ ସାହୁ ଗସ୍ତା ଧରିଲା । ନିଧି ପଧାନ ତା'ର ଗନ୍ତପଥକୁ ଚାହିଁ ଭାବିଲା । ପନ୍ଦର ତାରିଖ ଭିତରେ ଏତେ ଟଙ୍କା କୋଉଠୁ ଆସିବ । ମୁଣ୍ଡଟା ତାର ବୁଲାଇ ଦେଲା—ଚାରିଆଡ଼ ଦିଶିଲା ଅନ୍ଧାର । ସେଇ ଅନ୍ଧାର ଭିତରେ ସେ ଦେଖି-ବାକୁ ପାଇଲା ତାର ସର୍ବସ୍ୱ ଯାଇଛି—ସେ ପଥର କାଙ୍ଗାଳ । ଚଇତା ତାର ଜୀବନ୍ତ ସମାଧି ଦେଖିବାକୁ ସୁଦୂର ବିଦେଶରୁ ଧାଇଁ ଧାଇଁ ଆସୁଚି । ଆଉ ଅନେଇ ପାରିଲା ନାହିଁ ।

ଗାଁରେ ଗପ୍ପ ହେଇ ଗଲାଣି ଚଇତା ଘଣ୍ଡ ରଖିଚି—ଖୁସିରେ ଅଛି । ଏଠି ସମସ୍ତେ ମଲେ ଗଲେ ତାର କିଛି ଯାଏ ଆସେ ନାହିଁ । ଯିଏ ଶୁଣୁଚି—ସିଏ ଛି ଛି କରୁଛି । ଇମିତି ପୁଅ ବଞ୍ଚିଲେ କେତେ ମଲେ କେତେ ?

ଯୋଉଦିନ ଗାଧୁଆ ତୁଠରେ କନକକୁ ନୟନା କହିଲା, ନୂଆବୋଉ ଶୁଣିଲଣି ଚଇତା ଭାଇ ତମକୁ ଛାଡ଼ି ଆଉ ଗୋଟାଏ ମାଇପ କଲାଣି, କନକ ନୟନାର କଥାର ମରମ କିଛି ବୁଝି ପାରିଲା ନାହିଁ । ଖାଲି ବଲ ବଲ କରି ଅନାଇ ରହିଲା । ନୟନା ଗୋଟି ଗୋଟି

ହେଲା ସବୁ କଥା କନକ ଆଗରେ ବଖାଣିଲା । ସେଇ ଗାଧୁଆ ତୁଠରେ କନକ କାନ୍ଦି ଉଠିଲା । କହିଲା, ନୟନା ଆଉ ଏ ଅଭାଗୀ ଜୀବନ ଧରି କି ଲାଭ ଲୋ—ମରିଗଲେ ଯାଏ । ନୟନା ଆଖିରୁ ଲୁହ ଝରି ପଡ଼ିଲା । କହିଲା ଛି ନୂଆବୋଉ, ଇମିତିକା ଅମଙ୍ଗଳ କଥା କହିବ ନାହିଁ । ଗର୍ଭରେ ତମର ସନ୍ତାନ—ତାର ମୁହଁକୁ ଚାହିଁ ଦିନ କାଟ । ଦିନ ଆସିବ ପୁଣି ଦଇତାଭାଇ ତମର କତିକି ଫେରି ଆସିବେ । କନକ କହିଲା, ସେ ଭାଗ୍ୟ ମୋର ନାହିଁଲୋ ନୟନ । ଦେଖିବୁ ସେ ଆସିଲା ବେଳକୁ ମୁଁ ଏ ପୁରରେ ନ ଥିବି । ପୋଡ଼ା ଗଲା ତିଅଣରେ ଆଉ ସୁଆଦ ନଥାଏ ଲୋ—ଥାଏ ଗରଳ । ନୟନା କହିଲା, ନୂଆବୋଉ ସବୁ ଭାଗ୍ୟ । ଭାଗ୍ୟ ତେଜଥିଲେ ପାଷାଣ ଦେହରେ ବି ଫୁଲ ଫୁଟେ । ଏଇମାଟିକୁ ଛୁଇଁଲେ ସୁନା ପାଲଟେ । ଠାକୁରେ ବଡ଼ଲୋକ—ତାଙ୍କୁ ଇ ଡାକ । ସେ ତୋ ଡାକ ଶୁଣିବେ ସେଇ ଡାହାଣୀ କବଳରୁ ଦଇତା ଭାଇ ମୋର ଫେରି ଆସିବେ । କନକ ହସିଲା—ମଳିନ ବେଦନାତୁର ହସ । ସେ ହସରେ ଯେପରି ଜୀବନ ନଥିଲା । ଦିହେଁ ଗାଧେଇସାରି ଘର ମୁହାଁ ଧରିଲେ ।

ଦିନଦିନ ପରେ ଦିନେ ରାତି ପାହାନ୍ତା ପହରକୁ କନକ କୋଳରେ କୁଆଁ କୁଆଁ ହୋଇ କାନ୍ଦି ଉଠିଲା କୁଲୁକୁଲୁଆ ଟିକି ପୁଅଟିଏ । ଗୋରା ତକତକ ଦେହ, ପୁରିଲା ପୁରିଲା ଗୋଲ ମୁହଁଟି ତାର କେଡ଼େ ସୁନ୍ଦର ଦିଶୁଥାଏ କଣ୍ଢେଇଟି ପରି ।

ଦୁର୍ଦ୍ଦିନ ଝଡ଼ ବତାସରେ ଭ୍ରାନ୍ତ ପଥିକ ବିଜୁଳିର କ୍ଷୀଣ ଆଲୋକ ଦେଖିଲେ ଯେମିତି ପଥ ପାଏ—ସେମିତି ନଷ୍ଟ ପଧାନ ଏବେ

ଦୁଃଖରେ ବି ନାତି ମୁହଁ ଦେଖି ଅକୂଳରେ କୂଳ ପାଇଲା । ଆନନ୍ଦର ଆତିଶଯ୍ୟରେ ସେ ସାର୍ଥକତାର ହସ ଟିକେ ହସି ଦେଲା । ସକାଳ ହେଲା କଅଁଳ ଆଲୁଅ ଶିଶିର ଧୂଆ ଦୁବ ଘାସ ଉପରେ ପଡ଼ି ଚକ୍ ଚକ୍ କଲାବେଳେ ଯେମିତି ସୁନ୍ଦର ଦିଶେ—ସେମିତି ଦିଶିଲା ଟିକି ପୁଅଟିର ମୁହଁ । କନକ ପୁଅଟିକୁ ଦେଖି ହସିବ କଣ-ଆଖିରୁ ତାର ଝରି ପଡ଼ିଲା ଲୁହ । ଦୁର୍ବଳ ଦେହଟା ତାର ଥରି ଉଠିଲା । ଭାବିଲା ଆଜି ପରା ଦିନରେ ତାର ବାପ ଥାଇ ସେ ଅନାଥ ।

ନିଧି ପଧାନ ନାତିକ ପାଇ ଭାରି ଖୁସି । ଭାବିଲା, ଚଇତା କଟକ ସେ ଚିଠି ଖଣ୍ଡେ ଦେବ । ଏତେ ବଡ଼ ଖୁସି ଖବର, ପୁଅ ତାର ହେଇଚି ସେ ନ ଲେଖି କେମିତି ରହିବ । କିନ୍ତୁ ଦୁଆତ କଲମ ଆଣି ଲେଖିଲା ବେଳକୁ ହାତ ତାର ଚଳିଲା ନାହିଁ । ନିଧି ପଧାନ ଆଖିରୁ ଝରି ପଡ଼ିଲା ଲୁହ । କେତେ କଷ୍ଟରେ ସେ ଲେଖିଲା ବାପା ଚଇତା, ମୋର ସୁକଲ୍ୟାଣ ନେବୁ । କାଲି ରାତିରେ ତୋର ପୁଅଟିଏ ହେଇଚି—ତାର ଏକୋଇଶା ଆଗରେ । ତୁ ଥରଟିଏ ହେଲେ ଆସିବୁ—ଟିକି ପୁଅଟିକି ତୋର ଟିକେ ଦେଖିଯିବୁ । ବୁଢ଼ା ଦିନେ ମୋ ଆଖିରୁ ଲୁହ ଝରାଇ ତୋତେ କଣ ସୁଖ ଲାଗୁଚି ।

ବାପଟା ପରା—ବୁଢ଼ା ବାପର ଏଇ ଶେଷ ଅନୁରୋଧ ରଖିବୁ । ତୋତେ ଦେଖିଲେ ମୁଁ ସବୁ ଦୁଃଖ କଷ୍ଟ ଭୁଲିଯିବି । ଲୋଡ଼ା ନାହିଁ ମୋର ଧନ ଦଉଲତ—ଲୋଡ଼େଁ ନାହିଁ ମୁଁ ସ୍ୱର୍ଗ ସୁଖ । ଏଇ ଗାଁ ମାଟି ମୋର ସବୁଠୁ ବଡ଼ । ଆମର କେତେ ପୁରୁଷର ମାଟି

ଇଏ । ସମସ୍ତେ ଆସିଚନ୍ତି—ପୁଣି ଯାଇଚନ୍ତି ମଣିଷ ହୋଇ—ପ୍ରଧାନ ବଂଶର ନାଁ ରଖି । ସ୍ୱଦେଶ କେହି ଜାଣି ନ ଥିଲେ କି ଦେଖି ନ ଥିଲେ । ଏଇଗାଁରେ ସେମାନେ ଘରସଂସାର କରି—ଟଙ୍କା କମେଇ—ପିଲାପିଲିଙ୍କି ମଣିଷ କରିସାରି ବାହୁଡ଼ି ଯାଇଥିଲେ ସେ ପୁରକୁ । ଧନଟା ସବୁ ଫେରିଆ । ତୋର ଆସିବା ପଥକୁ ଚାହିଁ ରହିଲି । ଚିଠିଟି ଡାକରେ ପକାଇ ନିଧି ପଧାନ ଟିକେ ଶାନ୍ତିର ନିଶ୍ୱାସ ମାରିଲା ।

ଅନେଇ ଅନେଇ ନିଧି ପଧାନର ଆଖିରୁ ଲୁହ ଶୁଖିଗଲା—ହୃଦପୁଟା ତାର ପାଷାଣ ପରି ଶକ୍ତ ହୋଇଗଲା । ନଆସୁ ତଇତା, କୁଳାଙ୍ଗାର ଇମିତି ପୁଅ ମରିଯିବା ଭଲ ।

ଆଗରେ ନାତିର ଏକୋଇଶା, ପାଖରେ ଏକ ପଇସା ନାହିଁ । ପଧାନ ବଂଶ କୁଳର ପ୍ରତାପ—ତା ପାଇଁ କିଛି ହେବ ନାହିଁ । ନାଁ ନାଁ, ନିଧିପଧାନ ବଞ୍ଚି ଥାଉ ଥାଉ ସ୍ୟା ହେବ ନାହିଁ । କୁଆଡ଼ର ଭାବନା ପଶିଲା ମୁଣ୍ଡରେ । ଭାବିଲା, ଜମି ମାଣେ ବିକି ଦେବ । ସେଇ ଟଙ୍କାରେ ସେ ତିନ୍ତେଇ ସାହୁ ମହାଜନର ଦେଣା ଶୁଝିବ—ଘରକାମ ମୁଣ୍ଡି ମାରିବ ଆଉ ନାତିର ଏକୋଇଶା ଉତ୍ସବ କରିବ । ତାକୁ ମଣିଷ କରିବ । ତା ପରେ ନିଧି ପଧାନର ଛୁଟି ।

କେତେ କଷ୍ଟରେ ପଡ଼ି ନିଧି ପଧାନ ପିତୃ ଅର୍ଜିତ ସୁନାଥାଳ ଜମି ମାଣକ ଯୋଡ଼ି ଦନ ସାତ ଶହ ଟଙ୍କାରେ ବିକି ଘରକୁ ଫେରି ଆସିଲା—ଆଖିରୁ ତାର ଧାରି ଧାରି ହୋଇ ଲୁହ ଛୁଟିଲା । ଭାବିଲା, ଏ ପୁଣି ତାର କଣ ହେଲା । ଜୀବନ ଭରି ଗଣ୍ଠି ଗଣ୍ଠି ଜମି ବିକଟେ ବୋଲି କରି ପାରିନଥିଲା ନାହିଁ—ଓଲଟି ପିତୃପୁରୁଷ ଜମି-

ତାଙ୍କ ଘରକୁ ବାହାଲ । ସବୁ ଭାଗ୍ୟ । ଲକ୍ଷ୍ମୀ ଛାଡ଼ିଲେ ସବୁ ଅମଙ୍ଗଳ କଥା ଆପେ ଆପେ ଆସେ । ମନକୁ ପ୍ରବୋଧ ଦେଇ ପଧାନ ଆଖିରୁ ଲୁହ ପୋଛିଲା ।

ନିଧି ପଧାନ ତିନେଇ ସାତ୍ତର ସବୁ ଦେଣାତକ ପରିଶୋଧ କରି-ଦେଲା । ନାତିର ଏକୋଇଶାରେ ଗାଁର ସବୁ ଲୋକଙ୍କୁ ଭଲ କରି ଗଣ୍ଡେ ଖାଇବାକୁ ଦେଲା । ସମସ୍ତେ କହିଲେ, ପଧାନ ଘର—ନହିଁଲେ ଇମିତି ଖାଇବା କିଏ ଦେବରେ । ନିଧି ପଧାନ ଅତି ଆଦରରେ ନାତିର ନାଁ ଦେଲା—ମଧୁଆ ।

ଘର କାମ ଯା ବାକିପଡ଼ିଥିଲା—ନିଧିପଧାନ ମାସକ ଭିତରେ ସବୁ ଶେଷ କରିଦେଲା । ଧନେ ବସି ବସି ଭାବିଲା, କହିଁକି । ଏ ଘର କଲା—ସେଇ ପୁରୁଣା ଘରେ କଣ ଧନ ସରି ନ ଥାନ୍ତା । ଘରତ ହେଲା-କିନ୍ତୁ ଘରକୁ ମଣିଷ ନାହିଁ । ବୁଢ଼ାତ ହେଲା ଆଜି କେଇଟା ଦିନ ବଞ୍ଚିବ । ଏତିକିବେଳେ କନକ ପୁଅକୁ ଆଣି ବୁଢ଼ା କୋଳରେ ଛାଡ଼ି ଦିଏ । ନିଧି ପଧାନ ନାତିର ହସ ହସ ମୁହଁ ଦେଖିଲେ ସବୁ ଭୁଲିଯାଏ । ତାରି ସାଙ୍ଗରେ କେତେ ଖେଳ ଖେଳେ ।

କନକ ଟିକିଏ ଅବସର ପାଇଲେ ଭାବେ ତା ସ୍ୱାମୀଙ୍କ କଥା । ଏତେ ନିଷ୍ଠୁର ସେ ନିଜର ପୁଅଟିକୁ ଟିକେ ଦେଖିବାକୁ ଆସିଲେ ନାହିଁ । ଘଡ଼ିଏ ନ ଦେଖିଲେ ଯିଏ ପାଗଳ ହୋଇ ଯାଉଥିଲେ—ସେ ପୁଣି ଆଜିକୁ ବରଷେ ହେଲା ଭୁଲରେ ଥରେ ବି ମନେ ପକାଉ ନାହାନ୍ତି । ଭାବି ଭାବି କନକ ଆଖିରୁ ଲୁହ ଝରେ । ବଳେ ବଳେ ଆଖିରୁ

ଲୁହ ପୋଛି ପୁଣି ଘର କାମରେ ଲାଗେ । ରାତିରେ ଦିନେ ଦିନେ ସପନ ଦେଖେ ସ୍ୱାମୀ ତାର ଫେରି ଆସିଚନ୍ତି ଆଉ ହସି ହସି କହୁଛନ୍ତି, କନକ, ଏ ନୂଆ ପରବଟି କେଉଁଠୁ ପାଇଲ । ସେ ଲାଜ ଲାଜ ହୋଇ ପୁଅଟିକି ତାଙ୍କ କୋଳକୁ ବଢ଼ାଇ ଦେଉଚି ।

ଛଟ କରି କନକର ନିଦ ଭାଙ୍ଗିଯାଏ । ଦେଖେ କେହି ନାହିଁ । ସବୁ ମିଛ—ସପନ କଥା କି କେବେ ସତ ହୁଏ । ଆଉ ନିଦ ହୁଏନା । ଅତୀତ ସ୍ମୃତିରେ ମନଟା ଭାରି ହୁଏ । ବିବାହ ପରଦିନଠାରୁ ଯେତେ କଥା, ଯେତେ ଯେତେ ଛୋଟ ଛୋଟ କରୁଣ ମଧୁର ଘଟଣା ସବୁ ମନେ ପଡ଼େ । ଛଟପଟ ହୋଇ କନକର ସେ ଦିନରାତି ଯାହେ—ଆଖିରେ ପିଛୁଳା ପଡ଼େନା ।

9373
1.6.60.

## —୧୩—

କଳଘରୁ ଫେରିଲା ବେଳକୁ ଚଇତାକୁ ଦିନେ କୁଆଡ଼ର ଜର ଆସିଲା । ରାତି ସାରା ଖାଲି ବାନ୍ତି କଲା । ଜର ବଢ଼ି ଚାଲିଲା । ସେଇ ବସାରେ ପଡ଼ି ସେ ପାଗଳପରି ହେଲା । ରାତି ପାହିଲାବେଳକୁ ଜର ମନକୁ ମନ କମି ଆସିଲା । ସେ ବିଛଣାରୁ ଉଠିଲା । ଭାରି ଦୁର୍ବଳ ବୋଧ କଲା । ଭାବିଲା, ଆଜି ଆଉ କାମକୁ ଯିବ ନାହିଁ ।

ସେଇ ଦିନଠୁ ଚଇତାକୁ ଦିନେ ଛଡ଼ା ଦିନେ ରୋଜ ସଞ୍ଜବେଳକୁ ଜର ଆସିଲା । କେତେ ଔଷଧ ଖାଇଲା, କିଛି ଫଳ ହେଲା ନାହିଁ । ବାଇଶିଦିନ ବିତିଗଲା । ଦେହ ତାର ରୋଗରେ ଭାଙ୍ଗି ପଡ଼ିଲା । ପାଖରେ ପଇସାଟିଏ ନାହିଁ—କି ସେବା କରିବାକୁ ବସାରେ କେହି

ନାହାନ୍ତି । କେବଳ ମହାନ୍ତି ବେଳେ ବେଳେ ଉପର ମନରେ ଟିକିଏ ଘଗୁରେ ନଇଲେ ନାହିଁ ।

ତଇତା ଭାବିଲା, ମାଧବୀ କଣ୍ଠକୁ ସେ ଗୁଳିଯିବ-ସେଇଠି ରହିବ । ମାଧବୀ ଲାଗି ସବୁ ପଇସା ସେ ଉଡ଼ାଇ ଦେଇଛି—ଏ ବିପଦ ବେଳେ ସେ କଣ ମୋତେ ପର ବୋଲି ଭାବିବ । ନାଁ କଦାପି ନୁହେଁ ।

ଭାବି ଭାବି ତଇତା ନିଜର ଦୁର୍ବଳ ଶରୀର ନେଇ ମାଧବୀ ଘରେ ଦିନେ ଦି' ପହରରେ ଆସି ହାଜର ହେଲା । ଦେଖିଲା ମାଧବୀ ଗୋଟିଏ ଯୁବକ ସାଙ୍ଗରେ ବସି ପ୍ରେମାଳାପ କରୁଛି । ତଇତାକୁ ଦେଖି ମାଧବୀ ଚମକି ପଡ଼ିଲା । ଉଠି ଆସି ପଚାରିଲା, କୁଆଡ଼େ ଥିଲ ଏତେ ଦିନଯାଏଁ—ଇମିତି କାହିଁକି ହୋଇ ଯାଇଛ ? ତଇତା କହିଲା,ମାଧବୀ ଆଜିକି ବାଇଶି ଦିନ ହେଲା ମୋତେ ଜର । ଯେତେ ଔଷଧ ଖାଇଲିଣି ଭଲ ହେଉନାହିଁ । ଆଉ ମୋ କତିରେ ପଇସାଟିଏ ନାହିଁ । ମୋର ସେବା କରିବାକୁ ବସାରେ ବି କେହି ନାହାନ୍ତି । ତୋର କଣ୍ଠକୁ ଆଜି ଗୁଳି ଆସିଲି, ତୁ ମୋତେ ଏ ବିପଦରେ ସାହା ନ ହେଲେ ଆଉ ବା ମୋର ଆପଣାର ହେଇ କିଏ ଅଛି । ମାଧବୀ ହସିଲା । ସେ ହସରେ ନଥିଲା ତାର ଆନ୍ତରିକତା—ଥିଲା ବିଦ୍ରୂପ ଭରା । କହିଲା, ଏଠି ତମ ସେବା କିଏ କରିବ—ବେଳ କାହିଁ ? ତଇତା କହିଲା, ମାଧବି ତମପାଇଁ ମୁଁ ମୋର ଯା କିଛି ସବୁ ହସି ହସି ଅମ୍ଳାନ ବଦନରେ ଅଜାଡ଼ି ଦେଇଛି—ତମେ ମୋର ପର ନୁହଁ—ସବୁଦିନେ ଭାବି ଆସିଛି ନିଜର । ଏ ବିପଦବେଳେ ମୁଁ କୁଆଡେ ଯିବି ।

—ପରବାସୀ— —ଅନେପ୍ସିତ—

ମାଧବୀ ରୁକ୍ଷ ସ୍ୱରରେ କହିଲା ତମେ ମୋ ପାଇଁ ଯା କରତ— ବଦଳରେ କଣ କଛି ପାଇନାହିଁ । ପୁଣି କାହିଁକ ଅଯଥା ମୂଲ୍ୟହୀନ ଦାବୀ ନେଇ ଦଉଡ଼ି ଆସିଛ । ଆମେ କାହାର ନୋହୁଁ — କେବଳ ପଇସା ଲାଳସାରେ ପର ଆଖିକ ଦେଖାଉଁ ଆମେ ସମସ୍ତଙ୍କର । ତମେ ବଡ଼ ନବୋଧ — ଫେରିଯାଅ ।

ଚଇତା କରୁଣ ସ୍ୱରରେ କହିଲା, ମାଧବୀ, ତମେ ବଡ଼ ଦାରୁଣ— ହୃଦୟହୀନ । ମୁଣ୍ଡଟା ତାର ବୁଲାଇ ଦେଲା — ଦୁର୍ବଳ ଶରୀର ଥରି ଉଠିଲା । ସେ ସେଇଠି ବସି ପଡ଼ି ବାନ୍ତି କରି ପକାଇଲା । ମାଧବୀ ବିରକ୍ତିରେ କହିଲା, ତମେ ଏଠୁ ଶୀଘ୍ର ଯାଅ । ମଲାକୁ କଣ କେଉଁଠି ଯାଗା ମିଳିଲା ନାହିଁ । ଆସିଲ ମୋର ଦୁଆରକୁ । ଚଇତା ସେଇଠି ବସି ରହିଲା । ମାଧବୀ ତା ହାତ ଧରି ଟାଣି ଟାଣି ପଦାରେ ଘୁଞ୍ଚି ଦେଇ କହିଲା, ନିଜ ଘର ପରି ଏଇଠିକି ଦଉଡ଼ି ଆସିଚ । କାହିଁକି ତମର କଣ ଘର ଦୁଆର ପିଲା ମାଇପ ନାହାଁନ୍ତି । ଯାଉନା ସେଇଠିକି — ମାଇପ ତମର ଦିନ ରାତି ବସି ସେବା କରିବ । ଏଠିକି କାହିଁକି ଦଉଡ଼ି ଆସୁଚ । ଭର୍ତ୍ସନା କରି ମାଧବୀ ବିରକ୍ତିରେ ଦାଣ୍ଡ ଦରଜା ବନ୍ଦ କରିଦେଲା ।

ଚଇତା ସେଇ ରାସ୍ତା ମଝିରେ ଥକା ହୋଇ ବସି ପଡ଼ିଲା । ଭାବିଲା, ମାଧବୀ ଏତେ ତାକୁ ସ୍ନେହ କରିଥିଲା ସେ କଣ ସବୁ ବୃଥା, ଛଳନା । ଆଉ କିଛି ଭାବି ପାରିଲା ନାହିଁ ।

ଆଖି ଆଗରେ ତାର ଭାସି ଉଠିଲା, କନକର ଦରି ମଉଳା ମୁହଁ — ବାପର ଭଙ୍ଗା ଶରୀର । କନକର ସ୍ନେହ, ସେବା, ଆଦର ସୋହାଗସବୁ ଗୋଟି ଗୋଟି ହୋଇ ମନେ ପଡ଼ିଲା । ଘର ଦୁଆର ସବୁ ଫେରିବ

ତାକୁ ଡାକିଲା, ଚଇତା ଫେରିଆ । ମରୀଚିକା ପଛରେ ଦଉଡ଼ି ପାଇଲୁ କଣ ? ପାଇଲୁ ଚିରଦିନପାଇଁ ଗୋଟାଏ ଅବଶୋଷର ଧକ୍କା । ପ୍ରକୃତ ଜୀବନର ସନ୍ଧାନ କର । ଏବେବି ସମୟ ଅଛି ଚଇତା ଫେରିଆ । ଜନକ ମୁହଁରୁ ଲୁହ ପୋଛି ଦେ—ବୁଢ଼ା ବାପାକୁ ଶେଷ ଜୀବନରେ ଟିକିଏ ଶାନ୍ତିର ନିଶ୍ୱାସ ମାରିବାକୁ ଅବସର ଦେ । ଫେରିଆ ଚଇତା……ଫେରିଆ । ଚଇତାର ଦୁର୍ବଳ ମନ ଆଉ ସମ୍ଭାଳି ହୋଇ ପାରିଲା ନାହିଁ । ଆଖିରୁ ତାର ଧାର ଧାର ହୋଇ ଲୁହ ଛୁଟିଲା ।

ଧିରେ ଧିରେ ସେ ବ୍ୟଥାର ଗୁରୁଭାର ନେଇ ବଡ଼ ରାସ୍ତା ଉପରକୁ ଆସିଲା । ବସାକୁ ଫେରିବାକୁ ଗୋଡ଼ ଚଳିଲା ନାହିଁ । ଭାବିଲା କଣ କରିବ—କୁଆଡ଼େ ଯିବ । ଇମିତି ହନ୍ତସନ୍ତ ହୋଇ ମୁଁ କଣ ମରିଯିବି—ବାଉରିଆ ଭଇ ପରି ।

ବାଉରିଆର ମଲାବେଳର କରୁଣ ଛବି ଆଖି ଆଗରେ ତାର ନାଚି ଉଠିଲା । ଦେହ ତାର ଥରି ଉଠିଲା ଅଜଣା ଭୟରେ । ସେ ଭାବିଲା ଏଠି ଆଉ ଆପଣାର ହୋଇ କିଏ ଅଛି—କା ବସାକୁ ଯିବ । ହଠାତ୍ ତାର ମନେ ପଡ଼ିଲା ଭୋଳା ସାମୁଲ କଥା । ଭାବିଲା, ଭୋଳା ସାମୁଲ କଣ ଏ ବିପଦବେଳେ ମୋର ଭରସା ହେବ ନାହିଁ । ନିଶ୍ଚୟ ହେବ, କିନ୍ତୁ ସେ ଦିନ ତାକୁ ମୁଁ ଯେଉଁ ଅପମାନ ଦେଇଥିଲି—ସେ କଣ ଆଜି ତାର ପ୍ରତିଶୋଧ ମୋ ଉପରେ ନେବ । ବସାରେ ଟିକେ ମୁଣ୍ଡ ଗୁଞ୍ଜିବାକୁ ଜାଗା ଦେବନାହିଁ । ମୋ ଦେହ ପାଇଁ କିଛି ଖର୍ଚ୍ଚ କରିବନାହିଁ । ନକଲେ ତାର ଗୋଡ଼ତଳେ ପଡ଼ି କ୍ଷମା ମାଗିବି । କହିବି, ଭୋଳା ଦାଦା ଅଶିତର ମାନ ଅପମାନ

ସବୁ ଭୁଲିଯାଇ ମୋତେ ବଞ୍ଚାଅ । ସେ କଣ ତଥାପି ମୋତେ ଦୂରକୁ ଠେଲି ଦେବେ । ନାଁ ନାଁ ଭୋଳ ଦାଦା ସେମିତି କରିବେ ନାହିଁ । ବାପା ତାଙ୍କୁ ମୋର ମଣିଷ କରିଛ । ସେ କଣ ଅସ୍ତାତକୁ ଘାଶୋର ପକାଇବେ । ନାଁ ନାଁ କଦାପି ନୁହେଁ—ଭୋଳ ଦାଦା ସେପରି ଲୋକ ନୁହେଁ । ମୁଁ ଯିବ—ତାର କତ୍ତକ ଯିବ ।

× × ×

ଗପୂପୂର ଗାଁରେ ଆଜକୁ ଗୁରୁଦିନ ହେବ ଲାଗିଛି ହଇଜା । କଣ୍ଡ୍ରସ ସାହିରୁ ଦି' ଜଣ—ଡେଲି ସାହିରୁ ଦଶଜଣ କରିଗଲେଣି । ଏକା-ଦିନେ କାହ୍ନୁ ସାହୁର ସଂସାର ଶେଷ—ଘର ଖାଲି । ଆଗେ ତାର ଘରଯା—ତା ଦି' ଘଣ୍ଟାପରେ ପୋଲବଉଧର ବାହାହେଲା ଝିଅ—ତା ଘଣ୍ଟାକ ପରେ କାହ୍ନୁ ସାହୁ ନିଜେ । ସମସ୍ତେ ଡାକ ଛାଡ଼ି ଆଖି ବୁଜିଲେ । ଗପୂପୂର ଗାଁରେ ଚହଳ ପଡ଼ିଗଲାଣି । ଗାଁ ଲୋକେ ମେଳି ହୋଇ ଠାକୁରାଣୀ ଚଣ୍ଡୀ ଦେବୀଙ୍କ ନିକଟରେ କେତେ ଅର୍ଚ୍ଚନା କଲେଣି—ତଥାପି ହଇଜା ବନ୍ଦ ହେଉନାହିଁ—ଚାଲିଛି ।

ସଞ୍ଜ ଆସିବା ମାତ୍ରେ ଅନ୍ଧାର ଆଗରୁ ଗପୂପୂର ଗାଁରେ ତାଟି କବାଟ ପଡ଼ିଯାଏ । କେହି ଡର ପଦାକୁ ବାହାରନ୍ତି ନାହିଁ । ଆସ୍ତେ ଆସ୍ତେ ହଇଜା ଖଣ୍ଡେଇତ ସାହିକି ବ୍ୟାପିଲାଣି । ନନ୍ଦ ଜେନାର ଭେଣ୍ଡିଆ ପୁଅଟା କାଲି ରାତିରେ ମରିଯାଇଛି ।

ନିଧି ପଧାନ ଏସବୁ ଦେଖି ତାର ଦୁର୍ବଳ ଦେହଟା ଅଜଣା ଭୟରେ ଥରି ଉଠେ । ଜମି ବିକିଲା ଦିନଠାରୁ ତାକୁ ସବୁବେଳେ ଭାବନା ଜର । ଚଇତା କଥା ଭାବି ଭାବି ଦେହଟା ବି ତାର ଝଡ଼ି ଗଲାଣି

ଦିନ ଗଣ୍ଡି ସବୁବେଳେ ଚନ୍ତା । ଆଗ ଚେହେରା ନାହିଁ । ତାର ଆଖି ଗୁଡ଼ାକ ଭିତରକୁ ପଶି ଗଲାଣି – ଶୁଖିଲା ମୁହଁ, ଯେପରି ଜୀବନ ନାହିଁ । ଯିଏ ଦେଖେ ସେ କୁହେ, ପୁଅକୁ ଝୁରି ଝୁରି ନଧିଆ ମରିଯିବ ।

ଖଣ୍ଡେଇତ ସାହିରୁ ନଇତ ଗୋଟାଏ ଦୁଇଟା ମଣିଷ ହଇଜାରେ ମଲେ । ଗ୍ରାମଆଡ଼େ ଖାଲି କାନ୍ଦବୋବାଳି – ହାହାକାର, ନଧି ପଧାନ ଦିନେ ବୋହୂକୁ ତାର ଡାକି କହିଲା, ଚାଲ ମା', ତୋତେ ଆଜି ମଧୁଆକୁ ତୋ ବାପଘରେ ଛାଡ଼ିଦେଇ ଆସିବି । ଆଜି ଏ ଯମ ପୁରୀରେ ତତେ ରଖାଇ ଦେବିନାହିଁ । କନକ ମନାକଲା । କହିଲା, ନାଁ ବାପା ତମକୁ ଛାଡ଼ି ମୁଁ କୁଆଡ଼େ ଯିବିନାହିଁ । ନଧି ପଧାନ ହସିଲା – କରୁଣ ବ୍ୟର୍ଥତାର ହସ । କହିଲା, ପାଗଳୀ, ବୁଢ଼ା ହେଲଣି, ମୋପରି ଗୋଟାଏ ଅଲୋଡ଼ା ଜୀବନକୁ ଛାଡ଼ିଯିବାକୁ ତୋତେ ଏତେ ଡର । ବାପା ତୋରିତ ଦିନେ ମରିବ ! କନକ ଆଖିରୁ ଝରି ପଡ଼ିଲା ଲୁହ । ନଧି ପଧାନ ଚମକି ପଡ଼ି କହିଲା, ପାଗଳୀ କାନ୍ଦୁଚୁ । ଯାକୁ ମଣିଷ କରିଥିଲି ଖୋଇ ପେଇ ନିଜର ସ୍ନେହ ଦେଇ – ସେତ ମୋ ପାଇଁ ଟିକିଏ କାନ୍ଦିଲାନାହିଁ । ଆଜି ତୁ ପର ଝିଅଟା – ତୁ ମୋ ପାଇଁ କାନ୍ଦୁଚୁ – କାନ୍ଦ । କିନ୍ତୁ ମା, ମୁଁ ଆଜି ବେଶୀଦିନ ନୁହେଁ । ଯିବି – ଖୁବ୍ ଚଞ୍ଚଳ ମୁଁ ଏ ପୁରରୁ ବିଦା ହେବି ।

ଠିକ୍ ତା ଦିନକ ପରେ ଦିଇଟା ବେଳକୁ ନଧି ପଧାନକୁ ହଇଜା ଧରିଲା । କନକ ଖାଲି ହୋ ହୋ ହେଇ କାନ୍ଦିଲା । ନଧି ପଧାନ ବ୍ୟଥାମିଶା ନରମଗଳାରେ କହିଲା, ବେଳକାଳ ମୋର ସରିଆସିଲା।

ମା—ଆଉ କାନ୍ଦି ଲାଭ କ'ଣ ? ପୁଅର ମୁହଁ ଆଉ ଦେଖି ପାରିଲି ନାହିଁ । ଉମିବୋଉ ଗଲା—ଚଇତା ମୋତେ ଭୁଲିଗଲା । ସାତ ପୁରୁଷର ଜମି ବିକିଲି ପେଟ ପାଇଁ, ଇଜ୍ଜତ ପାଇଁ ମା—କିନ୍ତୁ ତୋତେ ବୋହୂକରି ଆଣି ନଥିଲି ସେ ଆଣିଥିଲି ଲକ୍ଷ୍ମୀ ସୁନ୍ଦର ପ୍ରତିମା । ସେଇ ମୋର ଶାନ୍ତ ମା—ସେଇ ମୋର ଶାନ୍ତ । ତୋତେ ଦେଖି ମୁଁ ମରିଚି—ମୋ ଘରର ଲକ୍ଷ୍ମୀକି ମୁଁ ଦେଖି ମରୁଚି, ଏହାଠୁ ବଳି ଭାଗ୍ୟ ମୋର କଣ ଅଛି । କନକ ଖାଲି କାନ୍ଦୁଥାଏ । ଦି' ଘଣ୍ଟା ପରେ ନିଧି ପଧାନର ପାଟିପଡ଼ିଗଲା—ଗୋଡ଼ ହାତ ଅଚଳ ହୋଇଗଲା । ତା' ପରେ ସବୁ ଶେଷ—ଖାଲି ଅନ୍ଧକାର ।

ସପ୍ନପୁରର ସେଇ ମଶାଣି ଭୂଇଁରେ ଚିତା ନିଆଁ ହୁ ହୁ ହୋଇ ଜଳି ଉଠିଲା । ମଶାଣିର କଅଁାବୁଦା କଡ଼ରୁ ଶୁଭିଲା ବିଲୁଆଙ୍କର କଲିଜା ଥରା ଚିତ୍କାର ହୁକେ···ହୁଆ···ହୁଆ···

## —୧୪—

ଚଇତାକୁ ଦେଖି ଖେଳ ସାମୁଲ ଚିହ୍ନି ପାରିଲା ନାହିଁ । ଏ କ'ଣ ସେଇ ଚଇତା—ନାଁ ତାର ଅଶରିରୀ । ଚଇତା ଖେଳ ସାମୁଲ କଣ୍ଠରେ ଭେଁ ଭେଁ ହୋଇ କାନ୍ଦି ଉଠିଲା ! ତାର ହାତ ଧରି କହିଲା, ଖେଳ ଦାଦା ମୋତେ ବଞ୍ଚାଅ । ତମେ ନ ଦେଖିଲେ ମୋର ବା କିଏ ଆପଣାର ଅଛି । ଚଇତା ଆଖିରେ ଲୁହ ଦେଖି ଖେଳ ସାମୁଲ ହୃଦୟଟା ତରଳି ଗଲା । ଭାବିଲା, ଚଇତା ବାଟକୁ ଫେରିଛି—ସେ ଆଜି ତାର ପାପର ପ୍ରାୟଶ୍ଚିତ୍ତ ପାଇଁ ଦଉଡ଼ିଆସିଛି । ଖେଳ ସାମୁଲର ଅତୀତର ସ୍ମୃତି ମନେ ପଡ଼ିଲା । ଦିନେ ତା ପାଇଁ ଚଇତାର ବାପ ନିଧି ପଧାନ କ'ଣ ନ କରିଛି । ଆଜି ତା ପୁଅର ବିପଦ ବେଳେ ତାକୁ ଟିକେ ସାହା ଭରସା ହେବ ନାହିଁ । ନାଁ ନାଁ ଖେଳ ସାମୁଲ ଘୃଣା କରିବ ନାହିଁ—ଲୋକେ କଣ କହିବେ । କହିବେ

ଏହି ଭୋଳ ସାମୁଲଟା ଏତେ ସ୍ୱାର୍ଥପର, କୃତଘ୍ନ । ନିଧି ଭାଇ କଣ କହିବ । କହିବ, ଆରେ ସାମୁଲ ପୁଅ, ଘରେ ତୋର ଖାଇବାକୁ ନଥିଲାବେଳେ ତୋ ମୁହଁରେ ଆହାର ଦେଇ ମୁଁ ମଣିଷ କରିଚି— ତୋତେ ବଞ୍ଚାଇଚି । ଆଜି ତୁ ମୋ ପୁଅ ମୁହଁକୁ ଟିକେ ଅନେଇଲୁ ନାହିଁ ।

ଭୋଳ ସାମୁଲ ଭବଚନ୍ଦ୍ର ଚଇତାକୁ ତାର ବସାରେ ସ୍ଥାନ ଦେଲା । ତା ପାଇଁ ପଇସା ଖର୍ଚ୍ଚ କରି ଡାକ୍ତର ଆଣି ଦେଖାଇଲା । ଆପଣାର ପରି ତାର କେତେ ସେବା କଲା ।

ଦିନଗୁଡ଼ା ଗଡ଼ି ଚାଲିଲା—କେତେ ହସିଲା ମୁହୂର୍ତ୍ତ ମିଶା ବିରହ ବିଷ ଦର ସୁଅରେ ଭାସି ଭାସି ।

ଚଇତା ଭଲ ହୋଇ ଆସିଲା । ଦିନେ ଚଇତା କହିଲା, ଭୋଳ ଦାଦା, ଏଥର ମୁଁ ଘରକୁ ଯିବି । ବାପାଙ୍କୁ ଅନେକ ଦିନହେଲା ନ ଦେଖି ମନଟା ମୋର ଅସ୍ଥିର ହେଉଚି । ଅଜ୍ଞାତରେ ବାପାଙ୍କ ମନରେ ମୁଁ ଯେଉଁ ଦୁଃଖ ଦେଇଚି—ତାର ପ୍ରତିଫଳ ଯଥେଷ୍ଟ ଭୋଗିଲିଣି । ଏଥର ମୋତେ ବିଦାୟ ଦିଅ । ଭୋଳ ସାମୁଲ ହସିଲା । କହିଲା, ଚଇତା କୁଆଡ଼େ ଥିଲା ତୋର ସେ ଦିନ ପିତୃସ୍ନେହ । ଯୋଉ ଦିନ ତୋର ବୁଢ଼ା ବାପାର ଚିଠିପାଇ ମୁଁ ତୋର କଟକ ଦଉଡ଼ି ଯାଇଥିଲି । ଆଜି ମନେ ପଡ଼ୁଚି—ବର୍ଷେକ ପରେ । ସେମାନେ ମଲେଣି କି ଗଲେଣି କିଏ ଜାଣେ । ମୁଁ ତ ପନ୍ଦର ଦିନ ହେଲା ଶୁଣିଲିଣି ଗାଁରେ ଘର ହଇଜା ଲାଗିଚି । ନିତି ଗାଁରୁ ଲୋକ ଘୋଷାରୁଚି—ଚାରିଆଡ଼େ କାନ୍ଦ ବୋବାଳି ।

—ଶରଚ୍ଚନ୍ଦ୍ର— —ପରବାସୀ—

ଚଇତା ଉପରେ ଚମକି ଉଠିଲା । କହିଲା, ସତେ କଣ ଦାଦା ଗାଁରେ ହଇଜା ଲାଗିଚି । ଭୋଳା ସାମୁଲ କହିଲା, ହଁରେ ଚଇତା, ପଚିଶ ଷାଠିଏ ଲୋକ ମଲେଣି । ଚଇତା ଆଖି ଆଗରେ ଯେପରି ତାର ବାପା, ସ୍ତ୍ରୀର ମୁହଁ ଛଳ ଛଳ ହୋଇ ଦିଶିଲା । ସେମାନେ କାନ୍ଦୁଛନ୍ତି—ଆଉ କହୁଛନ୍ତି, ଏଥର ଆମର ଛୁଟି । ଗାଣ୍ଡ ରଖ—ମଉଜ କର । ଗାଁ ମାଟି ନ ମାଡ଼ିଲେ ଆମର ଯାଏ କେତେ, ଆସେ କେତେ । ଚଇତା ଆଖିରେ ଲୁହ ଜକେଇ ଆସିଲା । କହିଲା, ଭୋଳା ଦାଦା ମୁଁ ଆଜି ଘରକୁ ଯିବି । ଭୋଳା ସାମୁଲ କହିଲା, ତୁ ପାଗଳ ହୋଇ ଗଲୁଣି କିରେ ଚଇତା । ଗାଁରେ ହଇଜା—ଯିବୁ କିପରି । ଚଇତା କହିଲା, ହଁ ଦାଦା ମୁଁ ପାଗଳ ହୋଇ ଗଲିଣି—ଆମ ଗାଁ ମଶାଣି ଭୂଇଁ ମୋତେ ଡାକିଲାଣି । ମୁଁ ଯିବି—ଆଜି ମତେ ତମେ ବାଧା ଦେଇ ପାରିବ ନାହିଁ । ଚଇତା ଭେ ଭେ ହୋଇ କାନ୍ଦି ଉଠିଲା ।

ଭୋଳା ସାମୁଲ ଯେତେ ବୁଝାଇଲେ ଚଇତା ବୁଝିଲା ନାହିଁ । ସେଇ ଦିନ ଚଇତା ହାତରେ ଚାଳିଶଟା ଟଙ୍କା ଦେଇ ଘରକୁ ବିଦା କରିଦେଲା ।

ବନ୍ଧ ଉପରୁ ଗଡ଼ିଲେ ଗାଁ ଗୋହିରୀ । ଦ'କରରେ କିଆ ବୁଦାର ପାଚେରୀ—ତା'ପରେ ଆମ୍ବତୋଟା । ଚଇତା ଆମ୍ବତୋଟାଗଛ ଗହଳ ପାରି ହୋଇ ଗାଁ ମୁଣ୍ଡରେ ଆସି ପହଞ୍ଚିଲା । ଗାଁ ମୁଣ୍ଡ କାଉଁଶ ବୁଦା ଭିତରୁ ଗୋଟାଏ ଶିଆଳଟାଏ ବାହାରିଆସି ଚଇତା ଆଗେ ଆଗେ ଦଉଡ଼ି ପଳାଇଲା । ଚଇତା ଚମକି ପଡ଼ିଲା । ଗାଁ ଭିତରେ ପଶିଲା

ବେଳକୁ ତାକୁ ଯେପରି ମାଡ଼ ମାଡ଼ ପଡ଼ିଲା । କେହି ଗୋଟାଏ ଲୋକ ଦିଶୁନାହିଁ—ଖାଲି ଖାଁ ଖାଁ ଗୋଡ଼ଉଛି ।

କିଛି ବାଟ ଆସିଲା ପରେ କୁସୁନ ମଲିକ ସଙ୍ଗରେ ଚଇତାର ଭେଟ ହେଲା । କୁସୁନ ମଲିକ—ଜାତିରେ କଣ୍ଡରା ହେଲେ କଣ ହେଲା—ଭାରି ଭଲ ଲୋକ । ଗାଁରେ ସମସ୍ତେ ତାକୁ ଆଦର କରନ୍ତି । କହନ୍ତି କୁସୁନଆ ପରି ଲୋକଟାଏ ମିଳିବ ନାହିଁ । ଚଇତାର ଭଙ୍ଗା ଦୁର୍ବଳ ଶରୀରକୁ ଦେଖି କୁସୁନଆ ଦୋ ଦୋ ଚିହ୍ନା ହେଲା । ଟିକିଏ ପରେ କହିଲା, ଆରେ ଚଇତା ଭାଇକି ମୁଁ ଚିହ୍ନି ପାରୁ ନାହିଁ । ଓଳିକି ସାଆଁତେ । ଚଇତା କୁସୁନଆକୁ ଦେଖି ପଚାରିଲା, କୁସୁନଆଁ, ଗାଁ ଖବର ସବୁ ଭଲତ ? ମୋ ବାପା କିମିତି ଅଛି ? କୁସୁନଆ ଚଇତା କଥା, ଶୁଣି କହିଲା, ଗାଁ ଖବର ଆଉ କଣ ପଚାରୁଚ ଚଇତା ଭାଇ—ହଇଜାରେ ଅଧେ ଲୋକ ମରି ଯାଇଚନ୍ତି—ଗାଁ ଖାଲି । ତମେତ ଆସିଲ ନାହିଁ । କୁଆଡ଼େ ରହିଲ—ଘର ଦୁଆର ଏ ଗାଁ ମାଟିକୁ ଭୁଲି ନଥି ସାଆନ୍ତେ ବ ତମକୁ ଝୁରି ଝୁରି ମରଣକୁ ସଦାଦିନେ ଡାକୁ ଥିଲେ । ସେବି ହଇଜାରେ ଆମ ସେଇ ମଶାଣି ଭୂଇଁରେ ଶୋଇଲେଣି ଆଜିକୁ ପଚଶଦିନ ହେବ—ନଯୋଡ଼ ନଦରେ ।

କୁସୁନଆ କଥା ଶୁଣି ଚଇତା ହାତରୁ ଗଣ୍ଠିରି ଖସି ପଡ଼ିଲା । ତଳେ ବସି ପଡ଼ି ଭୋ ଭୋ ହୋଇ କାନ୍ଦି ଉଠିଲା । କହିଲା, କୁସୁନଆ ସତେ କଣ ମୁଁ ଆଉ ବାପାକୁ ପାଇବି ନାହିଁ । ଚଇତା ଅଥୟ ହୋଇ କାନ୍ଦି କାନ୍ଦି ତଳେ ଲୋଟିଲା । ଚଇତାର ଦୁଃଖ ଦେଖି କୁସୁନଆ ଆଖିରୁ ଝରିଲା ଲୁହ ।

ଚଇତାର କାନ୍ଦଣା ଶୁଣି ଗାଁ ଲୋକ ଦଉଡ଼ି ଆସି ସବୁ ଜମା ହୋଇ ଗଲେ । ସମସ୍ତେ କହିଲେ, ଆଉ ଟିକଏ ଆଗରୁ ଆସିଲୁ ନାହିଁରେ ଚଇତା—ଟିକଏ ବାପାକୁ ହେଲେ ପାଣି ଦେଇ ଥାନ୍ତୁ । ଚଇତାର ବେଦନାରେ ଗଛଲତା, ପଶୁପକ୍ଷୀ, ପାଣି, ପବନ, ମାଟି, ମଣିଷ ଉଦାସୀନ ହୋଇ ପଡ଼ିଲେ । ଗୃହଆଡେ ଅଶ୍ରୁ ମଉଳା ଜୀବନରେ ଖାଲି ଗୋଟାଏ କରୁଣ ହାହାକାର ଖେଳି ବୁଲିଲା ।

ଖବର ପାଇ ନନ୍ତଆ ଦଉଡ଼ି ଆସିଲା । ନନ୍ତଆକୁ ଦେଖି ଚଇତା କୁଣ୍ଢେଇ ପକେଇ ଆହୁରି କାନ୍ଦିଲା । ନନ୍ତଆ କେତେ ବୁଝାଇ ଚଇତାକୁ ଶାନ୍ତ କଲା । ଚଇତା ପଚାରିଲା, ନନ୍ତଆ କନକ କୋଉଠି ଅଛିରେ ? ନନ୍ତଆ କହିଲା, ତୋ ବାପ ମଲାପରେ— ତାଙ୍କ ବାପଘର ଲୋକ ଆସି ନେଇ ଯାଇଛନ୍ତି—ତୋ ପୁଅ ସେଇଠି ଅଛି । କନକର ପୁଅ ହୋଇଛି—ହଠାତ୍ ଚଇତା ଚମକି ପଡ଼ିଲା—ଜଳି ଉଠିଲା ଅତୀତର ପାଶୋରା ସ୍ମୃତି । ଦିନେ ବାପା ଚିଠି ଲେଖିଥିଲେ, ଚଇତା ତୋର ପୁଅ ହୋଇଛି । ଆଗରେ ଏକୋଇଶା—ନିଶ୍ଚେ ଥରୁଟିଏ ହେଲେ ଆସିବୁ । ମାଧବୀ ସ୍ୱପ୍ନରେ ବିଭୋର ଥାଇ ସେ ଦିନ ବାପାଙ୍କ ଚିଠିକୁ ଭାବିଥିଲି ଭୁଲ —ମିଥ୍ୟା । ମୋତେ ଘରକୁ ନେବାକୁ ବୃଥା ଛଳନା । ଚିଠିକୁ ହସି ହସି ଚିରି ଟିକି ଟିକି କରି ଉଡ଼େଇ ଦେଇଥିଲି ।

ଆଜି ନନ୍ତଆ କଥା ଶୁଣି ଭାବିଲା ବାପା ତାର ମିଥ୍ୟା ନୁହେଁ—ଧ୍ରୁବ ପରି ସତ୍ୟ । ଭ୍ରାନ୍ତ ସେ ନିଜେ—ମରଣ ପରି ଅସ୍ପଷ୍ଟ । ଜୀବନ ଉପରେ ତାର ଚେତନାର ସ୍ପନ୍ଦନ ଖେଳିଗଲା ।

—ପରବାସୀ— —ଶଏନଅ—

କଣ ଭାବୁଚ ଚଇତା ଭାଇ, ଘରକୁ ଚାଲ । ଚଇତା ହସିଲା ମଳିନ-ଅଶ୍ରୁ ଧୂଆ ହସ । କହିଲା, କୁଆଡେ ଯିବାରେ ନତିଆ—ସେଇ ଖାଲି ଘର ଦେଖିବାକୁ । ନାଁ ନାଁ ମୁଁ ସେଠିକି ଯିବନାହିଁ ଯାଉଚି କନକ କତିକି । ତାକୁ ନ ଦେଖିଲେ ମୁଁ ଆଉ ବଞ୍ଚିପାରିବ ନାହିଁ । ନତିଆ ଯେତେ ବୁଝାଇଲା, ଚଇତାଭାଇ ଆଜିକି ଆମ ଘରେ ରୁହ । ଟିକିଏ ଦମ ନେଇ କାଲି ପଚ୍ଛେ ନୂଆବୋଉଙ୍କ କତିକି ଯିବ —ମଧୁଆକୁ ଦେଖିବ । ଚଇତା ବୁଝିଲା ନାହିଁ । ସେ ଏଇକ୍ଷଣି ଯିବ —ଏକ ଜିଦ୍ ।

ଚଇତା ଉଠିଲା । ଆଗରେ ତାର ପଥ—କନକ ଡାକୁଚି । ସେ ଚାଲିଲା ତାର ଶ୍ୱଶୁର ଘର ପାଠପୁର ଗାଁ ଆଡେ । ନତିଆ ପଛରୁ କହିଲା, ନୂଆବୋଉଙ୍କୁ ନେଇ ଏଇ ଗାଁ ଭୂଇଁକି ଚଞ୍ଚଳ ଫେରି ଆସିବ ଚଇତା ଭାଇ—ଡେରି କରିବ ନାହିଁ ।

× × ×

ନଧି ପଧାନ ମଲାପରେ କନକକୁ ତାର ବାପା ନେଇ ଆସିଥିଲା—ଝିଅ ତାର ସୁଖରେ ରହିବ । ଝୁରି ଝୁରି କ୍ଷୀଣ ହୋଇ ଯାଇଥିବା ଶୁଖିଲା ଦେହରେ ତାର ଜୀବନ ପଶିବ । ଦର ମଉଳା ମୁହଁରେ ତାର ହସ ଝଟିକିବ । କିନ୍ତୁ ବାଇଜୁ ରାଉତର ସେ ସ୍ୱପ୍ନ ଗୁଇ ପରି ମିଳାଇଗଲା—ଗୋଟାଏ ଦୁଃଖ ମିଶା ଖଇଫୁଟା ଖରାର ଶୁଖିଲା ପରଶରେ ।

—ଶଏଦଶ— —ପରବାସୀ—

କନକ ଖାଲି ତାର ସ୍ୱାମୀ, ଶାଶୁ ଶ୍ୱଶୁରଙ୍କୁ ଝୁରି ଝୁରି ଦିନକୁ ଦିନ ପୋଡ଼ାକାଠ ପରି ଦିଶିଲା । ବାପ, ମା ଯେତେ ବୁଝାଇଲେ, ଦିନ ସବୁଦିନ କଣ ସମାନ ଥାଏ । ଅନ୍ଧାର ପରେ ଆଲୁଅ ଆସେ—ସିମିତି ଦୁଃଖପରେ ସୁଖ ଆସିବ । ଆଖିରୁ ଲୁହ ପୋଛିଦେ । ଦେଖ, ଜୀବନର ଅଶ୍ରୁ ତଳେ ବିଗତ ଦିନର ସବୁ ଦୁଃଖ ଯାଇଚି ଲିଭି । କନକ କିଛି ବୁଝେନା—ଖାଲି କାନ୍ଦେ ।

ଭାବି ଭାବି ଜରରେ ପଡ଼ିଲା । ବରଜୁ ରାଉତ ଜୀବନର ସବୁ ସୁଖ ସୁଆଦ ପଛରେ ପକେଇ ଝିଅ ପାଇଁ କେତେ ଯତ୍ନ କଲା । ସେ ଭଲ ହେବ—ଘର କରିବ । କିନ୍ତୁ ସବୁ ଚେଷ୍ଟା, ସବୁ ଯତ୍ନକୁ ବ୍ୟର୍ଥ କରି କନକ ଆଉ ରୋଗ କବଳରୁ ଉଠିଲା ନାହିଁ ।

ସେଦିନ ରାତି ଘଡ଼ିଏ ବେଳକୁ ଚଇତା ପହଞ୍ଚିଲା । ଚଇତାକୁ ଦେଖି ଶାଶୁ, ଶଶୁର ତାର ହୋ ହୋ ହୋଇ କାନ୍ଦି ଉଠିଲେ । କନକ ସେତେବେଳକୁ ମରଣର ଦ୍ୱାର ନିକଟରେ । ଚଇତା ଦଉଡ଼ିଗଲା । କନକକୁ ଜାବୁଡ଼ି ଧରି କହିଲା, କନ ମୁଁ, ଫେରି ଆସିଚି । କନକ ଖାଲି ବ୍ୟର୍ଥତାର କରୁଣ ଆଖିରେ ଅନାଇ ଶେଷ ହସ ଟିକିଏ ହସି ଅସ୍ପଷ୍ଟ ସ୍ୱରରେ କହିଲା, ବ—ଡ଼—ଡ଼େ—ରି—ରେ । ଆଉ କିଛି କହିପାରିଲା ନାହିଁ । ବେକଟା ତାର ମୋଡ଼ି ହେଇ ତକିଆ ତଳକୁ ଗଡ଼ି ପଡ଼ିଲା । ସବୁ ଶେଷ । ଚଇତା ହୋ ହୋ ହେଇ ରଡ଼ି ଛାଡ଼ିଲା ।

ପାଟପୁର ଗାଁ ମଶାଣୀରେ କନକକୁ ଚିରଦିନ ପାଇଁ ଶୋଇ ଦେଇ ଆସିଲେ । ଚଇତା ପାଗଳ ପରି ସେଇ ମଶାଣି ଆଡ଼କୁ ଛୁଟିଲା—

—ପରବାସୀ— —ଶଏଏଗାର—

ଡ଼ାକ ଡାକ କନକ ! କନକ । ଗାଁ ଲୋକ ପଛରେ ତାର ଦଉଡ଼ିଲେ ତାକୁ ଫେରାଇ ଆଣିବାକୁ ।

ଯେ ଯ ଏ ହଗଦ୍ଧଜା ସେଇ ନିବୁଜ ରାଇଜକୁ, ସେ ଆଉ ପୁଣିଥରେ ଫେରେ ନାଁରେ ଚଇତା— ସେ ଆଉ ପୁଣି ଥରେ ଫେରେନା ।

—ଶଏବାର — —ଶରବାସୀ—

—୧୫—

ଦିନ ଆସି ଘଡ଼ିଏ ହେଲଣି । ଚାରିଆଡ଼େ ବିଛୁଡ଼ି ହୋଇ ପଡ଼ିଲାଣି କଅଁଳ ଆଲୁଅ । ନଡ଼ିଆ ଗଛ ପତର ଉପରେ ସୂର୍ଯ୍ୟ କିରଣ ପଡ଼ି ଚକ୍ ଚକ୍ କରୁଛି । କାଉଟା କା କା କରି ଘର ମଥାନ ଉପରେ ରାବ ଛାଡ଼ୁଛି ।

ନଟିଆ ବେଲାଏ ପଖାଳ ନେଇ ଖାଇ ବସିଛି । ନୟୂନା କଡରେ ବସିଛି । ମଝିରେ ମଝିରେ କେତେ ସୁଖ ଦୁଃଖର କଥା ଚାଲିଛି । ହଠାତ୍ ଚଇତା ଯାଇଁ ଘର ଭିତରେ ପହଞ୍ଚିଲା । କୋଳରେ ତାର ଶିଶୁ । ଚଇତାକୁ ଦେଖି ନଟିଆ ନୟୂନା ଦୁହେଁ ଉଠି ଛିଡ଼ା ହେଲେ । ନୟୂନା ଟିକେ ଲାଜକରି ଆଡ଼ ଆଡ଼ ହେଲା । ନଟିଆ ମୁହଁଟା ଧୋଇ ପଚାରିଲା, ଚଇତା ଭାଇ, ତମେ ଏକଲା— ନୂଆବୋଉ କାହିଁ ?

ଚଇତା ଆଖିରେ ଲୁହର ଝର ଝର ମେଘ । ନୟୂନା କହିଲା, ଚଇତା ଭାଇ ତମେ କାନ୍ଦୁଛ ?

ଚଇତା କହିଲା, ହଁ ନୟୂନ ମୁଁ କାନ୍ଦୁଛି । ବାପା ଯାଇଛି— କନକ ବି ମରି ଯାଇଛି—ଆଉ ରହିଲା ଏଇ ହତଭାଗା ମା ଛେଉଣ୍ଡ ସନ୍ତାନ । ନଟିଆ ନୟୂନା ଦୁହେଁ ଚମକି ପଡ଼ିଲେ । ନୂଆବୋଉ ମରି ଯାଇଛି—ଆଖିରୁ ତାଙ୍କର ଝରି ପଡ଼ିଲା ଲୁହ ।

—ପରବାସୀ— —ଶେଷ ହେଲ—

ଚଇତା କହିଲା, ନୟୂନ, ଏ ହତଭାଗା ମା ଛେଉଣ୍ଡକୁ ତୁ ରଖ । ଆକୁ ମଣିଷ କର । ତୁ ଆକୁ ପାରିବୁ ନୟୂମା—ଏ ମୋର ବିଶ୍ୱାସ ଅଛି । ବୋଉ ଯାଇଚି—ବାପା ଯାଇଚି । କନକ ବି ଗଲା । ଏଥର ଏ ହତଭାଗାକୁ ତୋ ହାତରେ ଦେଲେ ମୋର ଛୁଟି—ମୁଁ ବି ଯିବି । ନଣ୍ଡିଆ ପଚାରିଲା, କୁଆଡ଼େ ଯିବ ଚଇତା ଭାଇ ? ଯୁଆଡ଼େ ଇଚ୍ଛା ସେ ଆଡ଼େ ଚାଲିଯିବି । ଆଉ ଏ ନିର୍ଲଜ ଜୀବନକୁ ନେଇ ଏଠିକି ଫେରି ଆସିବି ନାହିଁ । ଆକୁ କୋଳରେ ରଖ ନୟୂମା । ନୟୂମା ମଧୁଆକୁ କୋଳକୁ ନେଲା ।

ନଣ୍ଡିଆ କହିଲା, ଚଇତା ଭାଇ, ଏଇ ଗାଁ ମାଟିରେ ତମେ ମଣିଷ ହୋଇଚ । ଏଇ ଗାଁ ମାଟିରେ ତମର ପୂର୍ବ ପୁରୁଷ ଆସିଚନ୍ତି—ପୁଣି ଯାଇଚନ୍ତି । ସେଇ ମାଟି ପଡ଼ିଚି । ସେଇ ମାଟିରେ ତମର [illegible] ତମକୁ ମଣିଷ କରି ଆଖି ବୁଜିଚନ୍ତି, ତମେ ମଣିଷ ହୋଇଚ । ବାପାଙ୍କର ନାଁ ରଖିବ—ଘର କରିବ । କିନ୍ତୁ ତମେ ଆଜି ଯିବ କୁଆଡ଼େ । ତମ ବାପାଙ୍କର ଇଚ୍ଛା ପୂରି ନାହିଁ । ମଲାବେଳେ ସେ ମନ ଖୋଲି ହସି ହସି ମରି ପାରି ନାହାନ୍ତି । ତମେ ଆଜି ପୁଣି ନୂଆ କରି ଘର କଲେ—ସେ ସ୍ୱର୍ଗରେ ଥାଇ ବି କେତେ ଖୁସି ହେବେ ।

ଚଇତା କହିଲା, ମୁଁ ଦୁର୍ବଳ ନଣ୍ଡିଆ । ଆଉ ମୋର ଦୁନିଆରେ ଅଛି କିଏ ? ମିଛରେ କାହିଁକି ତୁଚ୍ଛା ଅହମିକାରେ ପଡ଼ି ରହିବି ?

ନଣ୍ଡିଆ କହିଲା, କିଏ ନାହିଁ । ଅଛି ତୋର ପୁଅ ମଧୁଆ—ଯାକୁ ଲୋକେ କେତେ ପୁଣ୍ୟ କରି ଲୋଡ଼ିଲେ ବି ପାଉ ନାହାଁନ୍ତି । ଅଛି ତୋର ଘର ଦୁଆର—ପିତୃ ପୁରୁଷର ମାଟି—ଆଉ ସୁନା ପରି ଜମି ମାଣେ । ଏଣିକି ଦେଖ ଚଇତା, ତୋର ସେଇ ଶ୍ରେଷ୍ଠ ଶ୍ରେଷ୍ଠ

ଧାନ କଆର କମିତି ଏତେ ଦିନ ପରେ ତୋତେ ଦେଖି ହସି
ଉଠୁଚନ୍ତି—ଆଜି ତୋତେ ହାତ ଠାରି ଡାକୁଚନ୍ତି । ତୁ ମାଟିର
ଡାକ ଏଡ଼ି ଦେଇ ପାରିବୁ । ଚଇତା ଆଖି ଆଗରେ ଭାସି
ଉଠିଲା, ସକାଳର ସୁରୁଯ ଉଠୁଚି—ଗହଳିଆ ଝୁଙ୍କା ବରଗଛ



...ଥାନରୁ । କେତେ ଜାତିକା ଚଢ଼େଇ ଉଡ଼ି ବୁଲୁଚନ୍ତି । ସେ ମାଟି
...ଙ୍ଗରେ ମିଶି ଖଟୁଚି । ଧାନ ଗଛ ଉପରେ ପବନ ପହଁରି ପହଁରି
...ଳୁଚି । ମାଟିରେ ତାର ସୁନା ଫଳୁଚି । ବିଦେଶର ସେଇ
...ଳଘରଠାରୁ କି ଆରାମ ଲାଗୁଚି ଏଇ ଗାଁ ମାଟି । ନାହିଁ ଏଠି
ଲିକର ନାଲି ଆଖି—କଟୁ ବଚନ । ଆସୁ ନାହିଁ ଭାସି ପବନ

-ପରବାସୀ—

—ଶଏ ପନ୍ଦର—

ସାଥିରେ ମାଟିଆ ବୁରୁଜର ସେଇ କୁଲବସ୍ତିରୁ ପଶୁ ଗନ୍ଧ । ନାହିଁ ଏଠି ମଶାର ଜଙ୍ଗଲ । ସେ ଖଟୁଛି—ଖାଉଛି—ବେଶ୍ ସୁଖରେ ଅଛି । ମଧୁଆ ତାର ମଣିଷ ହେଉଛି । ବାପା ତାର ହସି ହସି କହୁଛି, ଚଇତା ମୋର ଫେରି ଆସିଛି ଏଇ ଗାଁ ଭୂଇଁକୁ—ପଧାନ ବଂଶର ଦୀପ ଲିଭି ନାହିଁ—କହୁଛି । ମଧୁଆର ଢନୁ ଢନୁ ଖେଳ ଦେଖି କନକ ଦୂରରେ ହସୁଛି । କହୁଛି, ତମେ ମୋତେ ଭୁଲି ଯାଇ ନାହିଁ ସ୍ୱାମୀ······ମରିଗଲା ପରେ ବି ତମେ ମୋତେ ସ୍ମୃତିର ଦେଉଳ ତୋଳି ବଞ୍ଚାଇ ରଖିଛ । ସେଇଟା ମୋର ସ୍ୱର୍ଗ, ସେଇ ମୋର ଶାନ୍ତି ।

ଚଇତା ନତିଆକୁ ଆବେଗରେ କୁଣ୍ଢାଇ ପକାଇ କହିଲା, ମୁଁ ରହିବିରେ ନତିଆ—ରହିବି । ଆରେ ଏଇ ଗାଁ ମାଟିର ଡାକ ନ ଶୁଣି ମୁଁ ଯିବି କୁଆଡ଼େ । ବାପା, ବୋଉ, କନକର ସ୍ମୃତି ଏଇ ଗାଁ ମାଟି ସାଙ୍ଗରେ ମିଶି ରହିଛି । ଏଇ ଗାଁରେ ବାପା ମୋତେ ବଡ଼ କରିଛି । ଦରକାର ନାହିଁ ମୋର ଦୂର ପରବାସ—ଦରକାର ନାହିଁ ମୋର ଧନ ଦଉଲତ । ମୁଁ ଏଇଠି ରହିବି—ପଧାନ ବଂଶର ନାଁ ରଖିବି । ମୁଁ ରହିବି ନତିଆ ରହିବି—କୁଆଡ଼େ ଯାଇ ପାରିବି ନାହିଁ । ନତିଆ, ନୟନମା ଆଖିରୁ ଧାର ଧାର ଆନନ୍ଦର ଅଶ୍ରୁ ଝରି ପଡ଼ିଲା ।

ଚଇତା ଦେଖିଲା, ଅତୀତର ସବୁ ଦୁଃଖ ଅନ୍ଧକାର କାଟି ସୁଖର ନୂଆ ସୂର୍ଯ୍ୟ ଦୀପ ଜଳି ଉଠୁଛି । ଆଲୁଅର ଶୀତଳ ଅମୃତ ପରଶ ଜୀବନକୁ କରୁଛି ସ୍ନିଗ୍ଧ—ସରସ—ସୁନ୍ଦର ।

କବିତାଭବନ, କଟକ
ରାତି ସାଢ଼େ ଦଶଟା
ତା ୨୫ । ୮ । ୫୧

ଶୁକଦେବ ସାହୁ